ଆଠ ପୃଷ୍ଠା
ମୂଲ୍ୟ : ₹ ୫.୦୦
ବର୍ଷ-୨୦, ସଂଖ୍ୟା: ୨୧୪
୧୦ ଜାନୁଆରୀ, ୨୦୨୬ ଶନିବାର
ଭୁବନେଶ୍ୱର

# ଓଡ଼ିଶା ଏକ୍ସପ୍ରେସ୍

ସର୍ବେ ଭଦ୍ରାଣି ପଶ୍ୟନ୍ତୁ...

8 Pages
Price ₹ 5.00
Vol. 20, Issue No. : 214
10th January, 2026 Saturday
Bhubaneswar

ODISHA EXPRESS
SIGHTS TRUTH WRITES TRUTH
ଠିକ୍ ଦେଖେ ଠିକ୍ ଲେଖେ

Website : www.odishaexpress.in E-mail : odishaexpress@gmail.com RNI Regd. No. ODIODI/2006/23033 Postal Regd. No. : BN/169/13-15 ଭୁବନେଶ୍ୱର ଏବଂ କେନ୍ଦ୍ରାପଡ଼ାରୁ ଏକସଙ୍ଗେ ପ୍ରକାଶିତ

### ନୀତି ବାଣୀ

**ନ ବୈ ଭିନ୍ନା ଜାତୁ ଚରନ୍ତି ଧର୍ମଂ ନ ବୈ ସୁଖଂ ପ୍ରାପ୍ନୁବନ୍ତୀହ ଭିନ୍ନା**
**ନ ବୈ ଭିନ୍ନା ଗୌରବଂ ପ୍ରାପ୍ନୁବନ୍ତି ନ ବୈ ଭିନ୍ନାଃ ପ୍ରଶମଂ ରୋଚୟନ୍ତି**

ପରସ୍ପର ମଧ୍ୟରେ ଭେଦଭାବ ସୃଷ୍ଟିରେ ନିପୁଣ ବ୍ୟକ୍ତିମାନେ କଦାପି ଧର୍ମ ଆଚରଣ କରିପାରନ୍ତି ନାହିଁ କିମ୍ବା ସୁଖ ଲାଭ କରିପାରନ୍ତି ନାହିଁ । ସେମାନେ କୌଣସି ପ୍ରକାର ଗୌରବ ଅର୍ଜନ ମଧ୍ୟ କରିପାରନ୍ତି ନାହିଁ । ଶାନ୍ତି ପ୍ରଦାୟକ କଥାବାର୍ତ୍ତା ସେମାନଙ୍କ ପକ୍ଷେ ରୁଚିକର ହୋଇନଥାଏ।

## ରାଜ୍ୟ କ୍ୟାବିନେଟ୍‌ରେ ୧୧ଟି ପ୍ରସ୍ତାବକୁ ଅନୁମୋଦନ

# ରାସନକାର୍ଡ ପାଇଁ ଆୟସୀମା ବୃଦ୍ଧି

**ଭୁବନେଶ୍ୱର,୯।୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ ବୈଠକରେ ପର୍ଯ୍ୟଟନ ନୀତିରେ ସଂଶୋଧନ ସହ ରାସନ କାର୍ଡ ପାଇଁ ଆୟସୀମାକୁ ବୃଦ୍ଧି ପ୍ରସ୍ତାବକୁ ଅନୁମୋଦନ ମିଳିଛି । ସେହିପରି ଓଡିଶାରେ ସୋଲାର ସେଲ୍ ମାନ୍ୟୁଫାକଚରିଂ ପ୍ଲାଣ୍ଟ ନିର୍ମାଣ କରିବ ଟାଟା ପାୱାର। ପ୍ରାୟ ୧୦ହଜାର କୋଟି ଟଙ୍କା ବ୍ୟୟରେ ଏହି ପ୍ରକଳ୍ପ ଦ୍ୱାରା ୫ହଜାରରୁ ଅଧିକ ପ୍ରତ୍ୟକ୍ଷ ଓ ପରୋକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ରାଜ୍ୟ କ୍ୟାବିନେଟ୍ ଆଜି ଏହି ପ୍ରସ୍ତାବକୁ ଅନୁମୋଦନ କରିବା ସହ ମୋଟ ୮ଟି ବିଭାଗର ୧୧ଟି ପ୍ରସ୍ତାବକୁ ମଧ୍ୟ ମଞ୍ଜୁରୀ ଦେଇଛନ୍ତି। ଏହି ବୈଠକ ପରେ ମୁଖ୍ୟ ସଚିବ ଅନୁ ଗର୍ଗ ଗଣମାଧ୍ୟମକୁ କ୍ୟାବିନେଟ୍ ନିଷ୍ପତ୍ତି ସମ୍ପର୍କରେ ସୂଚନା ଦେଇଥିଲେ।

ରାସନକାର୍ଡ ପାଇଁ ଯୋଗ୍ୟତା ମାନଦଣ୍ଡରେ ପରିବର୍ତ୍ତନ ହୋଇଛି ଓ ହିତାଧିକାରୀଙ୍କ ଆୟସୀମା ବୃଦ୍ଧି ପ୍ରସ୍ତାବକୁ କ୍ୟାବିନେଟ୍ ମଞ୍ଜୁରୀ ମିଳିଛି। ରାସନକାର୍ଡରୁ ବାଦ୍ ଦେବା ମାନଦଣ୍ଡରେ ପରିବାରର ମାସିକ ଆୟ ଗ୍ରାମାଞ୍ଚଳରେ ମାସିକ ଆୟ ୧୦ହଜାର ଟଙ୍କା ବଦଳରେ ୧୫ହଜାର ଟଙ୍କା ଓ ସହରାଂଚଳରେ ୧୫ହଜାର ପରିବର୍ତ୍ତେ ୨୦ହଜାର ଟଙ୍କା ସ୍ଥିର କରାଯାଇଛି। ଏହାଦ୍ୱାରା ଅନେକ ପ୍ରକୃତ ହିତାଧିକାରୀ ରାସନକାର୍ଡ ସୁବିଧାରୁ ବଂଚିତ ହେବେ ନାହିଁ।

ଗ୍ରାମାଂଚଳରେ ମାସିକ ୧୫ହଜାର ଓ ସହରାଂଚଳରେ ୨୦ହଜାର ଟଙ୍କା ପର୍ଯ୍ୟନ୍ତ ଉପାର୍ଜନ କରୁଥିବା ପରିବାର ଖାଦ୍ୟ ସୁରକ୍ଷା ଯୋଜନାର ସୁବିଧା ପାଇପାରିବେ। ଏଥିସହ ମୃତ ବ୍ୟକ୍ତିଙ୍କ ନାମରେ ରାସନ ଉଠାଇବା ରୋକିବା ପାଇଁ କଠୋର ନିୟମ ଓ ଜୋରିମାନା ବ୍ୟବସ୍ଥାକୁ କଡାକଡି କରାଯାଇଛି। ମୃତ ହିତାଧିକାରୀଙ୍କ ନାମରେ ଜାଲିଆତି କରି ରାସନ ଉଠାଇଲେ ସଂପୃକ୍ତ ପରିବାରଠାରୁ ସାମଗ୍ରୀର ମୂଲ୍ୟ ଦେଢ଼ ଗୁଣ ହାରରେ ଆଦାୟ କରାଯିବାର କଠୋର ବ୍ୟବସ୍ଥା କରାଯାଇଛି।

ସେହିପରି ରାଜ୍ୟରେ ଅକ୍ଷୟ ଶକ୍ତି ଓ ସବୁଜ ଶିଳ୍ପାୟନକୁ ପ୍ରୋତ୍ସାହନ ଦେବା ପାଇଁ ରାଜ୍ୟ କ୍ୟାବିନେଟ୍ ଆଜି ଟାଟା ପାୱାର ନବୀକରଣୀୟ ଶକ୍ତି ଲିମିଟେଡର(ଟିପିଆରଇଏଲ) ଏକ ବୃହତ୍ ସୋଲାର ସେଲ୍ ମାନ୍ୟୁଫାକଚରିଂ ନିର୍ମାଣ ପ୍ରକଳ୍ପକୁ ଅନୁମୋଦନ କରିଛନ୍ତି। ପ୍ରାୟ ୧୦ହଜାର କୋଟି ଟଙ୍କା ପୁଞ୍ଜିନିବେଶ ମାଧ୍ୟମରେ ଗଞ୍ଜାମ ଜିଲ୍ଲାର ଟାଟା ସ୍ୱତନ୍ତ୍ର ଅର୍ଥନୈତିକ କ୍ଷେତ୍ର ଠାରେ ଏହି ସମନ୍ୱିତ ଇନଗଟ୍-ୱେଫର ଓ ସୌର ସେଲ୍ ଉତ୍ପାଦନ ପ୍ରକଳ୍ପ ସ୍ଥାପିତ ହେବ। ଏହି ପ୍ରକଳ୍ପ ଦ୍ୱାରା ୫ହଜାରରୁ ଅଧିକ ପ୍ରତ୍ୟକ୍ଷ ଓ ପରୋକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଏହା କେବଳ ଓଡିଶାର ସୌର ଶକ୍ତି କ୍ଷେତ୍ରକୁ ସୁଦୃଢ଼ କରିବ ନାହିଁ, ବରଂ ୨୦୩୦ ସୁଦ୍ଧା *(ଶେଷ ପୃଷ୍ଠା ଦେଖନ୍ତୁ)*

- ଟାଟା କରିବ ସମନ୍ୱିତ ସୌର ଉତ୍ପାଦନ କେନ୍ଦ୍ର
- ପର୍ଯ୍ୟଟନ ନୀତିରେ ସଂଶୋଧନକୁ ମଞ୍ଜୁରୀ
- ଦକ୍ଷତା ବିକାଶ ପ୍ରକଳ୍ପ-୨କୁ ଅନୁମୋଦନ
- ଆପାର୍ଟମେଣ୍ଟ ମାଲିକଙ୍କୁ ଆଶ୍ୱସ୍ତି




## ପୋଷ୍ୟପୁତ୍ରଙ୍କୁ ଅନୁକମ୍ପାମୂଳକ ନିଯୁକ୍ତି ମିଳିବ

**କଟକ,୯।୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ପୋଷ୍ୟପୁତ୍ରଙ୍କୁ ଅନୁକଂପାମୂଳକ ନିଯୁକ୍ତି ମିଳିପାରିବ। ଏହି ମର୍ମରେ କ୍ୟାଟ ଦେଇଥିବା ଆଦେଶକୁ ହାଇକୋର୍ଟ କାୟାମ ରଖିବା ସହ ଦକ୍ଷିଣ-ପୂର୍ବ ରେଳବାଇ କର୍ତ୍ତୃପକ୍ଷଙ୍କ ଆବେଦନକୁ ଖାରଜ କରିଦେଇଛନ୍ତି । ପ୍ରତିପକ୍ଷ ତଥା ନିଯୁକ୍ତି ଆବେଦନକାରୀ କେ ମନୋଜ ପାତ୍ରଙ୍କୁ ୨ ମାସ ମଧ୍ୟରେ ନିଯୁକ୍ତି ଦେବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ଯଦି ଧାର୍ଯ୍ୟ ସମୟ ମଧ୍ୟରେ ନିଯୁକ୍ତି ଦିଆ ନଯାଏ, ତାହେଲେ ଏହାକୁ ଅତ୍ୟନ୍ତ ଗୁରୁତର ସହ ଗ୍ରହଣ କରାଯିବ ବୋଲି ହାଇକୋର୍ଟ ତାଙ୍କ ଆଦେଶରେ ସ୍ପଷ୍ଟ କରିଛନ୍ତି । କେନ୍ଦ୍ର ସରକାର ତଥା ଦକ୍ଷିଣପୂର୍ବ ରେଳବାଇ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଆଗତ ମାମଲାର ଶୁଣାଣି କରି ହାଇକୋର୍ଟର ବିଚାରପତି ଜଷ୍ଟିସ ଡିକେ ଶ୍ରୀପଦ ଏବଂ ଜଷ୍ଟିସ ଶିବ ଶଙ୍କର ମିଶ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ରାୟ ଦେଇଛନ୍ତି ।

ମାମଲାରୁ ଜଣାଯାଇଛି ଯେ, ରେଳବାଇ ବିଭାଗରେ କେ ସାଧୁପାତ୍ର ଜଣେ ଟେକନିସିଆନ ଭାବେ କାର୍ଯ୍ୟ କରୁଥିଲେ। *(ଶେଷ ପୃଷ୍ଠା ଦେଖନ୍ତୁ)*

## ସ୍ୱର୍ଗଦ୍ୱାର ନିକଟରେ ଛୁରି ଭୁଷି ହତ୍ୟା

**ପୁରୀ,୯।୧: ଏକ୍ସପ୍ରେସ୍ ନ୍ୟୁଜ୍**

ସଂପର୍କୀୟଙ୍କ ଶବଦାହ କରିବାକୁ ପୁରୀ ସ୍ୱର୍ଗଦ୍ୱାର ଆସିଥିଲେ। ହେଲେ ସ୍ୱର୍ଗଦ୍ୱାର ନିକଟରେ ଜଣେ ବ୍ୟକ୍ତି ତାଙ୍କୁ ଛୁରି ଭୁଷି ହତ୍ୟା କରିଦେଲେ। ମୃତ ଯୁବକଙ୍କ ନାଁ ରଞ୍ଜନ ଦାସ। ତାଙ୍କ ଘର ଭଦ୍ରକ ଜିଲ୍ଲା ବନ୍ତ ଥାନା ଆପଣ୍ଡା ଗାଁରେ।



ଗୁରୁବାର ରାତି ପ୍ରାୟ ଗୋଟାଏ ବେଳେ ଘଟିଛି ଏହି ଘଟଣା। ରାତି ପ୍ରାୟ ୧୨ଟା ବେଳେ ରଞ୍ଜନ ଓ ଅନ୍ୟମାନେ ମୃତକଙ୍କ ଶବ ନେଇ ସ୍ୱର୍ଗଦ୍ୱାରରେ ପହଞ୍ଚିଥିଲେ। ଶବଦାହ ଚାଲିଥିବା ବେଳେ ପଇଡର ଆବଶ୍ୟକତା ପଡିଥିଲା। ପଇଡ ଆଣିବା ପାଇଁ ବାହାରି ଯାଇଥିଲେ ରଞ୍ଜନ ଓ ଆଉ ତିନି ଜଣ ଯୁବକ। ଚାରି ଜଣ ଯାକ ବଡ ପାଟିରେ କଥାବାର୍ତ୍ତା ହୋଇ ଯାଉଥିବା ବେଳେ ଚୈତନ୍ୟ ଛକ ନିକଟରେ ରାସ୍ତାକଡରେ ବସିଥିବା ପୁରୀ ବାଲିସାହିର ତନ୍ମୟ ମହାପାତ୍ର ସେମାନଙ୍କୁ ଅଟକାଇଥିଲେ। ସେମାନେ କାହିଁକି ଚିଲ୍ଲାଉଛନ୍ତି ବୋଲି ସେ ପଚାରିଥିଲେ। ଏହାକୁ ନେଇ ତନ୍ମୟଙ୍କ ସହିତ ରଞ୍ଜନ ଓ ଅନ୍ୟମାନଙ୍କର ଯୁକ୍ତିତର୍କ ହୋଇଥିଲା। ସେହି ଯୁକ୍ତିତର୍କ ବେଳେ ତନ୍ମୟ ହଠାତ୍ ଏକ ଛୁରୀରେ ରଞ୍ଜନଙ୍କୁ ଆକ୍ରମଣ କରିଥିଲେ। ସେ ରଞ୍ଜନଙ୍କ ତଣ୍ଟିରେ ଛୁରି ଭୁଷି ଦେଇଥିଲେ। ଘଟଣାସ୍ଥଳରେ ହିଁ ରଞ୍ଜନଙ୍କ ମୃତ୍ୟୁ ଘଟିଥିଲା। ରଞ୍ଜନଙ୍କୁ ମାରିବା ପରେ ତାଙ୍କ ସାଙ୍ଗ ମାନସ ନାୟକଙ୍କୁ ମାରିବାକୁ ଗୋଡାଇଥିଲା ଅଭିଯୁକ୍ତ ତନ୍ମୟ ମହାପାତ୍ର। ଛୁରି ମାଡରେ ମାନସଙ୍କ ଛାତି, ପିଠି ଓ ହାତରେ କ୍ଷତ ହୋଇଛି। ସେ ତନ୍ମୟଙ୍କ ହାତକୁ ଧରି ପକାଇଥିଲେ। ଫଳରେ ତନ୍ମୟ ଆଉ ତାଙ୍କୁ ଛୁରିରେ ଆକ୍ରମଣ କରିପାରି ନଥିଲେ।

ମାନସ କହିଛନ୍ତି, ସଂପର୍କୀୟ ଜେଜେମା'ଙ୍କ ଶବଦାହ କରିବାକୁ ଆମେ ରାତି ୧୨ଟା ବେଳେ ପୁରୀ ସ୍ୱର୍ଗଦ୍ୱାରରେ ପହଞ୍ଚିଥିଲୁ। ଶବଦାହ ବେଳେ ପଇଡ ଦରକାର ହୋଇଥିଲେ। ଆମେ ୪ ଜଣ ପଇଡ ପାଇଁ ଯାଇଥିଲୁ। ସେ ଲୋକଟିକୁ *(ଶେଷ ପୃଷ୍ଠା ଦେଖନ୍ତୁ)*

## ସଡ଼କ ଦୁର୍ଘଟଣାରେ ଆହତ ବ୍ୟକ୍ତିଙ୍କୁ ହସ୍ପିଟାଲରେ ପହଞ୍ଚାଇଲେ ମିଳିବ ୨୫ ହଜାର

**ନୂଆଦିଲ୍ଲୀ,୯।୧: ଏକ୍ସପ୍ରେସ୍ ନ୍ୟୁଜ୍**

କେନ୍ଦ୍ର ପରିବହନ ମନ୍ତ୍ରୀ ନୀତିନ ଗଡକରୀଙ୍କ ଅଧ୍ୟକ୍ଷତାରେ ନୂଆଦିଲ୍ଲୀରେ ପରିବହନ ମନ୍ତ୍ରୀମାନଙ୍କର ଏକ ଜାତୀୟ ସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ସେ କହିଥିଲେ ଯେ ବୈଠକରେ ରାଜ୍ୟ ପ୍ରତିନିଧିମାନଙ୍କ ସହିତ ଦୁଇ ଦିନିଆ ବୈଠକ ହୋଇଥିଲା। ଏହି ବର୍ଷ ୨୭ଟି ରାଜ୍ୟର ପ୍ରତିନିଧିମାନେ ଯୋଗ ଦେଇଥିଲେ। ବୈଠକରେ ଦୁଇଟି ନିଷ୍ପତ୍ତି ନିଆଯାଇଥିଲା: ଗୁଡ ସାମରିଟାନ ପୁରସ୍କାର ଏବଂ ଚିକିତ୍ସା ଜରୁରୀକାଳୀନ ସହାୟତା।

ଗୁଡ ସାମରିଟାନ ପୁରସ୍କାର ଅଧୀନରେ, ଯିଏ ପ୍ରଥମେ ଦୁର୍ଘଟଣା ପୀଡିତଙ୍କୁ ହସ୍ପିଟାଲକୁ ଆଣେ ତାଙ୍କୁ ୨୫,୦୦୦ ଟଙ୍କା ଦିଆଯିବ। ଏହା ସହିତ, ହସ୍ପିଟାଲରେ ଭର୍ତ୍ତି ହୋଇଥିବା ଦୁର୍ଘଟଣା ପୀଡିତମାନେ ପ୍ରଥମ ସାତ ଦିନ ପାଇଁ ଅତି କମରେ ୧.୫ ଲକ୍ଷ ଟଙ୍କା ପାଇବେ।

ଗଡକରୀ କହିଛନ୍ତି ଯେ ଭାରତରେ ଅତି କମରେ ୨୨ ଲକ୍ଷ ପ୍ରଶିକ୍ଷିତ ଡ୍ରାଇଭରଙ୍କ ଅଭାବ ରହିଛି। ଏହି ଅଭାବକୁ ଦୂର କରିବା ପାଇଁ, ଆମେ ୪୪ଟି ଡ୍ରାଇଭର ତାଲିମ କେନ୍ଦ୍ର ପ୍ରତିଷ୍ଠା କରିଛୁ ଏବଂ ଗୋଟିଏ ବର୍ଷ ମଧ୍ୟରେ ଆହୁରି ୮୭ଟି ନିର୍ମାଣ କରିବୁ। ଆମର ଯୋଜନା ହେଉଛି ଏହି କାର୍ଯ୍ୟକ୍ରମକୁ ୧,୦୨୧ କେନ୍ଦ୍ର ଏବଂ ୯୮ଟି ଆଞ୍ଚଳିକ ହବକୁ ବିସ୍ତାର କରିବା।

କେନ୍ଦ୍ର ମନ୍ତ୍ରୀ କହିଛନ୍ତି ଯେ ସ୍ଲିପର ବସରେ ଦୁର୍ଘଟଣା ତଦନ୍ତ ସମ୍ପର୍କରେ ବର୍ତ୍ତମାନ ଆଲୋଚନା *(ଶେଷ ପୃଷ୍ଠା ଦେଖନ୍ତୁ)*

## ୨୮ରୁ ସଂସଦର ବଜେଟ୍ ଅଧିବେଶନ

**ନୂଆଦିଲ୍ଲୀ,୯।୧: ଏକ୍ସପ୍ରେସ୍ ନ୍ୟୁଜ୍**

ସଂସଦର ବଜେଟ୍ ଅଧିବେଶନ ଜାନୁୟାରୀ ୨୮ରୁ ଓ କେନ୍ଦ୍ରୀୟ ବଜେଟ୍ ୧ ଫେବୃଆରୀ ରବିବାର ଉପସ୍ଥାପନ ହୋଇପାରେ। ସଂସଦୀୟ ବ୍ୟାପାର କ୍ୟାବିନେଟ୍ କମିଟି ଦ୍ୱାରା ନିର୍ଦ୍ଧାରିତ ସମ୍ଭାବିତ କାର୍ଯ୍ୟକ୍ରମର ସୂଚନା ଦେଇ ଅଧିକାରୀମାନେ ଶୁକ୍ରବାର ଏହା କହିଛନ୍ତି। ଜଣେ ଅଧିକାରୀ କହିଛନ୍ତି ଯେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଜାନୁୟାରୀ ୨୮ ତାରିଖ ଦିନ ସଂସଦରେ ଉଭୟ ସଦନର ସଂଯୁକ୍ତ ବୈଠକକୁ ସମ୍ବୋଧିତ କରିବେ।

ବର୍ଷର ପ୍ରଥମ ଅଧିବେଶନର ପ୍ରଥମ ଦିନ ସାଧାରଣତଃ ରାଷ୍ଟ୍ରପତିଙ୍କ ପାରମ୍ପରିକ ଅଭିଭାଷଣ ସହ ଆରମ୍ଭ ହୋଇଥାଏ। ତେବେ ବିଟିଂ ରିଟ୍ରିଟ ସମାରୋହ ଯୋଗୁ ଜାନୁୟାରୀ ୨୯ ତାରିଖ ଦିନ ସଂସଦର ଉଭୟ ସଦନରେ ବୈଠକ ହେବ ନାହିଁ। ହେଲେ ପରବର୍ତ୍ତି ବୈଠକ ଜାନୁୟାରୀ ୩୦ ତାରିଖରେ ହେବାକୁ ଥିବା ବେଳେ ଏହି ଦିନ ସଂସଦରେ ଆର୍ଥିକ ସର୍ଭେକ୍ଷଣ ରିପୋର୍ଟ ଉପସ୍ଥାପନ ହେବ। ଏହା ପରଦିନ ଅର୍ଥାତ ୩୧ ଜାନୁୟାରୀରେ ଉଭୟ ସଦନର ବୈଠକ ହେବ ନାହିଁ। ତେବେ ୧ ଫେବୃଆରୀ ରବିବାର ଦିନ ସଦନରେ ଅର୍ଥମନ୍ତ୍ରୀ ବାର୍ଷିକ ବଜେଟ୍ ଉପସ୍ଥାପନ କରିପାରନ୍ତି। ରାଷ୍ଟ୍ରପତିଙ୍କ ଅଭିଭାଷଣ ଓ କେନ୍ଦ୍ରୀୟ ବଜେଟ୍ ଉପରେ ଧନ୍ୟବାଦ ପ୍ରସ୍ତାବ ଚର୍ଚ୍ଚା ପରେ ସଂସଦର ବୈଠକ ଫେବୃଆରୀ ୧୩ ତାରିଖ ଦିନ ପାଖାପାଖି ୧ ମାସ ଅବକାଶ ପାଇଁ ସ୍ଥଗିତ ହୋଇପାରେ। ପରେ ସଂସଦର ଦ୍ୱିତୀୟ ଅଧିବେଶନ ମାର୍ଚ୍ଚ ୯ ତାରିଖରେ ଆରମ୍ଭ ହେବ। ଏହି ଅଧିବେଶନ ୨ ଏପ୍ରିଲ ଗୁରୁବାର ସମାପ୍ତ ହେବ। ଅଧିକାରୀମାନେ କହିଛନ୍ତି ଯେ ସାଧାରଣତଃ ସଂସଦ ଶୁକ୍ରବାରକୁ ବନ୍ଦ ରହେ। ତେବେ ୩ ଏପ୍ରିଲ ଗୁଡଫ୍ରାଇଡେ ଓ ଏହା ପରେ ସପ୍ତାହନ୍ତକୁ ଧ୍ୟାନରେ ରଖି ଅଧିବେଶନ ଏପ୍ରିଲ ୨ ତାରିଖରେ ସମାପ୍ତ ହୋଇପାରେ।

## କୁରାଢ଼ୀ ଚୋଟରେ ପୁଅର ମୃତ୍ୟୁ

**ଠାକୁରମୁଣ୍ଡା,୯।୧: ଏକ୍ସପ୍ରେସ୍ ନ୍ୟୁଜ୍**

ବାପାର କୁରାଢ଼ୀ ଚୋଟରେ ପୁଅର ମୃତ୍ୟୁ ହୋଇଛି। ଏପରି ଲୋମହର୍ଷଣକାରୀ ଘଟଣା ଘଟିଛି ମୟୂରଭଞ୍ଜ ଠାକୁରମୁଣ୍ଡା ଥାନା ଅନ୍ତର୍ଗତ ଭରାଣ୍ଡିଆ ଗ୍ରାମରେ। ସେହି ଗ୍ରାମର ଅନାମ ବାଉଁଶିଆ ନିଜ ବଡପୁଅ ତପନ ବାଉଁଶିଆକୁ ଏକ କୁରାଢ଼ୀରେ ହାଣି ହତ୍ୟା କରିବା ପରେ ଥାନାରେ ଆତ୍ମସମର୍ପଣ କରିଛି। ସୂଚନାଥାଉକି ଗତକାଲି ସନ୍ଧ୍ୟା ୯ଘଟିକା ସମୟରେ ବାପା ଅନାମ ବାଉଁଶିଆ ରୋଷେଇ *(ଶେଷ ପୃଷ୍ଠା ଦେଖନ୍ତୁ)*

## କମିବନି ଭକ୍ତ ନିବାସ ପାର୍କିଂ ଫି

**ଭୁବନେଶ୍ୱର,୯।୧**
**ଏକ୍ସପ୍ରେସ୍ ନ୍ୟୁଜ୍**


କମିବ ନାହିଁ ପୁରୀ ଭକ୍ତ ନିବାସ ପାର୍କିଂ ଫି। ଭକ୍ତ ଚାହିଁଲେ ଅନ୍ୟ ପାର୍କିଂରେ ଗାଡ଼ି ରଖି ପାରିବେ। ନିର୍ଦ୍ଧାରିତ ଅନୁସାରେ ସେଇ ୫୦୦ ଟଙ୍କା ହିଁ ରହିବ ପାର୍କିଂ ଫି। ଏନେଇ ସ୍ପଷ୍ଟ କରିଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ। ସେ କହିଛନ୍ତି, ଭକ୍ତ ନିବାସରେ ସ୍ୱଳ୍ପ ମୂଲ୍ୟରେ ଯାତ୍ରୀଙ୍କୁ ରୁମ ଭଡ଼ା ଦିଆ ଯାଉଛି। ବାହାରୁ ଆସୁଥିବା ଅନେକ ଭକ୍ତ ଚାରିଚକିଆ ଗାଡ଼ି ନେଇ ଆସୁନାହାନ୍ତି। ଯେଉଁମାନେ ଚାରିଚକିଆ ଗାଡ଼ି ଆଣି ଆସୁଛନ୍ତି ସେମାନେ ଦିନକୁ ୫୦୦ଟଙ୍କା ପାର୍କିଂ ଫି ଦେବେ। ଅନ୍ୟ ବାହାର ଲୋକେ *(ଶେଷ ପୃଷ୍ଠା ଦେଖନ୍ତୁ)*

# ପିୟୁସିକୁ ନେଇ ସରକାର ଫେଲ୍: ଲୋକେ କଲବଲ

**ଭୁବନେଶ୍ୱର,୯।୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ପ୍ରଦୂଷଣ ପ୍ରମାଣପତ୍ର (ପିୟୁସିସି)କୁ ନେଇ ସରକାରଙ୍କ ଉପରେ ବର୍ଷିଲେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ପ୍ରଦୂଷଣ ସାର୍ଟିଫିକେଟ୍ (ପିୟୁସିସି) କାର୍ଯ୍ୟକାରୀ କରିବାରେ ବିଜେପି ସରକାର ବିଫଳ। ଟ୍ୱିଟ୍ କରି ପରିବହନ ବିଭାଗର ଦୂରଦୃଷ୍ଟି ଅଭାବ ଓ ଅକ୍ଷମତା ନେଇ କଟୁ ସମାଲୋଚନା କରିବା ସହ ଲୋକଙ୍କ ହଇରାଣ ଓ ହରକତକୁ ଦେଖି ଚିନ୍ତା ପ୍ରକଟ କରିଛନ୍ତି ନବୀନ।

ନବୀନ ଲେଖିଛନ୍ତି ଯେ, ରାଜ୍ୟ ସରକାରଙ୍କ ଦ୍ୱାରା ଚାଲିଥିବା ପିୟୁସିସି ପ୍ରକ୍ରିୟାରେ ଘୋର ଅବ୍ୟବସ୍ଥା ଦେଖାଦେଇଛି । ଓଡ଼ିଶାରେ ପ୍ରଦୂଷଣ ନିୟନ୍ତ୍ରଣ ପ୍ରମାଣପତ୍ର (ପିୟୁସି) କାର୍ଯ୍ୟକାରୀ କରିବା କ୍ଷେତ୍ରରେ ବିଜେପି ସରକାରଙ୍କ ପରିଚାଳନା ଅତ୍ୟନ୍ତ ଅବ୍ୟବସ୍ଥିତ ଏବଂ ବାରମ୍ବାର ନିୟମ ପରିବର୍ତ୍ତନ ଓଡ଼ିଶାର ସାଧାରଣ ଜନତାଙ୍କ ପାଇଁ ଅକଥନୀୟ କଷ୍ଟ ଓ ଅସୁବିଧା ସୃଷ୍ଟି କରିଛି। ଜାନୁଆରୀ ୧, ୨୦୨୬ରୁ 'ନୋ ପିୟୁସି, ନୋ ଫ୍ୟୁଏଲ୍' ନିୟମର ହଠାତ୍ ଘୋଷଣା ପରେ ସାରା ରାଜ୍ୟରେ ଥିବା ଟେଷ୍ଟିଂ ସେଣ୍ଟରଗୁଡ଼ିକରେ ପ୍ରବଳ ଭିଡ଼ ଜମିବା ସହ ଲୋକମାନେ ହଇରାଣ ହେଉଥିବା ଦେଖାଦେଇଥିଲା। ବିଜେପି ସରକାର ପର୍ଯ୍ୟାପ୍ତ ପରୀକ୍ଷା କେନ୍ଦ୍ର ନ କରି, ପୂର୍ବ ପରିକଳ୍ପନା ଓ ପ୍ରଚାର-ପ୍ରସାରର ନକରି ଏଭଳି ନିୟମ ଲାଗୁ କରିବା ଅଯୌକ୍ତିକ।



ଜନସାଧାରଣଙ୍କ ଆକ୍ରୋଶର ସମ୍ମୁଖୀନ ହୋଇ ସରକାର ନିଜ ନିଷ୍ପତ୍ତିରୁ ବାରମ୍ବାର 'ୟୁ-ଟର୍ଣ୍ଣ ମାରିଛନ୍ତି। ପ୍ରଥମେ ଏହି ନିୟମକୁ ଫେବୃଆରୀ ୧ କହିଲେ, ତା'ପରେ ମାର୍ଚ୍ଚ ୩୧ ଏବଂ ଶେଷରେ ଏପ୍ରିଲ୍ ୧ ପର୍ଯ୍ୟନ୍ତ କୌଣସି *(ଶେଷ ପୃଷ୍ଠା ଦେଖନ୍ତୁ)*

### ୧୫ ଦିନରେ ଜବାବ ଦେବାକୁ ନୋଟିସ୍

**କଟକ:** ପିୟୁସିସି ପ୍ରସଙ୍ଗରେ ହାଇକୋର୍ଟଙ୍କ ନୋଟିସ। ପରିବହନ ସଚିବ ଏବଂ ଏସଟିଏକୁ ଜବାବ ତଲବ ମାଗିଲେ ହାଇକୋର୍ଟ। ଏମଭି ଆଇନ ଉଲଂଘନ ଅଭିଯୋଗରେ ଦାୟାର ମାମଲାରେ ହାଇକୋର୍ଟ ପକ୍ଷରୁ ନୋଟିସ ଜାରି କରାଯାଇଛି । ୧୫ ଦିନ ମଧ୍ୟରେ ଜବାବ ଦେବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ବିନା ପ୍ରଦୂଷଣ ଯାଂଚରେ ଚାଲାଣ କଟାଯିବାକୁ ବିରୋଧ କରି ହାଇକୋର୍ଟରେ ମାମଲା ହୋଇଥିଲା । ଆସନ୍ତା ୩୦ ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ।

## ଜଣ୍ଡିସ୍‌ରେ ୧୫ରୁ ଉର୍ଦ୍ଧ୍ୱ ଆକ୍ରାନ୍ତ

**କଣାସ,୯।୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ଜଣ୍ଡିସ୍ ଏବେ ଖୋର୍ଦ୍ଧାରୁ ପୁରୀ ଜିଲ୍ଲା କଣାସ ବ୍ଲକକୁ ବ୍ୟାପିଲାଣି। କିଛିଦିନ ତଳେ ଖୋର୍ଦ୍ଧା ନବୋଦୟ ବିଦ୍ୟାଳୟରେ ଜଣ୍ଡିସ୍ ଯୋଗୁ ସ୍କୁଲକୁ ଛୁଟି ଘୋଷଣା କରାଯାଇଥିଲା। ଏବେ ଏହି ରୋଗ କଣାସ ଅଞ୍ଚଳରେ ବ୍ୟାପିଲାଣି। ଏହି ରୋଗରେ ପ୍ରାୟ ୧୫ରୁ ଅଧିକ ଶିଶୁ, ବୟସ୍କ ବ୍ୟକ୍ତି ଆକ୍ରାନ୍ତ ହୋଇଥିବା ଜଣାଯାଇଛି। ଦୋକନ୍ଦା ପଞ୍ଚାୟତ ନୂଆଦୋକନ୍ଦା ଗ୍ରାମରେ ପାନୀୟ ଜଳ ଯୋଗୁ ବ୍ୟାପିଛି ଜଣ୍ଡିସ୍ ରୋଗ। ଗାଁରେ ୧୫ରୁ ଉର୍ଦ୍ଧ୍ୱ ବ୍ୟକ୍ତି ଆକ୍ରାନ୍ତ ହୋଇଛନ୍ତି। ବିଶେଷ କରି ଶିଶୁମାନେ ବେଶୀ ଆକ୍ରାନ୍ତ ହେଉଛନ୍ତି। କିଛିଦିନ ତଳେ ବିମ୍ବାଧର ବେହେରା ନାମକ ଜଣେ ବ୍ୟକ୍ତିଙ୍କର ଜଣ୍ଡିସରେ ମୃତ୍ୟୁ ହୋଇଥିବା ତାଙ୍କ ପରିବାର ଲୋକ ଅଭିଯୋଗ କରିଛନ୍ତି।

ଦୟା ନଦୀ ଜଳ ବିଷାକ୍ତ ହେବା ଜଣ୍ଡିସ୍ ରୋଗର ମୂଳ କାରଣ ବୋଲି କୁହାଯାଉଛି। ଲୋକେ ନଦୀର ଦୂଷିତ ଜଳକୁ ପିଇ ଏହି



ରୋଗରେ ଆକ୍ରାନ୍ତ ହେଉଛନ୍ତି। ଗତବର୍ଷ ବିଷାକ୍ତ ନଦୀ ଜଳ ଯୋଗୁ କଣାସରେ ହଇଜା ବ୍ୟାପି ୧୦ରୁ ଉର୍ଦ୍ଧ୍ୱ ବ୍ୟକ୍ତିଙ୍କର ମୃତ୍ୟୁ ହୋଇଥିଲା। ମେଗା ପାନୀୟ ଜଳ ଯୋଗାଣ ପାଇଁ ପାଇପ୍ ପଡ଼ିଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ଲୋକମାନଙ୍କୁ ପିଇବା ପାଣି ଯୋଗାଣ ହୋଇପାରି ନାହିଁ। ବିଷାକ୍ତ ନଦୀ ଜଳକୁ ଲୋକେ ବ୍ୟବହାର କରୁଛନ୍ତି। ଜଣ୍ଡିସ୍ ଓ ହଇଜା ରୋଗରେ ଆକ୍ରାନ୍ତ ହେଉଛନ୍ତି। ଜଣ୍ଡିସ୍ ରୋଗ ଯୋଗୁ ଗାଁରେ କୋକୁଆ ଭୟ ଖେଳି ଯାଇଛି। ପିଇବା ପାଣି ଯୋଗାଣ ପାଇଁ ଲୋକ *(ଶେଷ ପୃଷ୍ଠା ଦେଖନ୍ତୁ)*

# ବିଏମ୍‌ସିର ୟୁଜର୍ସ ଫି: ଲୋକଙ୍କ ବିରୋଧ ବଢୁଛି

**ଭୁବନେଶ୍ୱର,୯।୧**
**ତଥ୍ୟ**

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଲୋକଙ୍କଠାରୁ ହୋଲଡିଂ ଟ୍ୟାକ୍ସ ଆଦାୟ କରୁଥିବାବେଳେ ଏବେ ତାହା ଉପରେ ପୁଣି ମୋଟା ଅଙ୍କର 'ୟୁଜର୍ସ ଫି' ସଂଗ୍ରହ କରିବା ଲାଗି ଯେଉଁ ଘୋଷଣା କରିଛି ତାହାକୁ ଦଳମତ ନିର୍ବିଶେଷରେ ଲୋକେ ବିରୋଧ କରୁଛନ୍ତି। ଏ ବାବଦରେ ଲୋକଙ୍କୁ ୫୦ ଟଙ୍କାରୁ ୪୦ ହଜାର ଟଙ୍କା ପର୍ଯ୍ୟନ୍ତ ଅତିରିକ୍ତ ଦେୟ ୟୁଜର୍ସ ଫି ଆକାରରେ ଦେବାକୁ ପଡ଼ିବ।

ଏବେ ବିଏମ୍‌ସି ବିଜେଡି ଦଖଲରେ ରହିଛି। ବିଜେଡିର ମେୟର ସୁଲୋଚନା ଦାସ ପରିମଳ ବ୍ୟବସ୍ଥାକୁ ଉନ୍ନତ କରିବା ଆଳରେ ୟୁଜର୍ସ ଫି ସପକ୍ଷରେ ଯୁକ୍ତି ବାଢୁଥିବାବେଳେ ତାଙ୍କ ଦଳର ଅନ୍ୟତମ ବିଧାୟକ ତଥା ପୂର୍ବତନ ମେୟର ଅନନ୍ତ ନାରାୟଣ ଜେନା କିନ୍ତୁ ଏଥିଘେନି ଖୋଲା ଆପତ୍ତି ଉଠାଇଛନ୍ତି। ବିଜେଡିର ବହୁ କର୍ପୋରେଟର୍ ଓ ଛାମୁଆ ନେତା ବି ୟୁଜର୍ସ ଫି କୁ ବିରୋଧ କରିବା ଆରମ୍ଭ କରିଛନ୍ତି।

**User fees for solid waste management from various waste generators (Per Month)**

| Sl. No. | | Categories | Price for Each Category |
|---|---|---|---|
| 1 | | Residential Households | |
| | a. | EWS/LIG category (Upto 800 Sqft. Built Up) | ₹ 50/- |
| | b. | MIG category (More than 800 Sqft. but less than 1200 Sqft. built up area) / F- Type/2R/Type- IV/3R/Type-V | ₹ 75/- |
| | c. | HIG category (More than 1200 Sqft. built-up area) / Type-VI/Type-VII/Type VIII/4R/5R/6R/7RGovt.Qrs./ above 2BHK | ₹ 125/- |
| 2 | | Guest House/Hostels | |
| | a. | Up to 10 Rooms | ₹ 500/- |
| | b. | 11 to 20 Rooms | ₹ 750/- |
| | c. | 21 to 30 Rooms | ₹ 1000/- |
| | d. | Beyond 30 Rooms | Additional, ₹ 50/- Per Room |
| 3 | | Shops in shopping malls | |
| | a. | Up to 200 Sqft. | ₹ 100/- |
| | b. | 201 Sqft. to 500 Sqft. | ₹ 250/- |
| | c. | 501 Sqft. To 1000 Sqft. | ₹ 500/- |
| | d. | Any extra Sqft. | ₹ 2/- for each additional 10 Sqft. above 1000 Sqft |
| 4 | | Haata | |
| | a. | Shop Up to 200 Sqft. | ₹ 100/- |
| | b. | Shop 201sft to 500 Sqft. | ₹ 250/- |
| | c. | Shop more than 500 Sqft. | ₹ 500/- |
| 5 | | Roadside Vendors (Including Vending Zone) | ₹ 50/- or ₹ 2/- Per Day |
| 6 | | Godowns & Warehouse | |
| | a. | Upto1000 Sqft. | ₹ 100/- |
| | b. | 1001 Sqft. - 5000 Sqft. | ₹ 200/- |
| | c. | More than 5000 Sqft. | ₹ 1000/ - Up to 100 kg waste per day ₹ 50/- per additional kg per day |

ଅନ୍ୟପକ୍ଷରେ ରାଜ୍ୟ ସରକାରରେ ଥିବା ବିଜେପିର ନେତାମାନେ ଲୋକଙ୍କ ଉପରେ ୟୁଜର୍ସ ଫି ଭଳି ଅତିରିକ୍ତ କର ଲଗାଇବାକୁ ଦୃଢ଼ ବିରୋଧ କରୁଛନ୍ତି। ବିଜେପିର ବରିଷ୍ଠ ନେତା ଜଗନ୍ନାଥ ପ୍ରଧାନ କହିଛନ୍ତି ଯେ କୌଣସି କମିଟି ଗଠନ ନକରି କିମ୍ବା ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ନଦେଇ ବିଏମ୍‌ସି କର୍ତ୍ତୃପକ୍ଷ ଏକତରଫା ଭାବେ ଲୋକଙ୍କ ଉପରେ ୟୁଜର୍ସ ଫି ବୋଝ ଲଦି ଦେବା ସଂପୂର୍ଣ୍ଣ ଜନ ବିରୋଧୀ।

କଂଗ୍ରେସ ନେତାମାନେ ବି ଖୋଲାଖୋଲି ଭାବେ ୟୁଜର୍ସ ଫି ପ୍ରସଂଗକୁ ବିରୋଧ କରିବା ସହିତ ବିଏମ୍‌ସି ନିଷ୍ପତ୍ତି ପ୍ରତ୍ୟାହାର ନକଲେ ଜନସାଧାରଣଙ୍କ ସ୍ୱାର୍ଥ ଦୃଷ୍ଟିରୁ କଂଗ୍ରେସ ରାଜରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରିବ ବୋଲି ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ପ୍ରକାଶ ଚନ୍ଦ୍ର ଜେନା ଚେତାବନୀ ଦେଇଛନ୍ତି। ଏମାନଙ୍କଛଡ଼ା ବିଭିନ୍ନ ସାହି-ବସ୍ତି କମିଟି, ସ୍ୱେଚ୍ଛାସେବୀ ସଂଗଠନ, ମହିଳା ସଂଗଠନ ଆଦି ମଧ୍ୟ ୟୁଜର୍ସ ଫି ବିରୋଧରେ ସ୍ୱର ଉତ୍ତୋଳନ କରୁଛନ୍ତି।

ପରିମଳ ବ୍ୟବସ୍ଥା, ସ୍ୱରେଜ୍ ଓ ଷ୍ଟ୍ରିଟ୍ ଲାଇଟ୍ ପାଇଁ ବିଏମ୍‌ସି ହୋଲଡିଂ ଟିକସ ସହିତ ଲୋକଙ୍କଠାରୁ କର ନେଉଛି। ଏହା ସତ୍ତ୍ୱେ ବି ପୁଣି ପ୍ରତି ମାସରେ ଅତିରିକ୍ତ ୟୁଜର୍ସ ଫି ଆଦାୟ କରିବା ଲାଗି ସୂଚନା ଦେଇଛି। ୨୦୧୮ ମସିହାରେ ବିଏମ୍‌ସି ୟୁଜର୍ସ ଫି ଆଦାୟ ଲାଗି ଯେଉଁ ପ୍ରସ୍ତାବ ରଖିଥିଲା ତାହାକୁ ବ୍ୟାପକ ବିରୋଧ ଯୋଗୁ ଲାଗୁ କରିପାରିନଥିଲା। ତେବେ ୮ବର୍ଷ ପରେ ପୁଣି ପୁରୁଣା ପ୍ରସ୍ତାବକୁ ଦୋହରାଇ ଲୋକଙ୍କ ଉପରେ ଅତ୍ୟଧିକ ପରିମାଣର ୟୁଜର୍ସ ଫି ଲଦିଦେବାକୁ ଯାଉଛି।

ରାଜଧାନୀର ସରକାରୀ କ୍ୱାର୍ଟର୍ସଠାରୁ ଆରମ୍ଭ କରି *(ଶେଷ ପୃଷ୍ଠା ଦେଖନ୍ତୁ)*

# ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର ଓ କେନ୍ଦ୍ରାପଡା ରୁ ଏକସଙ୍ଗେ ପ୍ରକାଶିତ

ଭୁବନେଶ୍ୱର ୧୦ ଜାନୁଆରୀ ୨୦୨୬ । ଶନିବାର




## ରିମଝିମ କାରଖାନାରେ ଅଗ୍ନିକାଣ୍ଡ

**ଢେଙ୍କାନାଳ: ଏକ୍ସପ୍ରେସ ନ୍ୟୁଜ୍**

ଢେଙ୍କାନାଳ ଜିଲ୍ଲା କାନ୍ତବଣିଆ ଥାନା ଅଞ୍ଚଳ କୁରଂଟି ସ୍ଥିତ ରିମଝିମ କାରଖାନାରେ ଭୟଙ୍କର ଅଗ୍ନିକାଣ୍ଡ ଘଟିଛି । କାରଖାନାରେ ଲାଗିଥିବା ନିଆଁକୁ ଆୟତ କରିବାକୁ ଢେଙ୍କାନାଳ ଜିଲ୍ଲାର ଅଗ୍ନିଶମ ବାହିନୀ ଅକ୍ଳାନ୍ତ ଉଦ୍ୟମ ଜାରି ରଖିଛି । ଏହି ଅଗ୍ନିକାଣ୍ଡକୁ ପ୍ରଶମିତ କରିବାକୁ ଖଜୁରିଆ କଟା, ରସୋଳ, ହିନ୍ଦୋଳ ବନରପାଳ ଓ ଓଡାପଡା ଆଦରି ଅଗ୍ନିଶମ ବାହିନୀମାନେ ନିୟୋଜିତ ହୋଇଛନ୍ତି । ନିଆଁ କିଭଳି ତାହା ଜଣାପଡିନଥିବା ବେଳେ କାରଖାନା ଭିତରେ ବହୁ ଗ୍ୟାସ ଓ ଲିକ୍ୟୁଇଡ ଗାଡି ରହିଛି । ଏହି ନିଆଁକୁ ଆୟତ କରିବା ପାଇଁ ୭୦ରୁ ଉର୍ଦ୍ଧ୍ୱ ଅଗ୍ନିଶମ କର୍ମଚାରୀ, ଏହି କାରଖାନାଟି ବୃହତ ହୋଇଥିଲେ ମଧ ଏହି କାରଖାନାରେ ଅଗ୍ନି ନିରାପତାର କୌଣସି ସୁଭିଧା କରାଯାଇନାହିଁ, କାରଖାନାର ନିଆଁକୁ ଆୟତ କରିବାକୁ କାରଖାନାକୁ ବନ୍ଦ କରାଯାଇଛ । ଏହି ନିଆଁଆୟତ ହୋଇ ନ ପାରିଲେ ବହୁତ ବଡ ବିସ୍ଫୋରଣ ହେବାର ସମ୍ଭାବନାକୁ ଏଡାଇ ଦିଆ ନ ପାରେ । ଅଗ୍ନିଶମ ନିରାପତା ପରମିସନ ନ ଥାଇ କିଭଳି ଏହି କାରଖାନା ଚାଲୁଥିଲା ବୋଲି ଅଗ୍ନିଶମ ଅଧିକାରୀ କହିଛନ୍ତି । କାରଖାନାର ଦ୍ୱିତୀୟ ୟୁନିଟରେ ଏହି ଅଗ୍ନିକାଣ୍ଡ ଘଟିଥିଲା । କାରଖାନାର ଟର୍ବାଇନ ଅଏଲରୁ ନିଆଁ ଲାଗିଥିବା ସୂଚନା ମିଳିଛି । ଏହି ୟୁନିଟରେ ହଠାତ ଧୂଆଁ ବହାରିବାରୁ କାର୍ଯ୍ୟରତ କର୍ମଚାରୀ ଓ ଶ୍ରମିକମାନେ ସେଠାରୁ କାମ ଛାଡି ପଳାଇଯାଇଥିଲେ । ଫଳରେ କୌଣସି ଜୀବନ ହାନି ଘଟିନଥିବା ଜଣାପଡିଛି ।

## ପୋଲିସର ହସ୍ତକ୍ଷେପ ପରେ ଉଠିଲା ଶବ

**ଜଳେଶ୍ୱର: ଏକ୍ସପ୍ରେସ ନ୍ୟୁଜ୍**

ଶେଷରେ ତୁଟିଲା ବିବାଦ । ଦୀର୍ଘ ୫୦ ଘଣ୍ଟା ପରେ ଉଠିଲା ଛୋଟା ହାଁସଦାଙ୍କ ଶବ । ସରକାରୀ ଜାଗାରେ କବର ଦିଆଯିବା ନେଇ ନିଷ୍ପତ୍ତି ହୋଇଛି । ଶବ ପୋଡାଯିବ ନା ପୋତା ଯିବ ସେନେଇ ପରିବାର ଲୋକ ଏବଂ ଗ୍ରାମବାସୀ ମଧ୍ୟରେ ଚାଲିଥିଲା ଟଣାଓଟରା । ଶେଷରେ ପ୍ରଶାସନିକ ଅଧିକାରୀଙ୍କ ହସ୍ତକ୍ଷେପ ଓ ସ୍ଥାୟୀ ସମସ୍ୟା ସମାଧାନ ପାଇଁ ଲିଖିତ ପ୍ରତିଶ୍ରୁତି ଦେବା ପରେ ହେଲା ସମାଧାନ ।

ମୃତ୍ୟୁ ପରେ ହୋଇପାରୁନଥିଲା ଅନ୍ତିମ ସଂସ୍କାର । ୩ ଦିନ ଧରି ପଡିରହିଥିଲା ମୃତଦେହ । କାରଣ ପୁଅର ଧର୍ମ ପରିବର୍ତ୍ତନ ବାପା ପାଇଁ ସାଜିଥିଲା କାଳ । ବାଲେଶ୍ୱର ଜିଲ୍ଲା ରାଇବଣିଆ ଥାନା ରଙ୍ଗାମାଠିଆ ଗାଁରେ ଏଭଳି ଦୃଶ୍ୟ ଦେଖିବାକୁ ମିଳିଥିଲା । ଗାଁର ଛୁଟା ହାଁସଦାଙ୍କର ଗତ ବୁଧବାର ଦିନ ବାର୍ଦ୍ଧକ୍ୟ ଜନିତ ମୃତ୍ୟୁ ହୋଇଥିଲା । ସେ ପାରମ୍ପରିକ ଆଦିବାସୀ ସଂପ୍ରଦାୟର ହୋଇ ମଧ ୧୫ ବର୍ଷରୁ ଅଧିକ ବର୍ଷ ହେବ ନିଜର ଧର୍ମ ପରିବର୍ତ୍ତନ କରି ଖ୍ରୀଷ୍ଟ ଧର୍ମ ଗ୍ରହଣ କରିଛନ୍ତି ।

ଆଦିବାସୀ ପରମ୍ପରାର ବିଧି ବିଧାନ କ୍ଷୁର୍ଣ୍ଣ ହେବାରୁ ଗ୍ରାମବାସୀମାନେ ଗାଁ ମଶାଣିରେ ଶବ ସତ୍କାର କରିବାକୁ ବାରଣ କରିଥିଲେ । ମୃତକ ଖ୍ରୀଷ୍ଟ ଧର୍ମ ଗ୍ରହଣ କରିଥିବାରୁ ନିୟମ ଅନୁସାରେ ନିଜ ବାଡ଼ିରେ ପୋତିବା ପାଇଁ ପୁଅ କହୁଥିଲେ । କିନ୍ତୁ ଗ୍ରାମବାସୀ ଆଦିବାସୀ ସମ୍ପ୍ରଦାୟ ନିୟମରେ ପୋଡିବା ପାଇଁ ଜିଦ୍ ଧରିଥିଲେ । ଫଳରେ ୩ ଦିନ ଧରି ମୃତଦେହ ଘରେ ପଡ଼ି ରହିଥିଲା । ପରିବାର ଲୋକ ଏବଂ ଗ୍ରାମବାସୀଙ୍କ ଟଣାଓଟରା ଯୋଗୁଁ ପଡି ରହିଥିଲା ମୃତଦେହ । ଏବେ ବିବାଦର ହୋଇଛି ସମାଧାନ ।

## ବିନା ଟେଣ୍ଡରରେ ଚାଲିଛି ୱାଲ ପେଣ୍ଟିଂ

**କୋଦଳା: ଏକ୍ସପ୍ରେସ ନ୍ୟୁଜ୍**



ଗଞ୍ଜାମ ଜିଲ୍ଲା କୋଦଳା ଏନଏସିର ଦୁର୍ନୀତି ପିଛା ଛାଡୁନଥିବା ବେଳେ ଆଉ ଏକ ଦୁର୍ନୀତି ପଦାକୁ ଆସିଛି । ପ୍ରକାଶ ଥାଉ କି କୋଦଳା ଏନଏସିରେ ଦୀର୍ଘ ବର୍ଷ ହେବ ଅତ୍ୟଧିକ ଦୁର୍ନୀତି ବାରମ୍ବାର ହେଉଥିବା ବେଳେ ଏବେ ଆଉ ଏକ ଦୁର୍ନୀତି ପଦାକୁ ଆସିଛି କୋଦଳା ୧୦ନମ୍ବର ୱାର୍ଡର ତହସିଲ ଗ୍ରାଉଣ୍ଡ, ଥାନା ପରିସର, ଇଣ୍ଡୋର ଷ୍ଟାଡିୟମ, ମେଡିକାଲ ପାଚେରୀ ରେ ଦୀର୍ଘ ୨ ମାସ ହେବ ଚାଲିଛି କୋଦଳା ଏନଏସି ତରଫରୁ ୱାଲ ପେଣ୍ଟିଂ । ହେଲେ ଦୁଃଖର ବିଷୟ ଏହି ପେଣ୍ଟିଂ ଆରମ୍ଭ ହେବାର ୨ ମାସ ବିତିଯାଇଥିଲେ ମଧ କାହିଁକି ଟେଣ୍ଡର ବାହାରିନାହିଁ ତାକୁ ନେଇ ଏବେ ବଡ଼ ପ୍ରଶ୍ନ ? ବର୍ତ୍ତମାନ ସୁଦ୍ଧା ଯେତିକି କାମ ଚାଲିଛି ତାହା ଅନଲାଇନ ଟେଣ୍ଡର ହେବାକଥା କିନ୍ତୁ ବର୍ତ୍ତମାନ ସୁଦ୍ଧା ହୋଇନାହିଁ ? ଏହି ଟେଣ୍ଡରକୁ ସଟ୍ ଟେଣ୍ଡର କରି ଭାଗ ଭାଗ କରି ବିଲ କରି ଖାଇବା ପାଇଁ ଏଇ ଭଳି ଚକ୍ରାନ୍ତ କରିଛନ୍ତି କି ଅଧକ୍ଷ ସୂର୍ଯ୍ୟ ନାରାୟଣ ନାୟକ ଆମ ପ୍ରତିନିଧି ଏନେଇ କାର୍ଯ୍ୟ ନିର୍ବାହୀ ଅଧିକାରୀ କୃଷ୍ଣ ଚନ୍ଦ୍ର ରଥ ଓ ସାନିଟାଇଯେସନ ଏକ୍ସପର୍ଟ ଚନ୍ଦ୍ର କାନ୍ତ ମାରାଣ୍ଡିଙ୍କୁ ଫୋନ୍ ଯୋଗେ ଯୋଗାଯୋଗ କରିବାରୁ କୌଣସି ପ୍ରତିକ୍ରିୟା ଦେବାପାଇଁ ମନା କରିଥିଲେ । ଯାହାଫଳରେ ଏହିମାନେ ମଧ ଏହି ଦୁର୍ନୀତିରେ ସାମିଲ୍ ଥିବା ସନ୍ଦେହ ହେଉଛି । ଏମିତି ବାରମ୍ବାର ଦୁର୍ନୀତିରେ କୋଦଳା ଏନଏସି ବୁଡିରହୁଥିବା ବେଳେ ଜିଲ୍ଲା ପ୍ରଶାସନ ଓ ରାଜ୍ୟ ସରକାର ମଧ ମୁକ ଓ ବଧିର ସାଜିଛନ୍ତି କାହିଁକି ବୋଲି ଅଞ୍ଚଳର ବୁଦ୍ଧିଜୀବୀମାନେ ଚର୍ଚ୍ଚା କରୁଛନ୍ତି । ତା'ସହ ଏଇ ସରକାର ଉପରେ ଆଉ ଭରସା ନାହିଁ ଯାହା କରିବେ ଭଗବାନ ହିଁ କରିବେ ବୋଲି ମଧ ଆଲୋଚ଼ନା ହେଉଛି ।

## ଶିକ୍ଷକ ବଦଳି ନେଇ ଅଭିଭାବକଙ୍କ ଦାବି

**ଯାଜପୁର: ଏକ୍ସପ୍ରେସ ନ୍ୟୁଜ୍**

ଶିକ୍ଷକଙ୍କ ବଦଳି ନେଇ ଗୁରୁବାର ଜିଲ୍ଲାପାଳଙ୍କୁ ଅଭିଯୋଗ କରିଛନ୍ତି ଅଭିଭାବକ । ଦାନଗଦୀ ବ୍ଲକ ଶାଳିଜଙ୍ଗା ପଞ୍ଚାୟତ ନହୁରାଣୀପଶି ଗ୍ରାମର ପ୍ରାଥମିକ ବିଦ୍ୟାଳୟରୁ ଦୁଇଜଣ ଶିକ୍ଷକଙ୍କୁ ବଦଳି କରାଯାଇ ଆଉ ଦୁଇଜଣ ନୂତନ ଶିକ୍ଷକଙ୍କୁ ନିଯୁକ୍ତି ଦିଆଯାଇଛି । ସେଥି ମଧ୍ୟରୁ ଶିକ୍ଷକ ବିଶ୍ୱନାଥ ରାଉତଙ୍କ ଗଳା ଫିଟୁ ନାହିଁ କି ସେ ଠିକ୍ ସେ କଥାବାର୍ତ୍ତା ପରିଷ୍କାର ଭାବେ କରିପାରୁନାହାଁନ୍ତି । ପ୍ରଧାନଶିକ୍ଷୟିତ୍ରୀ ଭାବେ ଯୋଗ ଦେଇଥିବା ମଞ୍ଜୁଲତାଙ୍କର ରଗଡ଼ା ପ୍ରାଥମିକ ବିଦ୍ୟାଳୟରୁ ବିତାଡ଼ିତ ହୋଇ ପ୍ରାୟ ଏକ ବର୍ଷ ହେବ ଘରେ ରହିଥିଲେ ବୋଲି ଦାବିପତ୍ରରେ ଉଲ୍ଲେଖ କରାଯାଇଛି । ଏଣୁ ଏହି ଦୁଇ ନୂତନ ଶିକ୍ଷକଙ୍କୁ ବଦଳି କରିବା ଦାବିରେ ପ୍ରଥମେ ବିଦ୍ୟାଳୟର ଛାତ୍ରୀଛାତ୍ର ଓ ଅଭିଭାବକ ବିଦ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ କିନ୍ତୁ କିଛି ଫଳପ୍ରଦ ହୋଇନଥିଲା । ତେଣୁ ଅଭିଭାବକ ବାଧ ହୋଇ ପୁର୍ନବାର ଯାଜପୁର ଜିଲ୍ଲାପାଳ ଅମ୍ବର କୁମାର କରଙ୍କୁ ଭେଟି ଏହି ଦୁଇ ନୂତନ ଶିକ୍ଷକଙ୍କୁ ବଦଳି କରାଯାଇ ଅନ୍ୟ ଶିକ୍ଷକଙ୍କୁ ନିଯୁକ୍ତି ଦିଆଯାଉ ବୋଲି ଦାବିପତ୍ରରେ ଉପସ୍ଥାପନ କରିଥିଲେ । ଯଦି ଶିକ୍ଷକଙ୍କୁ ବଦଳି ନ କରାଯାଏ ତେବେ ତାଙ୍କ ପିଲାଙ୍କୁ ସେହି ବିଦ୍ୟାଳୟରୁ ନେଇ ଯିବେ ବୋଲି ଚେତାବନୀ ଦେଇଥିଲେ । ଏହି ଦାବିପତ୍ର ପ୍ରଦାନ ସମୟରେ ଶତାଧିକ ଅଭିଭାବକ ଉପସ୍ଥିତ ଥିଲେ ।

## ବୃଦ୍ଧାଙ୍କୁ ଆକ୍ରମଣ କରି ଲୁଟିନେଲେ ସୁନା ଅଳଙ୍କାର

**ବୈଶିଙ୍ଗା: ଏକ୍ସପ୍ରେସ ନ୍ୟୁଜ୍**



ଗୁରୁବାର ସନ୍ଧ୍ୟାରେ ମୟୂରଭଞ୍ଜ ଜିଲ୍ଲା ସୀମାନ୍ତ ବଡ଼ସାହି ଥାନା ଅଧୀନ ଭୀମଦା ଫାଣ୍ଡି ଅଞ୍ଚଳର ଜନୈକ କନେଷ୍ଟବଳଙ୍କ ଘରେ ପଶି ତାଙ୍କ ମାଆଙ୍କ ବେକରେ ଭୁଜାଲି ଲଗେଇ ଲୁଟିନେଲେ ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର । ଅଭିଯୋଗର ୧୨ଘଣ୍ଟା ପରେ ବି ପୋଲିସର କାର୍ଯ୍ୟାନୁଷ୍ଠାନ ଶୂନ ।

ସୂଚ଼ନା ଅନୁଯାୟୀ, ଟିକାୟତପୁର ଗ୍ରାମର ଶ୍ରୀନିବାସ ବେହେରା ପୋଲିସ କନେଷ୍ଟବଳ ଭାବେ ବେତନଟୀ କୋର୍ଟରେ କାର୍ଯ୍ୟରତ ଥିବାବେଳେ ତାଙ୍କ ସାନ ଭାଇ ସୁଶାନ୍ତ ଓ ୮୨ ବର୍ଷୀୟା ଅସୁସ୍ଥ ମାଆ ହେମଲତା ବେହେରା ଘରେ ରହୁଥିଲେ । ତେବେ ଗୁରୁବାର ସନ୍ଧ୍ୟାରେ ଅସୁସ୍ଥ ମାଆଙ୍କୁ ଘରେ ଖାଇବା ଦେଇ ବାହାର ପଟୁ ତାଲା ମାରି ଗାଁ ଛକ ଦୋକାନକୁ ସଉଦା କିଣିବାକୁ ଯାଇଥିଲେ । ତେବେ ମାତ୍ର ୧୦ମିନିଟ ପରେ ପଡିଶା ଲୋକ ଫୋନ କରି ସୁଶାନ୍ତକୁ କହିଥିଲେ କି ତାଙ୍କ ମାଆ ରକ୍ତାକ୍ତ ଅବସ୍ଥାରେ ତଳେ ପଡିଥିବାବେଳେ କେହି ଜଣେ ଦୁର୍ବୃତ୍ତ ତାଲା ଭାଙ୍ଗି ଘରେ ପଶି ତାଙ୍କୁ ଭୁଜାଲିରେ ଆକ୍ରମଣ କରି ହେମଲତା ପିନ୍ଧିଥିବା ସୁନାହାର, ସୁନା କାନଫୁଲ ଓ ବଳା ଯାହାର ଆନୁମାନିକ ମୂଲ୍ୟ (୮ଲକ୍ଷ )ନେଇ ଚ଼ମ୍ପଟ ମାରିଥିଲା ।

ସୁଶାନ୍ତ ସଙ୍ଗେ ସଙ୍ଗେ ମାଆଙ୍କୁ ନେଇ ଚ଼ିକିତ୍ସା ନିମିତ୍ତ ମାଣତ୍ରୀ ଡାକ୍ତରଖାନାକୁ ନେଇ ଯାଇଥିଲେ । ପରେ ସୁଶାନ୍ତ ଗତ ରାତିରେ ଏନେଇ ମାତ୍ର ୧୫୦ ମିଟର ଦୂରରେ ଥିବା ଭୀମଦା ବିଟ ହାଉସରେ ଖବର ଦେଇଥିଲେ । ତେବେ ପୋଲିସ ବିଟ ହାଉସ ଠାରୁ ମାତ୍ର ୧୫୦ମିଟର ଦୂରରେ ଥିବା ଜଣେ ପୋଲିସ କର୍ମଚ଼ାରୀଙ୍କ ଘରୁ ସନ୍ଧ୍ୟା ପ୍ରାୟ ୭ଟା ବେଳେ ମରଣାନ୍ତକ ଆକ୍ରମଣ କରି ଲକ୍ଷାଧିକ ଟଙ୍କାର ସୁନା ଗହଣା ଲୁଟ ପରେ ବି ପୋଲିସର କାର୍ଯ୍ୟଦକ୍ଷତା ନେଇ ପ୍ରଶ୍ନବାଚ଼ୀ ସୃଷ୍ଟି କରୁଛି ।

## ଗଡଖଙ୍କିରାରେ ହାତୀ ଉତ୍ପାତ

**ଢେଙ୍କାନାଳ: ଏକ୍ସପ୍ରେସ ନ୍ୟୁଜ୍**

ଢେଙ୍କାନାଳ ଜିଲ୍ଲା ବନଖଣ୍ଡ ଷଡଙ୍ଗୀ ରେଞ୍ଜ ଅନ୍ତର୍ଗତ ଖଙ୍କିରା ସଂରକ୍ଷିତ ଜଙ୍ଗଲରୁ ଏକ ଦନ୍ତାହାତୀ ଟ୍ରେଖୋଳା ହୋଇନଥିବା ବ୍ରାହ୍ମଣ ତଇଳା ମଧ ଦେଇଆସି ରାମେଶ୍ୱର ମନ୍ଦିର ପାଚେରୀ ଭାଙ୍ଗି ଥିଲା । ଗ୍ରାମରେ ଥିବା ହେମନ୍ତ ଦାସଙ୍କ କଚଡାଧାନକୁ ଖାଇ ଦୀର୍ଘ ସମୟଧରି ଗ୍ରାମ ମଧ ଦେଇ ଉତ୍ପାତ କରି ଖଙ୍କିରା ସଂରକ୍ଷିତ ଜଙ୍ଗଲକୁ ଚାଲିଯାଇଛି । ଦୀର୍ଘଦିନ ଧରି ବ୍ରାହ୍ମଣ ତଇଳା ଅଞ୍ଚଳରେ ଖାଲିଥିବା ସ୍ଥାନକୁ ଟ୍ରେଖୋଳିବା ପାଇଁ ଦାବି କରାଯାଇଥିବାବେଳେ ଫଳଶୁନ । ବନ ବିଭାଗର ନିଦା ବିଷ୍ଣୁ ଭାବ ସ୍ଥାନୀୟ ବୃଦ୍ଧିଜୀବି ମହଲରେ ଆଲୋଚ୍ୟ ବିଷୟ ପାଲଟିଛି । ଏଥିସହିତ ଏଦିଗରେ ଜିଲା ବନଖଣ୍ଡ ଅଧିକାରୀ ଦୃଷ୍ଟିଦେବାକୁ ଗ୍ରାମବାସୀମାନେ ନିବେଦନ କରିଛନ୍ତି ।

## ଅଜଣା ଗାଡ଼ି ଧକ୍କାରେ ଛାତ୍ରଙ୍କ ମୃତ୍ୟୁ

**ପଟ୍ଟାଙ୍ଗି: ଏକ୍ସପ୍ରେସ ନ୍ୟୁଜ୍**

ରାଜ୍ୟରେ ଚାଲିଛି ସଡ଼କ ସୁରକ୍ଷା ମାସ କିନ୍ତୁ ଏଠି ନିଜେ ସଚେତନ ହେଉନାହାନ୍ତି ଲୋକେ । ସଚେତନତା କରାଇବା ଦୂରର କଥା ବର୍ଷର ଆରମ୍ଭରୁ ବିଭିନ୍ନ ସ୍ଥାନରେ ଦୁର୍ଘଟଣା ଘଟି ଗୋଟିଏ ପରେ ଗୋଟିଏ ଚାଲିଯାଉଛି ଜୀବନ । ଏହିପରି ଦୃଶ୍ୟ ଦେଖିବାକୁ ମିଳିଛି କୋରାପୁଟ ଜିଲ୍ଲା ପଟ୍ଟାଙ୍ଗି ଥାନା ଅନ୍ତର୍ଗତ କୁନ୍ଦୁଲି ସ୍ଥିତ ଗୁରୁକୂଳ ଆଶ୍ରମ ନିକଟରେ ।

ସୂଚ଼ନା ଅନୁସାରେ ସ୍ଥାନୀୟ ବ୍ଲକ୍ ଅଧିନସ୍ଥ ଦେଓଫଟ୍ଟାଙ୍ଗି ପଞ୍ଚାୟତର ସଲପଗୁଡା ଗ୍ରାମର ଗଙ୍ଗାଧର ପାମିୟା ନିଜ ଗ୍ରାମ ତଥା ଘରକୁ ଆସି ଗୁରୁବାର ବିଳମ୍ବିତ ରାତିରେ ସେମିଳିଗୁଡା ଫେରୁଥିବା ସମୟରେ କୌଣସି ଏକ ଅଜଣା ଗାଡ଼ି ପଛପଟରୁ ଧକ୍କା ଦେଇ ଚାଲିଯାଇଥିଲା । ଫଳରେ ଗଙ୍ଗାଧରଙ୍କ ଦୁର୍ଘଟଣାସ୍ଥଳରେ ହିଁ ଜୀବନ ଚାଲିଯାଇଥିଲା । ଖବରପାଇ ପଟ୍ଟାଙ୍ଗି ପୋଲିସ ଘଟଣାସ୍ଥଳେ ପହଞ୍ଚି ମୃତଦେହ ଜବତ କରିଛି ।

ଏହାସହ ମୃତ ଗଙ୍ଗାଧର ଚଲାଇ ଯାଉଥିବା ମୋଟର ସାଇକେଲ ନଂ ଓଡି ୧୦ଏନ ୬୨୦୮କୁ ଜବତ କରି ତଦନ୍ତ ଆରମ୍ଭ କରିଛି । ସୂଚ଼ନାଯୋଗ୍ୟକି ମୃତ ଗଙ୍ଗାଧର ସେମିଳିଗୁଡା ସ୍ଥିତ ଏକ କଲେଜରେ ଯୁକ୍ତ ଦୁଇରେ ଦ୍ୱିତୀୟ ବର୍ଷର ଛାତ୍ର ଥିଲେ । ତେବେ ଗଙ୍ଗାଧରଙ୍କ ମୃତ୍ୟୁ ପରେ ଗ୍ରାମରେ ଶୋକର ଛାୟା ଖେଳିଯାଇଛି । ପଞ୍ଚାୟତର ସରପଞ୍ଚ ନରେନ୍ଦ୍ର ବଡନାୟକ ପଟ୍ଟାଙ୍ଗି ସ୍ୱାସ୍ଥ୍ୟ କେନ୍ଦ୍ରରେ ପହଞ୍ଚି ଗଙ୍ଗାଧରଙ୍କ ଶବ ବ୍ୟବଚ୍ଛେଦ କିପରି ହୋଇ ପାରିବ ସେନେଇ ପୋଲିସ୍ ଏବଂ ସ୍ୱାସ୍ଥ୍ୟ ବିଭାଗର ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚ଼ନା କରିଛନ୍ତି ।

### ବାଣିଜ୍ୟ

## ସମବାୟ ବ୍ୟାଙ୍କ ନିର୍ଦ୍ଦେଶକଙ୍କ କାର୍ଯ୍ୟକାଳ ନେଇ ରିଜର୍ଭ ବ୍ୟାଙ୍କ୍ଙ୍କ ନୂଆ ନିୟମ

**ନୂଆଦିଲ୍ଲୀ: ଏକ୍ସପ୍ରେସ ନ୍ୟୁଜ୍**

ଭାରତ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ସହର ଓ ଗ୍ରାମୀଣ ସମବାୟ ବ୍ୟାଙ୍କମାନଙ୍କ ପାଇଁ ଶାସନ (ଶାସନ) ଢାଞ୍ଚା ସମ୍ବନ୍ଧୀୟ ଖସଡା ସଂଶୋଧନ ଜାରି କରିଛି ଏବଂ ଏହା ଉପରେ ସାଧାରଣ ଲୋକମାନଙ୍କର ମତାମତ ଆହ୍ୱାନ କରିଛି । ଏହି ଖସଡା ସୂଚ଼ନାମାନେ ମଧ୍ୟରେ 'ଡ୍ରାଫ୍ଟ ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ (ସହର ସମବାୟ ବ୍ୟାଙ୍କ ଶାସନ) ସଂଶୋଧନ ନିର୍ଦ୍ଦେଶ, ୨୦୨୬' ଏବଂ 'ଡ୍ରାଫ୍ଟ ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଗ୍ରାମୀଣ ସହକାରୀ ବ୍ୟାଙ୍କ ଶାସନ) ସଂଶୋଧନ ନିର୍ଦ୍ଦେଶ, ୨୦୨୬' ସମ୍ମିଳିତ ଅଛି ।

ପ୍ରସ୍ତାବିତ ସଂଶୋଧନ ଅନୁଯାୟୀ, ସହକାରୀ/ସମବାୟ ବ୍ୟାଙ୍କର ନିର୍ଦ୍ଦେଶକମାନେ ସର୍ବାଧିକ ଅନୁମତିପ୍ରାପ୍ତ ୧୦ ବର୍ଷର ନିରନ୍ତର କାର୍ଯ୍ୟକାଳ ସମାପ୍ତ କରିବା ପରେ, ଅବଶ୍ୟ ୩ ବର୍ଷର ନ୍ୟୁନତମ 'କୁଲିଂ-ଅଫ୍' ଅବଧି ପାଳନ କରିବାକୁ ପଡିବ । ଏହି କାର୍ଯ୍ୟକାଳ ସମ୍ବନ୍ଧୀୟ ବ୍ୟବସ୍ଥା ବ୍ୟାଙ୍କିଂ ରେଗୁଲେସନ ଆକ୍ଟ, ୧୯୪୯ର ଧାରା ୧୦ଏ (୨ଏ) (ଆଇ) ସହିତ ଧାରା ୫୬ ଅନୁଯାୟୀ ନିର୍ଦ୍ଧାରିତ ।

ସହର ସହକାରୀ/ସମବାୟ ବ୍ୟାଙ୍କମାନଙ୍କ ପାଇଁ ନିରନ୍ତର କାର୍ଯ୍ୟକାଳର ସୀମା ୨୯ ଜୁନ ୨୦୨୦ ଠାରୁ ପ୍ରଭାବୀ ହୋଇଛି । ଗ୍ରାମୀଣ ସହକାରୀ ବ୍ୟାଙ୍କ, ଯାହାରେ ରାଜ୍ୟ ସହକାରୀ/ସମବାୟ ବ୍ୟାଙ୍କ ଓ କେନ୍ଦ୍ରୀୟ ସହକାରୀ/ସମବାୟ ବ୍ୟାଙ୍କ ଅନ୍ତର୍ଭୁକ୍ତ, ସେଠାରେ ଏହି ବ୍ୟବସ୍ଥା ୧ ଏପ୍ରିଲ ୨୦୨୧ ଠାରୁ କାର୍ଯ୍ୟକାରୀ ହୋଇଛି । ବ୍ୟାଙ୍କିଂ ଲଜ୍ (ସଂଶୋଧନ) ଆଇନ, ୨୦୨୫ ମାଧ୍ୟମରେ ସର୍ବାଧିକ କାର୍ଯ୍ୟକାଳ ୮ ବର୍ଷରୁ ବଢ଼ାଇ ୧୦ ବର୍ଷ କରାଯାଇଥିଲା, ଯାହା ୧ ଅଗଷ୍ଟ ୨୦୨୫ ଠାରୁ ପ୍ରଭାବୀ ହୋଇଛି ।

ଆର୍‌ବିଆଇ ଦୃଷ୍ଟି ଗୋଚ଼ର କରିଛି ଯେ କେତେକ ମାମଲାରେ ନିର୍ଦ୍ଦେଶକମାନେ ଅଳ୍ପ ସମୟ ପାଇଁ ପଦତ୍ୟାଗ କରି, ପୁନଃ ନିର୍ବାଚ଼ନ କିମ୍ବା ସହନିଯୋଜନ ମାଧ୍ୟମରେ ସଂକ୍ଷିପ୍ତ ସମୟ ମଧ୍ୟରେ ପୁଣି ବୋର୍ଡକୁ ଫେରି ଆସୁଛନ୍ତି । କେନ୍ଦ୍ରୀୟ ବ୍ୟାଙ୍କଙ୍କ କହିବାନୁସାରେ, ଏପରି ପ୍ରଚ଼ଳନା ନିର୍ଦ୍ଦେଶକମାନଙ୍କୁ କାନୁନଗତ ଭାବେ ଅନୁମତିପ୍ରାପ୍ତ କାର୍ଯ୍ୟକାଳକୁ ଅତିକ୍ରମ କରି ବୋର୍ଡରେ ରହିବାର ସୁଯୋଗ ଦେଉଛି ଏବଂ ଆଇନର ଉଦ୍ଦେଶ୍ୟ ଓ ଆତ୍ମାକୁ ବିଫଳ କରୁଛି ।

ଏହି ସମସ୍ୟାର ସମାଧାନ ପାଇଁ, ଆର୍‌ବିଆଇ ୨୦୨୫ର ବର୍ତ୍ତମାନ ଶାସନ ନିର୍ଦ୍ଦେଶମାନଙ୍କ ମଧ୍ୟରେ ଏକ ନୂଆ ବ୍ୟବସ୍ଥା ସମ୍ମିଳିତ କରିବା ପ୍ରସ୍ତାବ ରଖିଛି । ଖସଡା ସଂଶୋଧନ ଅନୁଯାୟୀ, ଯେକୌଣସି ନିର୍ଦ୍ଦେଶକ ଯିଏ ସହର ସହକାରୀ ବ୍ୟାଙ୍କ, ରାଜ୍ୟ ସହକାରୀ ବ୍ୟାଙ୍କ କିମ୍ବା କେନ୍ଦ୍ରୀୟ ସହକାରୀ ବ୍ୟାଙ୍କର ବୋର୍ଡରେ ନିରନ୍ତର ୧୦ ବର୍ଷ କାର୍ଯ୍ୟକାଳ ସମାପ୍ତ କରିଛନ୍ତି, ସେ ମାତ୍ର ୩ ବର୍ଷର ନ୍ୟୁନତମ କୁଲିଂ-ଅଫ୍ ଅବଧି ପୂରଣ କରିବା ପରେ ଏହି ଏକେଇ ବ୍ୟାଙ୍କର ବୋର୍ଡକୁ ପୁନଃ ନିଯୋଜନ ପାଇଁ ଯୋଗ୍ୟ ହେବେ ।

କୁଲିଂ-ଅଫ୍ ଅବଧି ସମୟରେ, ସମ୍ବନ୍ଧିତ ନିର୍ଦ୍ଦେଶକ ସେହି ବ୍ୟାଙ୍କ ସହ ସଦସ୍ୟ କିମ୍ବା ଗ୍ରାହକ ଭାବେ ଛାଡ଼ି ଅନ୍ୟ କୌଣସି ଭୂମିକାରେ ଜଡିତ ରହିପାରିବେ ନାହିଁ । ତଥାପି, ଖସଡା ନିର୍ଦ୍ଦେଶରେ ସ୍ପଷ୍ଟ କରାଯାଇଛି ଯେ ଏହି ପାବନ୍ଦି ଅନ୍ୟ କୌଣସି ବ୍ୟାଙ୍କର ବୋର୍ଡରେ ନିର୍ଦ୍ଦେଶକ ଭାବେ ନିଯୋଜନକୁ ବାଧା ଦେବ ନାହିଁ ।

ଆର୍‌ବିଆଇ ଆହୁରି ସ୍ପଷ୍ଟ କରିଛି ଯେ ନିରନ୍ତର କାର୍ଯ୍ୟକାଳ ଗଣନା ପାଇଁ, ୩ ବର୍ଷରୁ କମ୍ ବିଚ୍ଛିନ୍ନତା ଦ୍ୱାରା ପୃଥକ ହୋଇଥିବା ସେବାକାଳକୁ ଏକସାଥି ଗଣାଯିବ, ଯେତେବେଳେ ୩ ବର୍ଷ କିମ୍ବା ତାହାଠାରୁ ଅଧିକ ବିଚ୍ଛିନ୍ନତା ପୂର୍ବରୁ ଥିବା ସେବାକାଳକୁ ଗଣନାରେ ଧରାଯିବ ନାହିଁ ।

ଏହି ଦୁଇଟି ଖସଡା ନିର୍ଦ୍ଦେଶ ଉପରେ ସାଧାରଣ ଲୋକ ଓ ସମ୍ପୃକ୍ତ ହିସସାଦାରମାନଙ୍କ ମତାମତ ଓ ପ୍ରତିକ୍ରିୟା ୩୦ ଜାନୁଆରୀ ୨୦୨୬ ପର୍ଯ୍ୟନ୍ତ ଆହ୍ୱାନ କରାଯାଇଛି । ମତାମତଗୁଡ଼ିକୁ ଆର୍‌ବିଆଇର ୱେବସାଇଟର 'Connect2Regulate' ବିଭାଗ ମାଧ୍ୟମରେ କିମ୍ବା ଡାକ/ଇ-ମେଲ ମାଧ୍ୟମରେ ମୁମ୍ବାଇ ସ୍ଥିତ ଭାରତ ରିଜର୍ଭ ବ୍ୟାଙ୍କର ନିୟମନ ବିଭାଗ (ଶାସନ ଶାଖା)କୁ ପଠାଯାଇପାରିବ ।

## ଭାଇକୁ ଟାଙ୍ଗିଆରେ ହାଣିଲା ଭାଇ

**ରାୟଗଡ଼ା: ଏକ୍ସପ୍ରେସ ନ୍ୟୁଜ୍**

ପୂର୍ବ ଶତ୍ରୁତାକୁ ନେଇ ହତ୍ୟାକାଣ୍ଡ ବଡ଼ ବାପା ପୁଅଙ୍କ ଟାଙ୍ଗିଆ ଚୋଟରେ ସାନବାପା ପୁଅଙ୍କ ମୃତ୍ୟୁ ଘଟିଛି । ଏହି ଘଟଣା ମୁନିଗୁଡ଼ା ବ୍ଲକ ଅମ୍ବାଦଳା ଥାନା ବଡନାଗଝରି ଗ୍ରାମରେ ଘଟିଛି । ଗୁରୁବାର ଦିନ ୧୦ଟା ବେଳେ ବଡନୁନା କଡ଼ିମ ନିଜ କାନ୍ଦୁଲ ଚାଷ ଦେଖିବାକୁ ଯାଉଥିବା ବେଳେ ଉକ୍ତ ଗ୍ରାମର ବିସମ୍ବର କଡ଼ିମ ଏକ ଟାଙ୍ଗିଆରେ ହାଣି ନିର୍ମମ ଭାବେ ହତ୍ୟା କରିଥିବା ଜଣାପଡିଛି । ଅମ୍ବାଦଳା ପୋଲିସ ଘଟଣାସ୍ଥଳରେ ପହଞ୍ଚି ହତ୍ୟା କରିଥିବା ବିସମ୍ବରକୁ ଥାନାରେ ଅଟକ ରଖିଛି ।

## ଇପିଏଫ୍ ପେନସନ ସଂଘର ଦାବି

**ଯାଜପୁର: ଏକ୍ସପ୍ରେସ ନ୍ୟୁଜ୍**




ଓଡ଼ିଶା ଇପିଏଫ୍ ପେନ୍‌ସନ୍ ସଂଘ ଯାଜପୁର ଶାଖା ପକ୍ଷରୁ ଗୁରୁବାର ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ସର୍ବନିମ୍ନ ୯ହଜାର ଟଙ୍କା ଦେବା, ସୁପ୍ରିମ କୋର୍ଟରଙ୍କ ନିର୍ଦ୍ଦେଶନାମା ଅନୁସାରେ ଉଚ୍ଚ ହାରରେ ପେନସନ ଦେବା, ଆୟୁଷମାନ ଯୋଜନା ସ୍ୱାସ୍ଥ୍ୟ ବୀମା, ମହଙ୍ଗା ଭତ୍ତା ପ୍ରଦାନ କରିବା ସମ୍ପର୍କରେ ଦାବିପତ୍ରରେ ଉଲ୍ଲେଖ କରାଯାଇଛି । ଏହି ଦାବିପତ୍ର ପ୍ରଦାନ ସମୟରେ ସଂଘର ସଭାପତି ଲାଏଅଲ୍ଲୀ ଖାନ୍, ସମ୍ପାଦକ ନିରଞ୍ଜନ ପରିଡ଼ା, ଉପସଭାପତି ମନୋହର ହରିଚନ୍ଦନ ସିଂହ, ପ୍ରଫୁଲ୍ଲ କୁମାର ଦାସ, କୁଳମଣି ସାମଲ, ଦୟାନିଧି ଷଡ଼ଙ୍ଗୀ, ବିଦ୍ୟାଧର ଜେନା, କାଳନ୍ଦି ପତି, କିଶୋର ସାମଲ, ଇନ୍ଦ୍ରମଣି ବିଶ୍ୱାଳ, ମହେଶ୍ୱର ସାହୁ, ଭାସ୍କର ଜେନା ପ୍ରମୁଖ ଉପସ୍ଥିତ ଥିଲେ ।

## ଆନ୍ତଃରାଜ୍ୟ କାର୍ ଚୋରି ରାକେଟ୍‌ର ପର୍ଦ୍ଦାଫାସ, ମାଷ୍ଟରମାଇଣ୍ଡ ଗିରଫ



**ରାଉରକେଲା: ଏକ୍ସପ୍ରେସ ନ୍ୟୁଜ୍**

ରାଉରକେଲା ପୋଲିସ ବର୍ଷ ଆରମ୍ଭରୁ ଏକ ବଡ ଧରଣର ଆନ୍ତଃରାଜ୍ୟ କାର୍ ଚୋରି ରାକେଟ୍‌ର ପର୍ଦ୍ଦାଫାସ୍ କରିଛି । ଏହି ଗ୍ୟାଙ୍ଗର ମୁଖ୍ୟ ଅଭିଯୁକ୍ତ ବିଶ୍ରା ରତାଖଣ୍ଡି ଅଞ୍ଚଳର କାହ୍ନୁ ନାୟକ ସହ ଜଲ୍‌ଦା ଏ' ବ୍ଲକ୍‌ର ଅନୁପ ମୁଣ୍ଡା ଓ ବିଶ୍ରା ଚେକ୍ ଗେଟ୍ ଅଞ୍ଚଳର ମହମ୍ମଦ ଗୁଲଜାରକୁ ଗିରଫ କରାଯାଇଛି । ସେମାନଙ୍କ ଠାରୁ ୭ଟି ବଲେରୋ କାର୍ ସହ ୪ଟି ବାଇକ୍, ୩ଟି ମୋବାଇଲ୍ ଓ ୨ଟି ମାଷ୍ଟର ଚାବି ଜବତ କରାଯାଇଛି । ସମସ୍ତଙ୍କୁ ଗୁରୁବାର କୋର୍ଟଚାଲାଣ କରାଯାଇଛି । ଏନେଇ ରାଉରକେଲା ଜିଲ୍ଲା ପୋଲିସ କାର୍ଯ୍ୟାଳୟରେ ଆୟୋଜିତ ଏକ ପ୍ରେସ୍‌ମିଟରେ ପଶ୍ଚିମାଞ୍ଚଳ ଡିଆଇଜି ବ୍ରିଜେଶ କୁମାର ରାୟ ଓ ରାଉରକେଲା ଏସ୍‌ପି ନୀତେଶ ୱାଧୱାନୀ ସୂଚ଼ନା ଦେଇଛନ୍ତି ।

ପୋଲିସ ସୂଚ଼ନାନୁଯାୟୀ, କାହ୍ନୁ ନାୟକ ଏକ ଅଭ୍ୟାସଗତ ଅପରାଧୀ । ସେ ବୋଲେରୋ ଲକ୍ ଖୋଲିବାରେ ବେଶ ଧୁରନ୍ଧର । ସେ ନିୟମିତ ବ୍ୟବଧାନରେ ବିଭିନ୍ନ ଅପରାଧରେ ଜେଲ୍ ଯାଉଥିଲା । ୨୦୨୫ ମସିହାରେ ଜୁନ୍ ମାସରେ ଜେଲ୍‌ରେ ଅନୁପ ମୁଣ୍ଡା ସହ ତାର ଦେଖା ହୋଇଥିଲା । ପରେ ଉଭୟ ମିଶି ରାଉରକେଲାରେ ଗାଡି ଚୋରି କରିବା ଯୋଜନା କରିଥିଲେ । ଜୁନ୍ ଶେଷରେ ଜାମିନରେ ବାହାରିବା ପରେ ବିଶ୍ରା ଅଞ୍ଚଳର ଏକ ଗ୍ୟାରେଜ୍‌ରେ କାମ କରୁଥିବା ମହମ୍ମଦ ଗୁଲଜାରକୁ ସାଙ୍ଗ କରିଥିଲେ । ପରେ ୩ଜଣ ସାଙ୍ଗ ହୋଇ ରାଉରକେଲାରେ ଆତଙ୍କ ଖେଳାଇଥିଲେ । ଜୁଲାଇରୁ ଚ଼ଳିତ ଜାନୁଆରୀ ମଧ୍ୟରେ ସେମାନେ ରଘୁନାଥପାଲି, ଟାଙ୍ଗରପାଲି, ବ୍ରାହ୍ମଣୀତରଙ୍ଗ, ଗୁରୁଣ୍ଡିଆ ଓ ବନ୍ଧମୁଣ୍ଡା ଅଞ୍ଚଳରେ ଚୋରି ଆରମ୍ଭ କରିଥିଲେ । ଗାଡି ଚୋରି କରିବାକୁ ୨ଟି ମାଷ୍ଟର ଚାବି ପ୍ରସ୍ତୁତ କରିଥିଲା ମାଷ୍ଟରମାଇଣ୍ଡ କାହ୍ନୁ ନାୟକ । ସେ ବୋଲେରୋ ଚୋରି କରୁଥିବାବେଳେ ଅନ୍ୟ ୨ ସହଯୋଗୀ ବାଇକ୍ ଉଠାଉଥିଲେ । ମାର୍କେଟ୍‌ରେ ବୋଲେରୋ କାରର ଚାହିଦା ଅଧିକ ରହିଥିବାରୁ ଏହି ଗାଡିକୁ ହିଁ ସେମାନେ ଟାର୍ଗେଟ୍ କରୁଥିଲେ । ଏହି ଗାଡିଗୁଡିକ ମଧ୍ୟରୁ ୨ଟି କାର୍ ପଡୋଶୀ ଝାଡଖଣ୍ଡରେ ମାତ୍ର ୬୦ ହଜାର ଟଙ୍କାରେ ବିକ୍ରି କରିଥିବାବେଳେ ଅନ୍ୟଗାଡିକୁ ରାଉରକେଲାର ବିଭିନ୍ନ ସ୍ଥାନରେ ବିକ୍ରି କରିଥିଲେ ।

ତେବେ ଗତ ବୁଧବାର ରଘୁନାଥପାଲି ଅଞ୍ଚଳରୁ ଚୋରି ଏହି ଗ୍ୟାଙ୍ଗର କାଳ ପୁରା କରିଥିଲା । ପୋଲିସ ତନାଘନା କରି ଦୁର୍ଦ୍ଦାନ୍ତ ଅପରାଧୀ କାହ୍ନୁକୁ ଗିରଫ କରିଥିଲା । ପଚ଼ରାଉଚ଼ରା କରିବାରୁ ସେ ତାର ୨ ଜଣ ସହଯୋଗୀଙ୍କ ବିଷୟରେ କହିଥିଲା । ପୋଲିସ ୩ ଜଣଙ୍କୁ ଜେରା କରିବାକୁ ଘଟଣାର ପର୍ଦ୍ଦାଫାସ ହୋଇଛି । ଏହି ଚୋରି ରାକେଟ୍‌ରେ ଆଉ କିଏ କିଏ ତାଙ୍କ ସହଯୋଗୀ ଥିଲେ, ଏହି ରାକେଟ୍‌ର ଚେର କେତେଦୂର ଲମ୍ବିଛି ସେସବୁ ଦିଗକୁ ନେଇ ପୋଲିସ ତନାଘନା ଜାରି ରଖିଛି ।

ଉଲ୍ଲେଖ ଯୋଗ୍ୟ, କାହ୍ନୁ ନାଁରେ ସହରର ଏକାଧିକ ଥାନାରେ ୪୭ଟି ମାମଲା ରହିଥିବାବେଳେ ଅନୁପ ନାଁରେ ୧୦ଟି ଓ ଗୁଲଜାର ନାଁରେ ୮ଟି ମାମଲା ରହିଛି । ଅନୁପ ଓ ଗୁଲଜାର ବିଶ୍ରା ଥାନା ଅଞ୍ଚଳରେ ଅକ୍ଟୋବର ମାସରେ ଏକ ବଡ ଧରଣର ଚୋରି ମାମଲାରେ ମଧ ସମ୍ପୃକ୍ତ ଥିଲେ ।




### ସିନେମାଫିନେମା ଟିଭିଫିଭି

## 'ଜନ ନାୟଗନ'କୁ ମିଳିଲା ୟୁ/ଏ ସାର୍ଟିଫିକେଟ୍

ଥଲାପତି ବିଜୟଙ୍କ ଫିଲ୍ମ 'ଜନ ନାୟଗନ'ର ମୁକ୍ତିଲାଭକୁ ନେଇ ବହୁ ବିବାଦ ଦେଖା ଦେଇଥିଲା । ଏହି ଫିଲ୍ମଟି ପ୍ରଥମେ ୯ ଜାନୁଆରୀ ୨୦୨୬ରେ ପ୍ରଭାସଙ୍କ 'ଦି ରାଜା ସାବ' ସହ ମୁକ୍ତିଲାଭ କରିବାର ପ୍ଲାନିଂ ଥିଲା, କିନ୍ତୁ ଶେଷ ମୁହୂର୍ତ୍ତରେ ଏହାକୁ ସେଣ୍ଟ୍ରାଲ ବୋର୍ଡ ଅଫ୍ ଫିଲ୍ମ ସାର୍ଟିଫିକେସନ(ସିବିଏଫସି) ଠାରୁ ଅନୁମତି ମିଳିନଥିଲା । ଯାହା ଫଳରେ ଏହାର ରିଲିଜକୁ ସ୍ଥଗିତ ରଖିବାକୁ ପଡିଲା । କିନ୍ତୁ, ଯେତେବେଳେ ମାମଲା ମାଦ୍ରାସ ହାଇକୋର୍ଟରେ ପହଞ୍ଚିବା ପରେ ସବୁ ଜିନିଷ ସ୍ପଷ୍ଟ ହୋଇଗଲା । କୋର୍ଟ ଫିଲ୍ମକୁ ୟୁ/ଏ ପ୍ରମାଣପତ୍ର ଦେବାକୁ ସିବିଏଫସିକୁ ନିର୍ଦ୍ଦେଶ ଦେଇଥିଲେ ।

ବିଜୟଙ୍କ ଫିଲ୍ମ 'ଜନ ନାୟଗନ'ର ମୁକ୍ତିଲାଭକୁ ନେଇ ଚାଲିଥିବା ସେନ୍ସରସିପ୍ ବିବାଦର ସମାଧାନ ଏବେ ହୋଇଛି । ମାଦ୍ରାସ ହାଇକୋର୍ଟ ଫିଲ୍ମର ପ୍ରଯୋଜକଙ୍କ ସପକ୍ଷରେ ରାୟ ଦେଇ ଏହାର ରିଲିଜ୍ ତାରିଖକୁ ସ୍ପଷ୍ଟ କରିଛନ୍ତି । ହେଲେ ନୂଆ ରିଲିଜ୍ ଡେଟ୍ ଏପର୍ଯ୍ୟନ୍ତ ସ୍ଥିର ହୋଇପାରି ନାହିଁ । କୋର୍ଟ ରାୟ ଦେଇଛନ୍ତି ଯେ ସିବିଏଫସି ଅଧକ୍ଷଙ୍କ ପାଖରେ ଫିଲ୍ମକୁ ସମୀକ୍ଷା କମିଟିକୁ ପଠାଇବାର କୌଣସି ଅଧିକାର ନାହିଁ । କୋର୍ଟ ଜାନୁଆରୀ ୬ ତାରିଖରେ ଜାରି ହୋଇଥିବା ସିବିଏଫସିର ଚ଼ିଠିକୁ ରଦ୍ଦ କରିଛନ୍ତି ଏବଂ ବୋର୍ଡକୁ ତୁରନ୍ତ ୟୁ/ଏ ପ୍ରମାଣପତ୍ର ଜାରି କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ।

ବିଜୟଙ୍କ ଶେଷ ଫିଲ୍ମ 'ଜନ ନାୟଗନ' ଡିସେମ୍ବର ୧୮ ତାରିଖରେ ସିବିଏଫସିରେ ଦାଖଲ କରାଯାଇଥିଲା । ସେହି ସମୟରେ ୨୭ କଟ୍ ଲଗାଇବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ନିର୍ଦ୍ଦେଶ ପାଳନ କରି, ନିର୍ମାତା କିଛି ଆବଶ୍ୟକୀୟ ପରିବର୍ତ୍ତନ କରିବା ସହ ପ୍ରମାଣପତ୍ର ପାଇଁ ପୁନଃ ଦାଖଲ କରିଥିଲେ । କିନ୍ତୁ ସେମାନେ ପ୍ରମାଣପତ୍ର ପାଇନଥିଲେ । ଯାହା ପରେ ନିର୍ମାତା ମାଦ୍ରାସ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ବର୍ତ୍ତମାନ ଦେଖିବାକୁ ବାକି ଅଛି ଯେ ଫିଲ୍ମର ନୂଆ ରିଲିଜ୍ ଡେଟ୍ କେବେ ହେବ । ଯାହା ଏପର୍ଯ୍ୟନ୍ତ ନିର୍ମାତାଙ୍କ ଦ୍ୱାରା ଘୋଷଣା କରାଯାଇ ନାହିଁ ।

ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ
ଭୁବନେଶ୍ୱର । ୧୦ ଜାନୁଆରୀ ୨୦୨୬ । ଶନିବାର

# ଟୋକନ ଅବଧି ସରିଯିବା ଆଶଙ୍କାରେ ଚାଷୀ

**୯।୧ : ଏକ୍ସପ୍ରେସ୍ ନ୍ୟୁଜ୍**

ବରଗଡ଼ ଜିଲ୍ଲାରେ ଧାନ କିଣାବିକା ସମସ୍ୟା ଲାଗି ରହିଛି । ମିଲର୍ସମାନେ ଆନ୍ଦୋଳନରୁ ଓହରିବା ପରେ ଶୁକ୍ରବାରରୁ ପୁଣି ଧାନ ଉଠାଣ ପ୍ରକ୍ରିୟା ଆରମ୍ଭ ହୋଇଛି । ମାତ୍ର ଏବେ ମଧ ମଣ୍ଡିରୁ ଧାନ ଉଠାଣରେ ଆଶାନୁରୂପ ପରିଲକ୍ଷିତ ହୋଇ ନାହିଁ । ଧାନ ଉଠାଣ ଏବେ ମଧ ମନ୍ଥର ଗତିରେ ଚାଲିଛି । ବିଭିନ୍ନ ମଣ୍ଡିର ସ୍ଥିତିରୁ ମଧ ତାହା ବାରି ହୋଇ ପଡୁଛି । ଧାନ ଉଠାଣରେ ଏଭଳି ମନ୍ଥରତା ଯୋଗୁ ସେମାନେ ବହୁବିଧ ଅସୁବିଧାର ସମ୍ମୁଖୀନ




ହେଉଛନ୍ତି ବୋଲି ଚାଷୀମାନେ କହିଛନ୍ତି ।

ଜିଲ୍ଲାରେ ଅତାବିରା, ବରଗଡ଼ ଏବଂ ପଦ୍ମପୁର ନିୟନ୍ତ୍ରିତ ବଜାର କମିଟି (ଆର୍‌ଏମ୍‌ସି) ଅଧିନରେ ୨୩୦ଟି ମଣ୍ଡି ଏଥର ଖୋଲାଯାଇଛି । ଗତବର୍ଷ ନଭେମ୍ବର ୧୮ତାରିଖରୁ ଏହି ମଣ୍ଡି ଗୁଡ଼ିକରୁ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହୋଇଛି । ମାତ୍ର ଆରମ୍ଭରୁ ବିଭିନ୍ନ ଅବ୍ୟବସ୍ଥା ଯୋଗୁ ଠିକ୍‌ଭାବେ ଧାନ ବିକ୍ରି ହୋଇ ପାରୁ ନଥିବା ଚାଷୀମାନେ ଅଭିଯୋଗ କରିଛନ୍ତି । କେତେବେଳେ ମିଲର୍ସଙ୍କ ଆନ୍ଦୋଳନ ତ ଆଉକେବେ ଟୋକନ ସମସ୍ୟାରୁ ଚାଷୀଙ୍କ ଧାନବିକ୍ରି ବିଳମ୍ବ ହେଉଛି । ସେହିପରି ଧାନ ଉଠାଣରେ ପୂର୍ବଭଳି ମିଲର୍ସଙ୍କୁ ଆଲଟମେଣ୍ଟ ଦିଆ ନଯାଇ ଦିନିକିଆ କମ୍ ପରିମାଣର ଆଲଟମେଣ୍ଟ ଦିଆଯିବା ମଧ ସମସ୍ୟା ସୃଷ୍ଟି କରୁଛି ବୋଲି ଚାଷୀ ପ୍ରତିନିଧିମାନେ କହିଛନ୍ତ ।

ସେହିପରି ବର୍ତ୍ତମାନ ଯେଭଳି ଢଙ୍ଗରେ ଧାନ ଉଠାଣ ଚାଲିଛି, ଯଦି ଆଗକୁ ମଧ ସେହି ଧାରା ଜାରି ରହେ, ଅନେକ ଚାଷୀଙ୍କ ଟୋକନ ଅବଧି ସରିଯିବାର ଆଶଙ୍କା ରହିଛି । ଗୁରୁବାର ସୁଦ୍ଧା ଅତାବିରା ଆରଏମସି ଅଧାନରେ ରହିଥିବା ମଣ୍ଡି ଗୁଡ଼ିକୁ ୩୨ଲକ୍ଷ ୫୬ହଜାର ପକେଟ୍ ଧାନ ଆସିଥିବା ବେଳେ ୨୮ଲକ୍ଷ ୭୮ହଜାର ପକେଟ୍ ଧାନ ଉଠି ସାରିଥିବା ଆର୍‌ଏମ୍‌ସି ସୂତ୍ରରୁ ସୂଚନା ମିଳିଛି । କିନ୍ତୁ ଗୁରୁବାର ଅତାବିରା ଆର୍‌ଏମ୍‌ସି ଅଧୀନ ମଣ୍ଡି ଗୁଡ଼ିକୁ ୮୯ହଜାର ୫୦୯ ପକେଟ୍ ଧାନ ଆସିଥିବା ବେଳେ ୯୬ହଜାର ୭୮୪ପକେଟ୍ ଧାନ ଉଠିଥିବା ଜଣାପଡ଼ିଛି । ସେହିପରି ବରଗଡ଼ ଆର୍‌ଏମ୍‌ସି ଅଧୀନ ମଣ୍ଡି ଗୁଡ଼ିକୁ ଗୁରୁବାର ୭୩୮୫ ପକେଟ୍ ଧାନ ଆସି ଥିବାବେଳେ ୪୮୮୬ ପକେଟ୍ ଧାନ ଉଠିଥିବା ଆର୍‌ଏମ୍‌ସି ସମ୍ପାଦକ ଗୋବିନ୍ଦ ନାଗ କହିଛନ୍ତି ।

## ଆଜିର ରାଶିଫଳ

| ତାରିଖ | ଶନିବାର–ସପ୍ତମୀ |
|---|---|
| ୧୦.୧.୨୦୨୬ | ନକ୍ଷତ୍ର– ହସ୍ତା, କନ୍ୟାଚନ୍ଦ୍ର |



| | |
|---|---|
| ମେଷ | : ବନ୍ଧୁମିଳନ ହେବ । |
| ବୃଷ | : ସୁସମାଚାର ପାଇବେ । |
| ମିଥୁନ | : ପାକସ୍ଥଳୀ କଷ୍ଟ ଦେବ । |
| କର୍କଟ | : ବକେୟା ପଡ଼ିଥିବା ଧନଲାଭ ହେବ । |
| ସିଂହ | : ଗୁରୁଜନ ଆପଣଙ୍କ ଉପରେ ପ୍ରସନ୍ନ ହେବେ । |
| କନ୍ୟା | : ଦ୍ରବ୍ୟଲାଭ ଯୋଗ ରହିଛି । |
| ତୁଳା | : ପୂର୍ବର କିଛି କଥାକୁ ନେଇ ମନସ୍ତାପ କରିବେ । |
| ବିଛା | : ପରିଭ୍ରମଣ ଯୋଗ ରହିଛି । |
| ଧନୁ | : ଶତ୍ରୁରେ ବିଜୟଲାଭ କରିବେ । |
| ମକର | : ଦିନଟି ସୁଖର ଦିନ ହେବ । |
| କୁମ୍ଭ | : ଚିନ୍ତା ବୃଦ୍ଧି ପାଇବ । |
| ମୀନ | : କର୍ମରେ ଖୁସି ପାଇବେ । |

## ବ୍ୟାରିକେଡ୍ ଭାଙ୍ଗି ବେପାର କରୁଛନ୍ତି ହୋଟେଲ ମାଲିକ

**ସୋର, ୯।୧ : ଏକ୍ସପ୍ରେସ୍ ନ୍ୟୁଜ୍**

ସୋର ଥାନା ୧୬ ନମ୍ବର ଜାତୀୟ ରାଜପଥ ଛପୋଲିଆ ନିକଟରେ ରାଜପଥରେ ହୋଇଥିବା ବ୍ୟାରିକେଡ୍‌କୁ ଭଙ୍ଗା ଯାଇଥିବାବେଳେ ସୋର ଭାରପ୍ରାପ୍ତ ତହସିଲଦାର ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି । ସୂଚନା ଅନୁସାରେ ଜାତୀୟ ରାଜପଥ ସମ୍ପ୍ରସାରଣ କାର୍ଯ୍ୟ ଚାଲୁଥିବା ବେଳେ ଏହି ସ୍ଥାନରେ ଜାତୀୟ ରାଜପଥରେ ବ୍ୟାରିକେଡ୍ କରାଯାଇଥିଲା ବେଳେ ଲୋକଙ୍କ ସୁବିଧା ପାଇଁ ବାଇପାସ ରାସ୍ତା ନିର୍ମାଣ କରାଯାଇଛି । କିନ୍ତୁ ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ଚିଲ୍ଲିସ୍ୱାଇସ ହୋଟେଲ ଏବଂ ଶ୍ରୀଗଣେଶ ହୋଟେଲ ସମ୍ମୁଖରେ ତିଆରି ହୋଇଥିବାବ୍ୟାରିକେଡ୍‌କୁ ତିନୋଟି ସ୍ଥାନରେ କେହି ଭାଙ୍ଗି ରାସ୍ତା କରିଥିବା ଦେଖିବାକୁ ମିଳିଥିଲା । ଏହା ଏକ ଦୁର୍ଘଟଣା ପ୍ରବଣ ଅଞ୍ଚଳ ହୋଇଥିବା ବେଳେ ରାସ୍ତା ଭଙ୍ଗାଯିବାରୁ ଅନେକ ସମସ୍ୟା ଉପୁଜୁଥିବା ନେଇ କିଛି ଲୋକ ସୋର ତହସିଲରେ ଅଭିଯୋଗ କରିଥିଲେ । ଅଭିଯୋଗ ମୂଳେ ସୋର ଭାରପ୍ରାପ୍ତ ତହସିଲଦାର ଦୈତାରି ମଲ୍ଲିକ ଘଟଣାସ୍ଥଳରେ ପହଞ୍ଚି ହୋଟେଲ ମାଲିକଙ୍କ ସମେତ ସ୍ଥାନୀୟ ଲୋକଙ୍କୁ ପଚରାଉଚରା କରିଥିଲେ । ତେବେ ତଦନ୍ତ ପରେ ବ୍ୟାରିକେଡ୍ ଭାଙ୍ଗିଥିବା ବ୍ୟକ୍ତିଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଶ୍ରୀ ମଲ୍ଲିକ ସୂଚନା ଦେଇଛନ୍ତି ଏବଂ ଜାତୀୟ ରାଜପଥ ସମ୍ପ୍ରସାରଣ କରୁଥିବା ଠିକା ସଂସ୍ଥା ବ୍ରିଜଗୋପାଲ କମ୍ପାନୀକୁ ପୁଣି ବ୍ୟାରିକେଟ ନିର୍ମାଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ।

## ବିଦ୍ୟାଳୟ ଆଗରେ ଦେଶୀ ମଦ ଦୋକାନ

**ନିଆଳୀ, ୯।୧ : ଏକ୍ସପ୍ରେସ୍ ନ୍ୟୁଜ୍**

କଟକ ଜିଲ୍ଲା ଅବକାରୀ ବିଭାଗର ବିଚିତ୍ର ନିୟମ । ଔଷଧ ଦୋକାନ, ଜନବସତି ସହ ବିଦ୍ୟାଳୟ ପାଖରେ ଖୋଲିଛନ୍ତି ଦେଶୀ ମଦ ଦୋକାନ । ସରକାରଙ୍କ ନିୟମ ସ୍କୁଲ କଲେଜ ସ୍ୱାସ୍ଥ୍ୟକେନ୍ଦ୍ର ଠାରୁ ୫ଶହ ମିଟର ଦୂରରେ ମଦ ଦୋକାନ ଖୋଲିବା ପାଇଁ ନିୟମ ଥିବାବେଳେ ଏହାକୁ ଖୋଲା ଉଲଂଘନ



କରି କଟକ ଜିଲ୍ଲା ଅବକାରୀ ବିଭାଗ ନିଆଳି ବଜାରରେ ଥିବା ନୀଳମଣି ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ୫୦ ମିଟର ଦୂରରେ ଦେଶୀ ମଦ ଦୋକାନ ଖୋଲା ଯାଇଛି । ଉକ୍ତ ମଦ ଦୋକାନଟି ସକାଳୁ ଖୋଲା ଯାଉଥିବା ବେଳେ ସ୍ଥାନୀୟ ଅଞ୍ଚଳର ଲୋକମାନେ ମଦ ପିଇ ବିଦ୍ୟାଳୟ ଆଗରେ ପଡୁଛନ୍ତି । ଏମିତିକି ଅସଭ୍ୟ ଭାଷାରେ ଗାଳିଗୁଲଜ ବି କରୁଛନ୍ତି । ଯାହାଫଳରେ ଛାତ୍ରୀମାନେ ବିଦ୍ୟାଳୟ ଯିବାକୁ ଭୟ କରୁଛନ୍ତି । ବିଦ୍ୟାଳୟ ଠାରୁ ୫୦ମିଟର ଦୂରରେ ଦେଶୀ ମଦ ଦୋକାନ ଖୋଲିବା ପାଇଁ ଜିଲ୍ଲା ଅବକାରୀ ବିଭାଗ କିଭଳି ଅନୁମତି ଦେଇଛି । ଅବକାରୀ ବିଭାଗ ଉକ୍ତ ମଦ ଦୋକାନକୁ ବନ୍ଦ ନ କଲେ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିବେ ବୋଲି ସ୍ଥାନୀୟ ଅଞ୍ଚଳବାସୀ ଚେତାବନୀ ଦେଇଛନ୍ତି । ଏ ନେଇ କଟକ ଜିଲ୍ଲା ଗ୍ରାମାଞ୍ଚଳ ଅବକାରୀ ବିଭାଗ ଅତିରିକ୍ତ ଅଧିକାରୀ ରାଜେଶ ପଟେଲଙ୍କୁ ପଚାରିବାରୁ ଆଗରୁ ଦିଆଯାଇଛି ଏବେ ଅଭିଯୋଗ ଆସିଲେ ବନ୍ଦ କରାଯିବ ବୋଲି କହିଛନ୍ତି ।

# ଚାରିଚକିଆକୁ ହେଲମେଟ ପାଇଁ ଜରିମାନା

**ନୀଳଗିରି, ୯।୧ ଏକ୍ସପ୍ରେସ୍ ନ୍ୟୁଜ୍**

ଘରୁ ବାହାରକୁ ବାହାରିବା ସମୟରେ ଦୁଇଚକିଆ ମଟରସାଇକେଲ ଚଳାଇବା ସମୟରେ ହେଲମେଟ ଅତ୍ୟନ୍ତ ଜରୁରୀ । ମାତ୍ର ଚାରିଚକିଆରେ ହେଲମେଟ ମଧ ନିହାତି ଆବଶ୍ୟକ ବୋଲି ଅଜବନୀତି ପ୍ରଣୟନ କରିଛି ଟ୍ରାଫିକ ପୋଲିସ । ଏଭଳି ଅଜବନୀତି ଲାଗୁ କରିବା ଯୋଗୁ ହେବେ ହନ୍ତସନ୍ତ ହେଉଛନ୍ତି ଚାରିଚକିଆ ଗାଡ଼ିର ମାଲିକ । ବର୍ତ୍ତମାନ ସାରା ଓଡ଼ିଶା ସରକାରଙ୍କ ପରିବହନ ବିଭାଗ ଗୋଟିଏ ନୀୟମ ପାଇଁ ବେଶ ଚର୍ଚ୍ଚା ଚାଲିଛି । ଦୁଇ ଓ ଚାରିଚକିଆ ସହିତ ବିଭିନ୍ନ ଯାନବାହାନରେ ପିୟୁସି ଅତ୍ୟନ୍ତ ଜରୁରୀ ବୋଲି ନିଜର ଚାରିଚକିଆ ଗାଡିର ପ୍ରଦୂଷଣ ସାର୍ଟିଫିକେଟ ନିମନ୍ତେ ସେଣ୍ଟରକୁ ଯାଇଥିବା ବେଳେ ଗାଡିର ଫାଇନ ଥିବାର ଜାଣିବାକୁ ପାଇଲେ ତେଣୁ ଫାଇନ ନ ଭରିଲେ ପିୟୁସି ମିଳିବ ନାହିଁ ବୋଲି





ଫେରାଇଦେଲେ ପିୟୁସି ସେଣ୍ଟର । ଚାଲାଣ ସଂପର୍କରେ ଜାଣିବା ପାଇଁ ଜନସେବା କେନ୍ଦ୍ରରେ ପ୍ରିଣ୍ଟ ଦେଖିବା ପରେ ତାଜୁବ ହୋଇଯାଇଥିଲେ ଗାଡିର ମାଲିକ । ଚାରିଚକିଆ ଗାଡ଼ି ଚଳାଇବା ବେଳେ ହେଲମେଟ ନ ଥିବାରୁ ଚାଲାଣ କାଟିଛି ଟ୍ରାଫିକ ପୋଲିସ । ଏଭଳି ଏକ ଅଜବଘଟଣା ଦେଖିବାକୁ ମିଳିଛି ବାଲେଶ୍ୱର ଜିଲ୍ଲା ନୀଳଗିରି ଅଞ୍ଚଳରେ ଥିବା ମାରୁତିଆର୍ଟିଗା ଯାହାର ନମ୍ବର ଓଡି୦୧ଏଚ୍ ୦୧୨୬ । ଉକ୍ତ ଗାଡ଼ିକୁ ବିନା ହେଲମେଟ ପାଇଁ ଚାଲାଣ ନମ୍ବର ହେଉଛି ଓଆର୍ ୫୧୨୫୫୨୧୧୧୨୩୧୧୩୦୩୫ । ଯଦିଟ୍ରାଫିକ ପୋଲିସ ବିଭାଗ ପରିବହନ ବିଭାଗର ନିୟମ ଜାଣିନାହିଁ ତେବେ ଏଭଳି ଅଧିକାରୀ ଓ କର୍ମଚାରୀଙ୍କୁ ରାଜ୍ୟସରକାର କାହିଁକି ନିଯୁକ୍ତି କରି ଗାଡ଼ିର ମାଲିକଙ୍କୁ ହରଡଘଣା ପକାଇ ସହିତ ଲୋକହସା ହେଉଛି ଟ୍ରାଫିକ ପୋଲିସ । ଏଭଳି ବେନିୟମ କାର୍ଯ୍ୟ କରୁଥିବା ଅଧିକାରୀ ଓ କର୍ମଚାରୀଙ୍କୁ ତୁରନ୍ତ ଚାକିରିରୁ ବହିଷ୍କୃତ କରିବା ସହିତ ହେଲମେଟ ପାଇଁ ଯେତେ ଗାଡ଼ିର ଫାଇନ ସେମାନଙ୍କଠାରୁ ଆଦାୟ ହେବା ନିହାତି ଜରୁରୀ ବୋଲି କହିଛନ୍ତି ଦଣ୍ଡ ଭୋଗୁଥିବା ମାଲିକମାନେ । ଏଥିସହିତ ଏଭଳି ଗୁରୁତର ଘଟଣା ଘଟାଇଥିବା ଅଧିକାରୀ ଓ ପୋଲିସ କର୍ମଚାରୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ରାଜ୍ୟ ସରକାରଙ୍କ ନିକଟରେ ପାଇଁ ଦାବି ଜଣାଇଛନ୍ତି ଦଣ୍ଡିତ ହୋଇଥିବା ନିରୀହ ଜନସାଧାରଣ ଓ ଗାଡିର ମାଲିକମାନେ । ନ୍ୟାୟ ନ ମିଳିଲେ ଆଇନ୍ ଆଶ୍ରୟ ନେବେ ବୋଲି ସୂଚନା ଦେଇଛନ୍ତି ।

## ପ୍ରଦୂଷଣ ବଢୁଛି, ସବୁଜିମା ହଜୁଛି

**ବାଙ୍କୀ, ୯।୧ : ଏକ୍ସପ୍ରେସ୍ ନ୍ୟୁଜ୍**

ଦିନକୁ ଦିନ ବାୟୁ ପ୍ରଦୂଷଣ ଗମ୍ଭୀର ରୂପ ଧାରଣ କରୁଥିବା ବେଳେ ପ୍ରବଳମାତ୍ରାରେ କୁହୁଡି ଓ ଅସଂଖ୍ୟ ଯାନବାହନ ଚଳାଚଳ ଯୋଗୁଁ ସମସ୍ୟା ଦେଖିବାକୁ ମିଳୁଛି । ଏହି ପରିପ୍ରେକ୍ଷୀରେ ଗଛପତ୍ରର ରଙ୍ଗ ସବୁଜ ଦେଖାଯିବା ବଦଳରେ ଦିନକୁ ଦିନ ଧୂସର ଦେଖାଯାଉଛି । ଏହା ଫଳରେ ଗଛର ଖାଦ୍ୟ ତିଆରି ପରିମାଣ କମୁଛି ଓ ଗଛ ଦୁର୍ବଳ ହେଉଛି ବୋଲି ପରିବେଶବିତ୍ ପ୍ରକୃତି ବନ୍ଧୁ ପ୍ରାଧାପକ ମନୋଜ କୁମାର ମହାପାତ୍ର ପ୍ରକାଶ କରିଛନ୍ତି । ବାଙ୍କୀ–କଟକ –କଳାପଥର ରାସ୍ତାଘାଟ କଡରେ ଥିବା ଛୋଟବଡ ଗଛର ପତ୍ର ସବୁ ଦିନକୁ ଦିନ ଧୂସର ଓ ହଳଦିଆ ରଙ୍ଗ ହେବାରେ ଲାଗିଛି । ବିଶେଷ କରି ଯାନବାହାନ ଓ ବିଭିନ୍ନ ନିର୍ମାଣ କାର୍ଯ୍ୟ ଯୋଗୁଁ ଧୂଳି ଆସି ଗଛପତ୍ରରେ ଜମାଟ ବାନ୍ଧିବା



ଫଳରେ ପ୍ରଦୂଷଣରେ କଣିକା ପଦାର୍ଥ , ସଲ୍‌ଫର୍ ଡାଇଅକ୍ସାଇଡ୍, ନାଇଟ୍ରୋଜେନ ଆଦି ରାସାୟନିକ ଅଣୁ ଯୋଗୁଁ ପତ୍ରଗୁଡିକ ଉପରେ ଆସ୍ତରଣ କରିକଦେଉଛି। ବିଶେଷ କରି ପତ୍ରରେ ଏହି ସବୁ ଆସ୍ତରଣ ଯୋଗୁଁ ସୂର୍ଯ୍ୟକିରଣ ପାଇବାରୁ ଗଛ ବଞ୍ଚିତ ହେଉଛି। ଫଳରେ ଗଛରେ ଖାଦ୍ୟ ଉତ୍ପାଦନ ପରିମାଣ କମି ଯାଉଛି। ଗଛର ଫୁଲଫଳ ଧରିବା କ୍ଷମତା କମିବା ସହିତ ଗଛ ଦୁର୍ବଳ ହୋଇ ପଡୁଛି ବୋଲି ପ୍ରକୃତି ବନ୍ଧୁ ପ୍ରାଧାପକ ମହାପାତ୍ର ପ୍ରକାଶ କରିଛନ୍ତି । ରାସ୍ତାକଡର ବୃକ୍ଷରେ ଧୂଳିର ଆସ୍ତରଣ ଯୋଗୁଁ ସେମାନଙ୍କର ଖାଦ୍ୟ ପ୍ରସ୍ତୁତି କମିବା ଫଳରେ ଗଛ ବେଶିଦିନ ବଞ୍ଚି ପାରିବ ନାହିଁ । ସରକାରଙ୍କ ପକ୍ଷରୁ ଏହି ଧୂଳିକୁ କମେଇବା ପାଇଁ ପ୍ରତିଦିନ ରାସ୍ତା ଓ ଗଛରେ ପାଣି ସିଞ୍ଚନ କରାଗଲେ ପ୍ରଦୂଷଣ କମିବା ସହିତ ଗଛର ସୁରକ୍ଷା ହୋଇପାରିବ ବୋଲି ପରିବେଶବିତ୍‌ମାନେ ଅନୁରୋଧ କରିଛନ୍ତି ।

### ସରସରା ଉପଡାକ ଘର ଟଙ୍କା ଗାଏବ ଘଟଣା

## ଜମାକାରୀଙ୍କ ଜାତୀୟ ରାଜପଥ ଅବରୋଧ


**ବୌଦ୍ଧ, ୯।୧ : ଏକ୍ସପ୍ରେସ୍ ନ୍ୟୁଜ୍**

ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକର ସରସରା ଗ୍ରାମରେ ଥିବା ଉପ ଡାକଘରୁ ଜମାଖାତାରୁ ଲକ୍ଷାଧିକ ଟଙ୍କା ଗାଏବ ହେବା ଘଟଣା ପରେ ଜମାକାରୀମାନେ ସେମାନଙ୍କ ଜମାଟଙ୍କା ଫେରସ୍ତ ପାଇବା ଦାବିରେ ୫୭ ନମ୍ବର ଜାତୀୟ ରାଜପଥକୁ ଅବରୋଧ କରିଥିଲେ । ଫଳରେ ଯାନବାହାନ ଚଳାଚଳ ବନ୍ଦ ରହିଥିଲା । ରାସ୍ତାର ଉଭୟ ପାର୍ଶ୍ୱରେ ବହୁ ଗାଡି ମଟର ଅଟକି ରହିଥିଲା । ସୂଚନା ଯୋଗ୍ୟ ଯେ, ସରସରା ଉପଡାଘ ଘରେ ଅଞ୍ଚଳର ଶତାଧିକ ଲୋକ ନିଜର କଷ୍ଟ ଆର୍ଜିତ ପୁଞ୍ଜିକୁ ଉପଡାକ ଘରେ ଜମାଖାତରେ ଜମା କରିଥିଲେ । ହେଲେ ସେମାନେ ଜାଣିବାକୁ ପାଇଲେ ଯେ ସେମାନଙ୍କର ଜମାଟଙ୍କା ଡାକଘରେ ଜମା ହୋଇନାହିଁ । ଏହାଜଣା ପଡିବା ପରେ ଧିରେ ଧରେ ଜମାକାରୀ ଡାକଘରକୁ ଆସି ସେମାନଙ୍କ ଜମା ଟଙ୍କା ବିଷୟରେ ପଚାରି ବୁଝିଥିଲେ । ହେଲେ ସେମାନଙ୍କ ଜମାଖାତାରେ ଟଙ୍କା ଗାଏବ ହୋଇଯାଇଥିବା ଜାଣିବାକୁ ପାଇଥିଲେ । ସେମାନେ ଗତକାଲି ପୋଷ୍ଟ ଅଫିସ ଘେରଉ କରିଥିଲେ । ଲୋକଙ୍କ ମଧ୍ୟରେ ଉତେଜନା ଦେଖିବାକୁ ମିଳିଥିଲା । ଖବର ପାଇ ପୋଷ୍ଟଲ ଇନ୍ସପେକ୍ଟର କୃଷ୍ଣଚନ୍ଦ୍ର ଶତପଥୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ । ଜମାଖାତାରୁ ଟଙ୍କା ଗାଏବ ହୋଇଥିବା ଜାଣିବାକୁ ପାଇଥିଲେ । ଏହି ଘଟଣାରେ ଉପଡାକଘର ପୋଷ୍ଟ ମାଷ୍ଟରଙ୍କୁ ନିଲମ୍ବନ କରାଯାଇଥିବା ବେଳେ ଆଜି ଜମାକାରୀମାନେ ସେମାନଙ୍କ ଜମାଟଙ୍କା ଫେରସ୍ତ ପାଇବା ଦାବିରେ ଜମାକାରୀମାନେ ଜାତୀୟ ରାଜପଥ ଅବରୋଧ କରି ପ୍ରତିବାଦ ଜଣାଇଥିଲେ । ଖବର ପାଇଁ ବୌଦ୍ଧ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନ କାରୀଙ୍କ ସହିତ ଆଲୋଚନା କରିଥିଲେ । ଜିଲ୍ଲାପାଳ ବିଭୂତି ଭୂଷଣ ନାୟକ ଆନ୍ଦୋଳନକାରୀଙ୍କ ସହିତ ଆଲୋଚନା କରିଥିଲେ ଓ ରାସ୍ତା ଅବରୋଧ ହଟିଥିଲା ।

## ନିଜ ମର୍ଜିରେ ଅଫିସ୍ ଆସୁଛନ୍ତି ରାଜସ୍ୱ ନିରୀକ୍ଷକ

**ନିଆଳୀ, ୯।୧ : ଏକ୍ସପ୍ରେସ୍ ନ୍ୟୁଜ୍**

ନିଆଳୀ ତହସିଲ୍ ଅଧୀନ ବିଳାଶୁଣୀ ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ ସରକାରୀ ଅଫିସ ସମୟରେ ଉକ୍ତ କାର୍ଯ୍ୟାଳୟଟି ତାଲା ଝୁଲୁଛି । ଏଠାରେ ଦାୟିତ୍ୱରେ ଥିବା ରାଜସ୍ୱ ନିରୀକ୍ଷକ ନିଜ ମନମର୍ଜିରେ କାର୍ଯ୍ୟାଳୟକୁ ଆସନ୍ତି । ସାଧାରଣ ଲୋକମାନେ ନିରୀକ୍ଷକ କାର୍ଯ୍ୟାଳୟକୁ ଆସି ଘଣ୍ଟା ଘଣ୍ଟା ଅପେକ୍ଷା କରି ଫେରିଯାଆନ୍ତି । ଫୋନ୍ କଲେ ମଧ ଫୋନ୍ ଉଠାନ୍ତି ନାହିଁ ନିରୀକ୍ଷକ । ଯଦି କାଁ ଭାଁ ଫୋନ୍ ଉଠାନ୍ତି, ନିଆଳୀ ଅଫିସରେ କାର୍ଯ୍ୟକରୁଛନ୍ତି ବୋଲି କହି ଫୋନ୍ କାଟିଦିଅନ୍ତି । ସରକାରଙ୍କଠାରୁ ମୋଟାଅଙ୍କର ଦରମା ନେଉଛନ୍ତି । ରାଜସ୍ୱ ନିରୀକ୍ଷକ କାର୍ଯ୍ୟଳୟଠାରୁ ଆଠ କିଲୋମିଟର ମଧ୍ୟରେ ରହିବାପାଇଁ ସରକାରଙ୍କ ନିୟମ ଥିବାବେଳେ ଏଥି ନିମନ୍ତେ ସରକାର ମାସିକ ଘରଭଡା ଟଙ୍କା ଯୋଗାଇଦେଉଛନ୍ତି । ହେଲେ ଘରଭଡା ନେଇ ରହିବା ତ ଦୂରର କଥା ବାବୁ ପାଖାପାଖି ରହୁନଥିବା ଅଞ୍ଚଳରେ ଅଭିଯୋଗ ହେଉଛି । ବିଳାଶୁଣୀ ରାଜସ୍ୱନିରୀକ୍ଷକଙ୍କ ଅଧୀନରେ ବେଆଇନ ଇଟାଭାଟି,



ବାଲିଚୋରି, ମାଟିଚୋରି ସରକାରୀ ଜାଗା ଦଖଲ କରି ଗୃହ ନିର୍ମାଣ କରିବା ସରକାରୀ ଜାଗାରୁ ବଡ଼ ବଡ଼ ଗଛ କାଟି ନିଆଯାଉଥିଲେ । ଏଥିପ୍ରତି ଦୃଷ୍ଟି ନ ଦେବା ତାଙ୍କ ଭୂମିକା ସନ୍ଦେହଘେରକୁ ଆସିଛି । କାର୍ଯ୍ୟଳୟ ଠିକ ସମୟରେ ଖୋଲିବା ଓ ସରକାରଙ୍କ ରାଜସ୍ୱ ଲୁଟୁଥିବା ଉପରେ ଜିଲ୍ଲାପାଳ ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଦାବି କରୁଛନ୍ତି ।

## ହାଇୱା ଧକ୍କାରେ ମହିଳା ମୃତ

**ଜଟଣୀ, ୯।୧ ଏକ୍ସପ୍ରେସ୍ ନ୍ୟୁଜ୍**

୧୬ ନମ୍ବର ଜାତୀୟ ରାଜପଥ ଇନ୍ଫୋଭ୍ୟାଲି ଥାନା ଗଙ୍ଗପଡ଼ା ନିକଟରେ ଶୁକ୍ରବାର ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି । ସ୍କୁଟିରେ ଯାଉଥିବା ଜଣେ ମହିଳା ଭାରସାମ୍ୟ ହରାଇ ପଡିଯିବା ପରେ ଏକ ହାଇୱା ଚଢ଼ିଯିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଛି ।

ମିଳିଥିବା ସୂଚନା ମୁତାବକ, ଜଣେ ମହିଳା ତାଙ୍କ ପୁଅଙ୍କୁ ଧରି ଏକ ସ୍କୁଟିରେ ଯାଉଥିଲେ । ହେଲେ ଗଙ୍ଗପଡ଼ା ନିକଟରେ ସ୍କୁଟିରୁ



ଭାରସାମ୍ୟ ହରାଇ ମହିଳା ଜଣକ ତଳେ ପଡିଯାଇଥିଲେ । ସେତିକିବେଳେ ଏକ ହାଇୱା ଦ୍ରୁତ ଗତିରେ ଆସି ମହିଳାଙ୍କ ଉପରେ ଚଢି ଯାଇଥିଲା । ଫଳରେ ପୁଅଙ୍କ ଆଖି ଆଗରେ ମା'ଙ୍କ ମୃତ୍ୟୁ ଘଟିଥିଲା । ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି । ଏନେଇ ପୋଲିସ ଏକ ମାମଲା ରୁଜୁ କରି ହାଇୱା ଜବତ କରି ଘଟଣାର ତଦନ୍ତ ଆରମ୍ଭ କରିଛି ।

# ଅଲଟ୍ରାସାଉଣ୍ଡ ମେସିନ୍ ଓ ଲାଇଟ ଯୋଗାଣରେ ଦୁର୍ନୀତି !

**ବୈଶିଙ୍ଗା, ୯।୧ : ଏକ୍ସପ୍ରେସ୍ ନ୍ୟୁଜ୍**

ବଡ଼ସାହି ନିର୍ବାଚନ ମଣ୍ଡଳୀର ବିଧାୟକ ସନାତନ ବିଜୁଳିଙ୍କ ବିପକ୍ଷରେ ସ୍ଥାନୀୟ ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି । ସୋସିଆଲ୍ ମିଡିଆ ଓ ସ୍ଥାନୀୟ ଚର୍ଚ୍ଚା ଅନୁଯାୟୀ, ବିଧାୟକଙ୍କ ବିରୁଦ୍ଧରେ ବେତନଟୀ ଓ ବଡ଼ସାହି ଅଞ୍ଚଳରେ ଉନ୍ନୟନ କାର୍ଯ୍ୟରେ ଅନିୟମିତତା ଏବଂ ଦୁର୍ନୀତି ଅଭିଯୋଗ ଉଠିଛି । ଏହି ଅଭିଯୋଗଗୁଡ଼ିକ ମଧ୍ୟରେ ଅଲଟ୍ରାସାଉଣ୍ଡ ମେସିନ୍ ଯୋଗାଣ, ଉଚ୍ଚ ମୂଲ୍ୟରେ ଲାଇଟ ସ୍ଥାପନ, ଏବଂ ପଞ୍ଚାୟତରାଜ ବ୍ୟବସ୍ଥାରେ ହସ୍ତକ୍ଷେପ ଭଳି ଗୁରୁତର ଅଭିଯୋଗ ସାମନାକୁ ଆସିଛି ।

ବେତନଟୀ ଓ ବଡ଼ସାହି ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକରେ ସନାତନ ବିଜୁଳିଙ୍କ ପ୍ରୟାସରେ ଅଲଟ୍ରାସାଉଣ୍ଡ ମେସିନ୍ ଯୋଗାଣ କରାଯାଇଥିବା ନେଇ ବେଶ୍ ପ୍ରଚାର ପ୍ରସାର କରାଯାଇଛି । କିନ୍ତୁ ସ୍ଥାନୀୟ ବାସିନ୍ଦାମାନଙ୍କ ସୂଚନା ଅନୁଯାୟୀ, ଏହି ମେସିନ୍ ଗୁଡ଼ିକ ଅପରେଟର ଅଭାବରୁ ଅଧିକାଂଶ ସମୟ ବନ୍ଦ ରହୁଛି, କେବଳ ଗର୍ଭବତୀ ମା'ମାନଙ୍କ ପାଇଁ ହିଁ ବ୍ୟବହାର ହେଉଛି ବାକି ଅନ୍ୟ ସବୁ ରୋଗୀ ଗରିବ ହେଉ ବା ଧନୀ ଯେଉଁମାନଙ୍କର ଅଲଟ୍ରାସାଉଣ୍ଡ କରାଯିବାର ଆବଶ୍ୟକତା ରହିଛି ସେମାନେ ଏହି ସୁବିଧାରୁ ବଞ୍ଚିତ ରହୁଛନ୍ତି । ଯାହା ଫଳରେ ସ୍ୱାସ୍ଥ୍ୟ ସେବା ପ୍ରଭାବିତ ହେଉଛି । ଏହା ସହିତ, ଏହି ମେସିନ୍ ଯୋଗାଣ ପାଇଁ ବିଧାୟକ ମୋଟା ଅଙ୍କର 'ପିସି' (ପର୍ସେଣ୍ଟେଜ କମିଶନ) ନେଇଥିବାର ଅଭିଯୋଗ ମଧ ସାଧାରଣରେ ଚର୍ଚ୍ଚା ହେଉଛି । ଏହା ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି କରିଛି । ବିଧାୟକ ବିଜୁଳି ନିର୍ବାଚନ ମଣ୍ଡଳୀରେ ଉଚ୍ଚ କ୍ଷମତା ସମ୍ପନ୍ନ ଲାଇଟ ସ୍ଥାପନ କରିଥିବା ଦାବି କରୁଛନ୍ତି । କିନ୍ତୁ ସ୍ଥାନୀୟ ବାସିନ୍ଦାମାନଙ୍କ ସୂଚନା ଅନୁଯାୟୀ, ସୂଚନା ଫଳକରେ ଏହି ଲାଇଟ୍‌ଗୁଡ଼ିକର ମୂଲ୍ୟ ୧,୫୦,୦୦୦ ରୁ ୨,୫୦,୦୦୦ ଟଙ୍କା ମଧ୍ୟରେ ଥିବା ଲେଖାଯାଇଛି, ଯେଉଁଠାରେ ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ସମାନ ଗୁଣାତ୍ମକ ଲାଇଟ୍ ମାତ୍ର ୫୦,୦୦୦ ଟଙ୍କାରେ ସ୍ଥାପନ କରିଛନ୍ତି । ଏହି ମୂଲ୍ୟର ବ୍ୟବଧାନ ନେଇ ସନାତନ ବିଜୁଳିଙ୍କ ବିରୁଦ୍ଧରେ ମୋଟା ଅଙ୍କର 'ପି ସି' ନେବାର ଅଭିଯୋଗ ଉଠିଛି । ଏହା ସାଧାରଣ ଜନତାଙ୍କ ମଧ୍ୟରେ ପ୍ରଶ୍ନ ଉଠାଇଛି ଯେ, ଏହି ସବୁ ଉଚ୍ଚ କ୍ଷମତା ସମ୍ପନ୍ନ ଲାଇଟ ସାଧାରଣ ଲୋକଙ୍କ ପାଇଁ ନାଁ ବିଜେଡି ସରକାରକୁ ଚକମା ଦେଇ ନିଜ ପକେଟ୍ ଫୁଲ୍ ଗରମ କରିବା ପାଇଁ ଲଗା ଯାଇଛି । ବେତନଟୀ ବ୍ଲକ୍ରେ ତ୍ରିସ୍ତରୀୟ ପଞ୍ଚାୟତ ରାଜ ବ୍ୟବସ୍ଥାକୁ ବିଧାୟକ ଦଳି ମକଚି ନଷ୍ଟ କରୁଥିବା ଅଭିଯୋଗ ମଧ ଉଠିଛି । ସ୍ଥାନୀୟ ବାସିନ୍ଦାମାନଙ୍କ ଅନୁଯାୟୀ, ସନାତନ ବିଜୁଳି ପଞ୍ଚାୟତ ରାଜ ଆଇନ୍




ଅନୁସାରେ କାର୍ଯ୍ୟ କରିବା ପରିବର୍ତ୍ତେ ନିଜର ଆନୁଗତ୍ୟ ଥିବା କିଛି କର୍ମୀ ଓ ଠିକାଦାରଙ୍କ ସ୍ୱାର୍ଥ ପୂରଣ କରିବା ପାଇଁ କାର୍ଯ୍ୟ ତାଲିକା ପ୍ରସ୍ତୁତ କରୁଛନ୍ତି । ପଲ୍ଲୀସଭା ଓ ଗ୍ରାମସଭାରୁ ଆସିଥିବା ପ୍ରସ୍ତାବଗୁଡ଼ିକୁ ବାଦ୍ ଦେଇ ନିଜର ଓ ନିଜ ଚାମଚା ମାନଙ୍କର ପସନ୍ଦର ପ୍ରକଳ୍ପଗୁଡ଼ିକୁ ପଞ୍ଚାୟତ ସମିତି ବୈଠକରେ ପାରିତ କରାଯାଉଛି, ଯାହା ସାଧାରଣ ଜନତାଙ୍କ ସ୍ୱାର୍ଥକୁ ପ୍ରାଧାନ୍ୟ ଦେଉନାହିଁ । ଏହା ସହିତ, ସ୍ଥାନୀୟ ବିଡିଓଙ୍କୁ ହାତବାରିସି କରି ନିୟନ୍ତ୍ରଣ କରୁଥିବା ନେଇ ଅଭିଯୋଗ ମଧ ରହିଛି ।

ବେତନଟୀ ଡାକ୍ତରଖାନାର ରୋଗୀ କଲ୍ୟାଣ ସମିତି ବୈଠକରେ ସନାତନ ବିଜୁଳି ନିୟମ ଅନୁଯାୟୀ ସମସ୍ତ ଜନପ୍ରତିନିଧିଙ୍କୁ ଡାକିବା ପରିବର୍ତ୍ତେ କେବଳ ନିଜର ଆନୁଗତ୍ୟ ଥିବା କିଛି ସାମ୍ବାଦିକ, ଦଳୀୟ ପଦାଧିକାରୀ, କର୍ମୀ ଓ ବ୍ୟକ୍ତିଙ୍କୁ ଡାକି ବୈଠକ କରୁଥିବା ଅଭିଯୋଗ ରହିଛି । ଏହା ମାଧ୍ୟମରେ ମୋଟା ଅଙ୍କର ଟଙ୍କା ଉକ୍ତ ଡାକ୍ତରଖାନା ଗୁଡିକରୁ ଆଦାୟ କରାଯାଉଥିବା ମଧ ଚର୍ଚ୍ଚା ହେଉଛି । ଏହା ଫଳରେ ଉକ୍ତ ଡାକ୍ତରଖାନା ଗୁଡିକରେ କିଛି ଅସାଧୁ କର୍ମଚାରୀ, ଡାକ୍ତର ଓ ବିଧାୟକଙ୍କ ଆନୁଗତ୍ୟ ଥିବା କିଛି ସାମ୍ବାଦିକ ହିଁ ଲାଭବାନ ହେଉଛନ୍ତି । ସରକାରଙ୍କର ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ ହେଉଛି କିନ୍ତୁ ସ୍ଥାନୀୟ ବାସିନ୍ଦା ଏହାର କାଣିଚାଏ ବି ସୁଫଳ ପାଇ ପାରୁ ନାହାଁନ୍ତି । ଏପରି କି ଡାକ୍ତରଖାନା କର୍ମଚାରୀ ଓ ଡାକ୍ତର ବସରୁ ଓହ୍ଲାଇଲା ବେଳକୁ ଡାକ୍ତରଖାନା ଗାଡି ତାଙ୍କୁ ନେଇ ଡାକ୍ତରଖାନା ଯିବା ପାଇଁ ବସ ଷ୍ଟପରେ ଅପେକ୍ଷା କରି ରହୁଛି । କିଛି କର୍ମଚାରୀ ଓ ଡାକ୍ତରଙ୍କ ଘରୋଇ କାମ, ବୁଲାବୁଲି, ମାର୍କେଟିଂ ଏବଂ ପିକନିକ୍ ପାଇଁ ଉକ୍ତ ଗଡି ବାରିପଦା, ବାଲେଶ୍ୱର ଭଳି ଅନେକ ଜାଗାକୁ ଯାଇପାରୁଛି । କିନ୍ତୁ ଯେ କୌଣସି ଏମର୍ଜେନ୍ସି ଆସିଲେ ମଧ ଉକ୍ତ ଡାକ୍ତରଖାନା ଗାଡି ରୋଗୀ ନେଇ ବାରିପଦା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଯାଇପାରୁ ନାହିଁ । ରୋଗୀ ମରିବା ପର୍ଯ୍ୟନ୍ତ ୧୦୮ ଆମ୍ବୁଲାନ୍ସ ସେବାକୁ ଅପେକ୍ଷା କରିବାକୁ ପଡୁଛି । ଏହା କି ପ୍ରକାର ବିଡମ୍ବନା ଓ ଅବ୍ୟବସ୍ଥା ତାହା ସାଧାରଣରେ ଅସନ୍ତୋଷ ଏବଂ ବୁଦ୍ଧିଜୀବି ମହଲରେ ଚର୍ଚ୍ଚାର ବିଷୟବସ୍ତୁ ପାଲଟିଛି । ଠିକ୍ ସେହିଭଳି ଅଭିଯୋଗ ରହିଛି ଯେ, ସନାତନ ବିଜୁଳି ବିଭିନ୍ନ ସରକାରୀ ବିଭାଗ ଯେମିତି ଆର୍‌ଡି, ପିଡବ୍ଲ୍ୟୁଡି, ଆର୍‌ଡବ୍ଲ୍ୟୁଏସ୍‌ଏସ୍, ମାଇନର ଏରିଗେସନ, ଫରେଷ୍ଟ ଓ ଆଇଟିଡିଏରୁ ମୋଟା ଅଙ୍କର ଟଙ୍କା ନେଉଛନ୍ତି । ଯାହା ଫଳରେ ଏହି ବିଭାଗଗୁଡ଼ିକ ଦ୍ୱାରା କରାଯାଉଥିବା ପ୍ରତ୍ୟେକଟି ନିର୍ମାଣ ଓ ମରାମତି କାର୍ଯ୍ୟ ନିମ୍ନମାନର ହେଉଛି, ଯାହା ଜନସାଧାରଣଙ୍କ ସୁବିଧା ପରିବର୍ତ୍ତେ କିଛି ଠିକାଦାର ଓ ଅସାଧୁ ବ୍ୟକ୍ତିଙ୍କ ସ୍ୱାର୍ଥ ପୂରଣ କରୁଛି ।

୨୦୧୯ ନିର୍ବାଚନରେ ଜିତିବା ପରେ ସନାତନ ବିଜୁଳି ବିଧାନସଭାରେ ବିରୋଧୀ ଦଳ ଭାବେ ସରକାରୀ ଅନିୟମିତତା ଓ 'ପିସି' କାରବାର ନେଇ ଜୋରଦାର ଆନ୍ଦୋଳନ କରୁଥିଲେ । କିନ୍ତୁ ବିଜେପି ସରକାର କ୍ଷମତାକୁ ଆସିବା ପରେ ତାଙ୍କର ଏହି 'ହବିଷ ପାଳନ' ବନ୍ଦ ହୋଇଯାଇଛି । ସ୍ଥାନୀୟ ଜନତା ଅଭିଯୋଗ କରୁଛନ୍ତି ଯେ, ପୂର୍ବରୁ ଯେଉଁ ଅନିୟମିତତା ଓ ଦୁର୍ନୀତି ନେଇ ସେ ସରକାରଙ୍କୁ ଟାର୍ଗେଟ କରୁଥିଲେ, ବର୍ତ୍ତମାନ ତାଙ୍କ ନିଜ ଦଳର ସରକାର କ୍ଷମତାକୁ ଆସିବା ପରେ ସେ ସେହିସବୁ ବିଷୟରେ ସମ୍ପୂର୍ଣ୍ଣ ନୀରବ ହୋଇଯାଇଛନ୍ତି । ଏହା ସାଧାରଣ ଜନତାଙ୍କ ମଧ୍ୟରେ 'ବିଲେଇ ବୈଷ୍ଣବ ସାଜିବା'ର ଅଭିଯୋଗକୁ ଆହୁରି ଜୋରଦାର କରିଛି । ଆହୁରି ମଧ ଅଭିଯୋଗ ରହିଛି ଯେ, ବିଧାୟକ ସନାତନ ବିଜୁଳି ସ୍ଥାନୀୟ ବିଜେପି କର୍ମୀଙ୍କୁ ମଧ ଅଣଦେଖା କରୁଛନ୍ତି । ଦଳର ପୁରୁଖା କର୍ମୀମାନେ ଅଭିଯୋଗ କରୁଛନ୍ତି ଯେ, ବିଧାୟକ କେବଳ ନିଜର ଆନୁଗତ୍ୟ ଥିବା କିଛି ବ୍ୟକ୍ତି ଓ ୨୦୨୪ ନିର୍ବାଚନରେ ବିଜେପି ଜିତି ସରକାର କରିବା ପରେ ଅନ୍ୟ ଦଳରୁ ନୂଆକରି ଆସିଥିବା କିଛି ସୁବିଧାବାଦୀ ବାଲି ମୋରମ ଚୋରଙ୍କୁ ପ୍ରାଧାନ୍ୟ ଦେଉଛନ୍ତି, ଯାହା ଦଳୀୟ ସଂଗଠନକୁ ଦୁର୍ବଳ କରୁଛି ।

ଏହି ସମସ୍ତ ଅଭିଯୋଗ ସୋସିଆଲ୍ ମିଡିଆ ଓ ସ୍ଥାନୀୟ ଚର୍ଚ୍ଚାରେ ବ୍ୟାପକ ଭାବେ ପ୍ରଚାରିତ ହେଉଛି । ଜନସାଧାରଣ ଅଭିଯୋଗ କରୁଛନ୍ତି ଯେ, ସନାତନ ବିଜୁଳିଙ୍କ ନେତୃତ୍ୱରେ ଆଖିଦୃଶିଆ ଉନ୍ନୟନ କାର୍ଯ୍ୟ ହେଉନାହିଁ, ଏବଂ ତାଙ୍କ କାର୍ଯ୍ୟକଳାପ କେବଳ ନିଜ ଓ ନିକଟବର୍ତ୍ତୀଙ୍କ ସ୍ୱାର୍ଥ ପୂରଣ କରୁଛି । ଏହା ସହିତ, ବିଜେପି ସରକାର କ୍ଷମତାକୁ ଆସିବା ପରେ ମଧ ପୂର୍ବରୁ ଚାଲିଥିବା ଅନିୟମିତତାରେ କୌଣସି ପରିବର୍ତ୍ତନ ନଆସିବା ଜନସାଧାରଣଙ୍କୁ ନିରାଶ କରିଛି । ସବୁଠାରୁ ବଡ ଅଭିଯୋଗ ଆସିଛି କି ପୂର୍ବ ସରକାରଙ୍କ ଦୟାରୁ ବୈଶିଙ୍ଗା ଠାରେ ସାମ୍ବାଦିକ ମାନଙ୍କ ପାଇଁ ମଞ୍ଜୁରୀ ମିଳିଥିବା ଏକ କମ୍ୟୁନିଟୀ ହଲ କାର୍ଯ୍ୟ ଚାଲିଥିବାବେଳେ ବିଡିଓଙ୍କୁ ବାଧ କରାଇ ଏହି କାମକୁ ଅଧାରୁ ବନ୍ଦ କରିଦିଆଯାଇଛି । ଏଥିରେ ବିଧାୟକଙ୍କ ହାତ ଥିବା ଜିଲ୍ଲାପାଳ ଏବଂ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସଙ୍କେତ ଦେଇ ଥିବା ଜଣାପଡିଛି । ସେହିଭଳି ଡାହିବାଡି ହାଟ ରେ ୪୫ ଲକ୍ଷ ଟଙ୍କା ବ୍ୟୟରେ ପିଣ୍ଡି ନିର୍ମାଣ ପାଇଁ ମନରେଗା ଯୋଜନାରେ କାର୍ଯ୍ୟ ଆରମ୍ଭ ହୋଇଥିଲେ ମଧ ବିନା ଶ୍ରମିକରେ ମେସିନରେ କାମ ହୋଇଥିବାର ଅଭିଯୋଗ ହୋଇଥିବାର ଜଣାଯାଇଛି । ଏଥିରେ ମଧ ବିଧାୟକଙ୍କ ସିଧାସଳଖ ହାତ ରହିଥିବା ଅଭିଯୋଗ ହୋଇଛି ।

ସୁପ୍ରିମ୍‌କୋର୍ଟ କହିଛନ୍ତି- ଡରିବା ଲୋକଙ୍କୁ କୁକୁର କାମୁଡ଼ନ୍ତି । ବିଚାରପତି ତାଙ୍କ ବ୍ୟକ୍ତିଗତ ଅଭିଜ୍ଞତାରୁ ଏହା କହିଛନ୍ତି । କୁକୁରପ୍ରେମୀମାନେ ମଧ୍ୟ ଏହା ସହ ସହମତ ହୋଇଛନ୍ତି । ଯଦି କୁକୁରମାନେ ଅନୁଭବ କରନ୍ତି ଯେ ଆପଣ ସେମାନଙ୍କୁ ଭୟ କରୁଛନ୍ତି, ସେତେବେଳେ ସେମାନେ ଆପଣଙ୍କୁ ଆକ୍ରମଣ କରିବାର ସମ୍ଭାବନା ଥାଏ । ସୁପ୍ରିମ୍‌କୋର୍ଟଙ୍କ ଏହି ଶୁଣାଣି ବୁଲାକୁକୁରମାନଙ୍କ ଉପରେ ସୁପ୍ରିମ୍‌କୋର୍ଟଙ୍କ ପୂର୍ବ ଆଦେଶକୁ ସଂଶୋଧନ କରିବାକୁ କରାଯାଇଥିବା ପିଟିସନର ଏକ ଅଂଶ । ଆମେ ସବୁବେଳେ ଉଚ୍ଚତମ ନ୍ୟାୟାଳୟର ପରାମର୍ଶ, ଆଦେଶ ଏବଂ ରାୟକୁ ଗୁରୁତ୍ୱ ଦେଇଥାଉ, ମାନିଥାଉ । ସବୁ ଅଦାଲତଙ୍କ ଶୀର୍ଷରେ ସୁପ୍ରିମ୍‌କୋର୍ଟ । କିନ୍ତୁ ବୁଲାକୁକୁର ସମସ୍ୟାର ସମାଧାନ ବୋଧେ ସୁପ୍ରିମ୍‌କୋର୍ଟଙ୍କ ମତ, ପରାମର୍ଶ ଏବଂ ରାୟରେ ହୋଇପାରିବା ଭଳି ମନେହେଉନି ।



ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ | ଭୁବନେଶ୍ୱର | ୧୦ ଜାନୁଆରୀ ୨୦୨୬ | ଶନିବାର

ଓଡ଼ିଶା ଏକ୍ସପ୍ରେସ୍


## ଜୋ’ ଡର୍‌ଗୟା ଓ୍ୱ ମର୍‌ଗୟା!

ଏକ ଚର୍ଚ୍ଚିତ ହିନ୍ଦୀ ସିନେମାର ଆଦୃତ ସଂଳାପ ହେଲା- ‘ଜୋ’ ଡର୍‌ଗୟା ଓ୍ୱ ମର୍‌ଗୟା’ । ଆମ ଦେଶରେ ଏ ସଂଳାପର ପ୍ରାସଙ୍ଗିକତା ସବୁବେଳେ ରହିଛି । ଯିଏ ଭୟ କଲା, ସିଏ ମଲା।

ଭୟ କଲେ ଆପଣ କିଛି କରିପାରିବେନି ଆମ ଦେଶରେ । ଦୁର୍ନୀତିକୁ ଭୟ କରୁଥିବା କର୍ମଚାରୀଜଣକ ସବୁବେଳେ ନିଅଣ୍ଟ ଭିତରେ ଥାଏ । ସଚ୍ଚୋଟ କର୍ମଚାରୀଟିର ଘରଖଣ୍ଡେ ନଥିବ ଅବସର ବେଳକୁ । ଝିଅ ବାହାଘର ଏବଂ ପୁଅର ପାଠପଢ଼ାରେ କିମ୍ବା ପତ୍ନୀ ଏବଂ ନିଜର ଚିକିତ୍ସା ଖର୍ଚ୍ଚରେ ସବୁ ଟଙ୍କା ସରିଯାଇଥିବ । ଦରମା ବାଦ୍ କିଛି ଉପୁରି ଥିଲେ ସବୁ କରିହୁଏ । ଦେଖୁନାହାନ୍ତି, ଯେଉଁ ଖାଉ ବାବୁମାନେ ଧରାପଡୁଛନ୍ତି, ତାଙ୍କର କେତୋଟି ଲେଖାଏଁ ସୁରମ୍ୟ ଅଟ୍ଟାଳିକା ଓ ପ୍ଲଟ ରହିଛି । ସିଏ ଯଦି ଦୁର୍ନୀତିକୁ ଡରୁଥାନ୍ତା ତା’ହେଲେ କ’ଣ ଏତେ ସମ୍ପତ୍ତି କରିପାରିଥାନ୍ତା? ଏମାନଙ୍କ ଭିତରୁ ଅଳ୍ପ କେଇଜଣ ଧରାପଡୁଛନ୍ତି, ଯେଉଁମାନେ ଧରାନପଡ଼ିଲେ ଏବଂ ନିଜକୁ ସୁରକ୍ଷିତ ରଖିବା ଦିଗକୁ ଗୁରୁତ୍ୱ ଦେଲେ ସେମାନେ ତ ସାଧୁ ପଦବାଚ୍ୟ । ସମସ୍ତେ କ’ଣ ଦୁର୍ନୀତି ଜାଲରେ ପଡୁଛନ୍ତି? ଯିଏ ଆକଣ୍ଠ ଖାଉଛି, ସେଇ ହିଁ କେବଳ ଧରାପଡୁଛି ।

ଆପଣ ନିୟମକାନୁନ୍‌କୁ ଜଗିରଖି, ବିଡିଏଠାରୁ ପ୍ଲାନ୍ ଆପ୍ରୁଭ କରେଇ ଘରଟିଏ ଯଦି କରିବାକୁ ଚାହିଁବେ, ବର୍ଷ ବର୍ଷ ବିତିଯିବ । ଦଲାଲକୁ ନ ଧରିଲେ କାମ ହୋଇପାରିବନି । ଆଜିକାଲି ତ ସବୁ ଆଉଟ୍‌ସୋର୍ସିଂ ହୋଇଗଲାଣି । ପ୍ଲାନ୍ ଆପ୍ରୁଭ୍ କରାଇବା ପାଇଁ ମଧ୍ୟ ସରକାରଙ୍କ ସ୍ୱୀକୃତ ସଂସ୍ଥା ରହିଛି । ଆଉ ଯଦି କିଛି ଭୟ ନକରି ଘର କରିଚାଲିଲେ ଆପଣଙ୍କର କିଛି ହବାର ନାହିଁ । ଘର କ’ଣ କିଏ ଭାଙ୍ଗିଦେଉଛି? ତେଣୁ ଆପଣ ଡରିଲେ ମାନେ ମରିଲେ ।

ଛାଡ଼ନ୍ତୁ ସେସବୁ କଥା, ଆମେ ଅସଲ ପ୍ରସଙ୍ଗକୁ ଆସିବା ।

ସୁପ୍ରିମ୍‌କୋର୍ଟ କହିଛନ୍ତି- ଡରିବା ଲୋକଙ୍କୁ କୁକୁର କାମୁଡ଼ନ୍ତି । ବିଚାରପତି ତାଙ୍କ ବ୍ୟକ୍ତିଗତ ଅଭିଜ୍ଞତାରୁ ଏହା କହିଛନ୍ତି । କୁକୁରପ୍ରେମୀମାନେ ମଧ୍ୟ ଏହା ସହ ସହମତ ହୋଇଛନ୍ତି । ଯଦି କୁକୁରମାନେ ଅନୁଭବ କରନ୍ତି ଯେ ଆପଣ ସେମାନଙ୍କୁ ଭୟ କରୁଛନ୍ତି, ସେତେବେଳେ ସେମାନେ ଆପଣଙ୍କୁ ଆକ୍ରମଣ କରିବାର ସମ୍ଭାବନା ଥାଏ ।

ସୁପ୍ରିମ୍‌କୋର୍ଟଙ୍କ ଏହି ଶୁଣାଣି ବୁଲାକୁକୁରମାନଙ୍କ ଉପରେ ସୁପ୍ରିମ୍‌କୋର୍ଟଙ୍କ ପୂର୍ବ ଆଦେଶକୁ ସଂଶୋଧନ କରିବାକୁ କରାଯାଇଥିବା ପିଟିସନର ଏକ ଅଂଶ ।

ଆମେ ସବୁବେଳେ ଉଚ୍ଚତମ ନ୍ୟାୟାଳୟର ପରାମର୍ଶ, ଆଦେଶ ଏବଂ ରାୟକୁ ଗୁରୁତ୍ୱ ଦେଇଥାଉ, ମାନିଥାଉ । ସବୁ ଅଦାଲତଙ୍କ ଶୀର୍ଷରେ ସୁପ୍ରିମ୍‌କୋର୍ଟ । କିନ୍ତୁ ବୁଲାକୁକୁର ସମସ୍ୟାର ସମାଧାନ ବୋଧେ ସୁପ୍ରିମ୍‌କୋର୍ଟଙ୍କ ମତ, ପରାମର୍ଶ ଏବଂ ରାୟରେ ହୋଇପାରିବା ଭଳି ମନେହେଉନି ।

ଡରୁଥିବା ଲୋକଙ୍କୁ କୁକୁର ଚିହ୍ନିପାରନ୍ତି ଏବଂ କାମୁଡ଼ନ୍ତି- ମଣିଷର ଗନ୍ଧରୁ କୁକୁର ଜାଣିପାରେ ମଣିଷଟି ଡରୁଆ କି ନୁହେଁ ।

ଏଇଠି ପ୍ରଶ୍ନ ଉଠିପାରେ ଆମେ ଏବେ କ’ଣ କରିବା? କୁକୁରଙ୍କ ମନସ୍ତତ୍ତ୍ୱ ଆକଳନ କରିବାର କ୍ଷମତା କ’ଣ ସବୁ ଲୋକଙ୍କର ଅଛି? ଛୋଟ ଛୋଟ ପିଲାମାନେ, ଯେଉଁମାନେ ସ୍କୁଲ୍ ଏବଂ ଟ୍ୟୁସନ ଯାଉଛନ୍ତି ସେମାନଙ୍କୁ ମଧ୍ୟ କୁକୁର କାମୁଡୁଛି । ବୁଲାକୁକୁର କାମୁଡ଼ାରେ ଶିଶୁ ମୃତାହତ ହେବାର ଖବର ମଧ୍ୟ ପ୍ରକାଶ ପାଇଛି ଅତୀତରେ । ତେଣୁ ଶିଶୁଟିଏ କୁକୁର ମନସ୍ତତ୍ତ୍ୱ କ’ଣ ପଢ଼ିପାରିବ? ସିଏ ଜାଣିପାରିବ କୁକୁର ତାକୁ କାମୁଡ଼ିବ କି ନାହିଁ ବୋଲି? ଛୋଟ ପିଲାମାନେ ତ ନିଶ୍ଚେ ଡରିବେ କୁକୁରକୁ । ତେଣୁ ଏଇ ସମସ୍ୟାର ସମାଧାନ କିଭଳି ହେବ ସେ ଦିଗରେ ମଧ୍ୟ ସୁପ୍ରିମ୍‌କୋର୍ଟ ପରାମର୍ଶ ଦେବା ଦରକାର ।

ଆଗକୁ ପିଲାଙ୍କ ପାଠ୍ୟକ୍ରମରେ- କୁକୁରଙ୍କ ମନସ୍ତତ୍ତ୍ୱ ବିଷୟକୁ ସାମିଲ କରାଯିବା ଦରକାର, ଯଦି ବୁଲାକୁକୁରଙ୍କୁ ରାସ୍ତାଘାଟ ଏବଂ ଗଳିକନ୍ଦିରୁ ହଟାଯାଇପାରୁନି । ଯେଉଁ ସ୍ୱେଚ୍ଛାସେବୀ ଏବଂ ପ୍ରାଣୀପ୍ରେମୀମାନେ କୁକୁର ହଟେଇବା ନିଷ୍ପତ୍ତିକୁ ବିରୋଧ କରୁଛନ୍ତି ସେମାନଙ୍କଠାରୁ ଏ ସମସ୍ୟାର ସମାଧାନ ପାଇଁ ପରାମର୍ଶ ନିଆଯାଉ ।

# ଏଇ ଅଛି ଏଇ ନାହିଁ- କେବେ ଖରା କେବେ ଛାଇ



## ଅଆ-ପଣକିଆ

**ବିଜୟ ଦାସ**

କ୍ଷଣଭଙ୍ଗୁର ଜୀବନରେ କ୍ଷଣକ୍ଷଣକୁ ବଦଳି ଯାଉଥାଏ ସୁଖଦ ଘଟଣା ଓ ଦୁଃଖଦ ଅଘଟଣ। କେବଳ ଜୀବନରେ କିଆଁ, ପୃଥିବୀ ବଦଳୁଥାଏ ଚକ୍ରବତ୍ । ଏଣୁ କୁହାଯାଏ ‘ବେଙ୍ଗ କହେ ବେଙ୍ଗୁଲୀଲୋ, ପୃଥି କ୍ଷଣ କ୍ଷଣକୁ ଆନା’ ଏହି ବଦଳା ବଦଳି ପ୍ରକ୍ରିୟା ଭିତରେ ବହି ଚାଲିଥାଏ ସମୟ, ଗଡ଼ିଚାଲିଥାଏ ମୁହୂର୍ତ୍ତ, ତ ଜୀବନ କହେ ଆତ୍ମାକୁ ‘ଫେଡ଼ି ଚିନ୍ତାର ଲୋଚନ, କର କର ନିରୀକ୍ଷଣ, ନିଶବ୍ଦେ ଜୀବନ ସ୍ରୋତ ବହୁଛି କିପରି, ରେ ଆତ୍ମନ, ନିଦ୍ରାପରିହରି...’ ଚିନ୍ତା ଭାବନାର ସରହଦ ଡେଇଁ ଯିବାକୁ ପରାମର୍ଶ ଦିଆଯାଇଛି ଏଠାରେ । ହେଲେ ଜୀବନର ଜୀବନ ଅଛି ତ ଚିନ୍ତା ଭାବନା ଚିର ସହଚର । ଏହାକୁ ଫେଡ଼ିବ କିପରି?

ଏଣୁ ଗୋଟିଏ କଥାକୁ ହେଜିବାକୁ ହେବ । ତାହାହେଲା, ଯାହାଅଛି, ତାହା ପୁଣି ନାହିଁ । ଏଇ ଅଛି ଏହାପୁଣି ନାହିଁ । ଅଛି ନାହିଁର ଆନନ୍ଦ ଓ ନିରାନନ୍ଦକୁ ଯଦି ଏକାକାର କରିଦେବା, ଫେଡ଼ିଦେବା ତ କିଛିବି ରହିବନାହିଁ ଗ୍ଲାନି, ବିସାଦ । କାରଣ ଯେତିକି ମିଶାଣକୁ ସେତିକି ଫେଡ଼ାଣ, ଯେତିକି ଗୁଣନକୁ ସେତିକି ହରଣ । ଏଣୁ ମୋଶୂନ୍ୟ, ମାୟାଶୂନ୍ୟ ଏକ ସୁନ୍ଦର ଶୂନ୍ୟରେ ବିଚରଣ କରିପାରିବା । କିନ୍ତୁ ଜୀବନର ଲକ୍ଷ୍ୟ ତ ଶୂନ୍ୟ ହେବା ନୁହେଁ! ବରଂ ଶୂନ୍ୟରେ ବିହାର କରି ପୁଣ୍ୟ ସାଉଁଟିବା । ଏମିତିରେ ପୁଣ୍ୟକୁ ସାଉଁଟିବାର ଅବକାଶ ଆସେନାହିଁ, ବରଂ ପୁଣ୍ୟ ଆପେ ଆପେ ଆସି ପରିପୂର୍ଣ୍ଣ କରେ ଜୀବନକୁ, ଧନ୍ୟ କରେ ଆତ୍ମାକୁ । ଏକୋଇ ପଥ ଧର୍ମଯୁକ୍ତ ସୁକର୍ମ ।

କ’ଣ ଆଣିଥିଲୁ, କ’ଣ ନେଇଯିବୁର ଦର୍ଶନକୁ ଯଦି ମାଳାଜପ କରିବା ତ କିଛି କରିବାର ଅବସ୍ଥା ରହିବ ନାହିଁ । ସ୍ଥାଣୁ ହୋଇଯିବ ଜୀବନ ଓ ଜୀବନ । ଏଣୁ ମାୟାରେ ହେଉ କି ମୋହରେ ହେଉ କରିବାକୁ ହେବ କର୍ମ, ସାଧିବାକୁ ହେବ ଧର୍ମ । ରଖିବାକୁ ହେବ ଲକ୍ଷ୍ୟ, ରହିବ ନିଶ୍ଚୟ ଆଶା । ଏଇଠି ଦ୍ୱିବିଧା । ଇଆଡ଼େ ପଙ୍କ ବୋଲି କହିବା, ପୁଣି ପଙ୍କଜ ଖୋଜିବା । ବାସ୍ ମିଳିଗଲା ଯୁକ୍ତି । ପଙ୍କମୟ ସଂସାରରେ ପଦ୍ମ ଫୁଟେଇବାର ପ୍ରକ୍ରିୟା ହିଁ ସୁକର୍ମ । ଅନେକେ ଯୁକ୍ତି ଦର୍ଶାନ୍ତି, ବୁଦ୍ଧଦେବଙ୍କର ବାଣୀ ହିଁ ଅକାଟ୍ୟ । ‘କାମନାର ବିନାଶରେ ଦୁଃଖର ବିନାଶ’ । ହେଲେ ତାଙ୍କର ତ ସବୁଠାରୁ ବଡ଼ କାମନା ଥିଲା ‘ନିର୍ବାଣ’ ପାଇବାକୁ । ଏଠାରେ ଏହି କାମନା ଦୁଇଭାଗରେ ବିଭକ୍ତ । ଗୋଟିଏ କାମନା ହେଲା ‘ବାସନା’ ଆଉ ଆର କାମନାଟି ବାସଯୁକ୍ତ ବାସ୍ତବ ନିର୍ମାଣ। ୟେ ନିର୍ବାଣର ଅର୍ଥ କ’ଣ? ବିଲୟ ବା ମୃତ୍ୟୁ? ତାହାହେଲା କ’ଣ ବୁଦ୍ଧଦେବଙ୍କର ମୃତ୍ୟୁର କାମନା ଥିଲା । ଏମିତିରେ ଜନ୍ମ ଥିଲେ ତ ମୃତ୍ୟୁ ଅଛି । ତାହାହେଲେ?

ଏ ନିର୍ବାଣର ଅର୍ଥ ଆତ୍ମା ସହ ପରମାତ୍ମାର ମିଳନ । ଅନ୍ୟ ଅର୍ଥରେ ପରମାତ୍ମାଙ୍କ ସହ ଆତ୍ମାର ବିଲୟ ପୁଣି ଜୀବାବସ୍ଥାରେ । ଦେହ ଏଇଠି ଅଛି ପୁଣି ଏଇଠି ନାହିଁ । ଆତ୍ମା ଏଇଅଛି ପୁଣି ଏଇ ନାହିଁ । କେତେବେଳେ ଶରୀର ଭିତରେ ଲୁଚି ରହୁଛି ତ କେତେବେଳେ ପରମାତ୍ମାଙ୍କ ପାଖରେ । ଏହା ପୁଣି ନିଜ ନିୟନ୍ତ୍ରଣରେ । କେମିତି? ରାଜା ଯେମିତି ପାରିଧିରେ ଯାଆନ୍ତି, ସେମିତି ଆତ୍ମା ପରିଧିରେ ବାହାରିବାକୁ ଇଚ୍ଛା କଲେ ମନ, ବିବେକ ଓ ଇଚ୍ଛା ପରି ସୈନ୍ୟ ସାମନ୍ତଙ୍କ ପାଖରେ ଖବର ପହଞ୍ଚାଇ ଦେଉଥାଏ ।

ଦୁଃଖ ସମୟରେ ଅସହାୟ ହୋଇପଡ଼ିବା ଏବଂ ସୁଖ ସମୟରେ ଅଭିଭୂତ ହୋଇପଡ଼ିବାର ମାନେ କିଛି ନାହିଁ । କାରଣ ଏଇ ଅଛି, ଏଇ ନାହିଁ ପରା । କେହି ପଞ୍ଚଭୂତରେ ଲୀନ ହେଲେ, ପଞ୍ଚଭୂତର ଶରୀର ଯେଉଁଠାରେ ଜୀବନ ସବୁ ଥାଏ, ସେହିମାନେ ବିଳାପ କରି ଉଠନ୍ତି । କାରଣ କ’ଣ? ଶବ ଭିତରେ ଶିବ ନଥାନ୍ତି । ଅର୍ଥାତ୍ ଶିବ ବିନା ପଞ୍ଚଭୂତ ଏକତ୍ର ରହି ଜୀବନ ସଞ୍ଚାଳନ କରିପାରନ୍ତି ନାହିଁ । ଏହି ଶିବ ହିଁ ଆତ୍ମା, ପରମାତ୍ମାଙ୍କର ଅଂଶବିଶେଷ । ଏଥକୁ ମଣିଷ ବିଳାପ କରିବାର ଅର୍ଥ ନିଜ ଶରୀରର ଭବିଷ୍ୟତ ଅବସ୍ଥାକୁ ଆକଳନ କରି କି? ନା-ନା । ଏଠାରେ ଏକାକାର ପଞ୍ଚଭୂତର ବିଭକ୍ତିକରଣ ହୋଇଗଲେ ଜୀବାତ୍ମା ହିଁ ବିଳାପ କରେ । କାରଣ ଛିଡ଼ି ଯାଉଥାଏ ମାୟାବନ୍ଧନ, ମୋହର ମାଞ୍ଜା ।

ଯଦି ଏଇ ଅଛି ଏଇ ନାହିଁ ସତ୍ୟ, ତେବେ ଧରି ରଖିବାକୁ ଏତେ ପ୍ରୟାସ କାହିଁକି? ରହିବାର ଥିଲେ ରହିବ, ଯିବାର ଥିଲେ ଯିବ । ଏହାକୁ ବିଧି ନିର୍ଦ୍ଧାରିତ ବୋଲି ବିଶ୍ୱାସ କଲେ ହିଁ ଆଉ ଦୁଃଖ ରହିବ ନାହିଁ । ଆସିବାର ଥିଲା ବୋଲି ଆସିଛି, ଯିବାର ଇଚ୍ଛା ବୋଲି ଯାଉଛି । ଏ ଘରେ, ଏ ଘଟଘରେ କୁଣିଆଁମାନଙ୍କୁ ଅଟକାଇ ହୁଏନାହିଁ । ଦୁଃଖ ହୁଏତ ଦୁଷ୍ଟ ଅତିଥି, ସୁଖ ହୁଏତ ସନ୍ଥକୁଣିଆଁ । ସମସ୍ତଙ୍କୁ ଉପଯୁକ୍ତ ଚର୍ଚ୍ଚା କରିବା ହିଁ କର୍ତ୍ତବ୍ୟ ନୁହେଁ କି ପ୍ରତ୍ୟେକ ମଣିଷର! କାରଣ ଦୁଃଖ ପରି ଦୁଷ୍ଟ ଅତିଥିକୁ ସୁନ୍ଦର ଚର୍ଚ୍ଚା କଲେ, ସେ ହିଁ ସହ୍ୟ କରିପାରେନାହିଁ । ଖୁବ୍ ଚଞ୍ଚଳ ପଳାଇଯାଏ, ଚାଲିଯାଏ । ଏହି ଚର୍ଚ୍ଚା ଏଠାରେ ସହନଶକ୍ତି । ଆଉ ସୁଖ ପରି କୁଣିଆଁ ତ ଚର୍ଚ୍ଚାରେ ବନ୍ଧା ପଡ଼ିଯାଏ । ରହୁ ରହୁ ଅନେକ ଦିନ ରହିପାରେ । ଏଠାରେ ଚର୍ଚ୍ଚା କିନ୍ତୁ ଭିନ୍ନ । ଅହଂକାର ବର୍ଜନ ଓ ସୁଖର ବଣ୍ଟନ । କୁହନ୍ତି, ସୁଖ ବାଣ୍ଟିଲେ ବଢ଼େ ଆଉ ଦୁଃଖ ବାଣ୍ଟିଲେ ଛିଡ଼େ ।

ମଣିଷ ତ ଏମିତି ମରେ । ମାରୁଛ କାହିଁକି ତାକୁ ହେ ମଣିଷ! କାହାକୁ ମାରିବା ଅର୍ଥ ନିଜ ମୃତ୍ୟୁକୁ ମଧ୍ୟ ଶୀଘ୍ର ଆହ୍ୱାନ କରିବା । ତାହାହେଲେ ତୁମେ ଏ ପୃଥିକୁ ସୁନ୍ଦର କରିବ କେମିତି? ସ୍ୱପ୍ନ ଏକ ମୃତ୍ୟୁର ମଞ୍ଚରେ ଜୀବନ୍ତ ନାଟକର ପ୍ରଦର୍ଶନ । ଏଇ ଅଛି ଏଇ ନାହିଁ କହିଲେ ଏଇଠି କଥା ସରେନାହିଁ । କାରଣ ସ୍ୱପ୍ନ ଦେଖିବା ଓ କେହି ଦେଖାଇବା ଭିତରେ ଫରକ୍ ଅଛି । ସ୍ୱପ୍ନ ପରା ସ୍ୱପ୍ନ ନୁହେଁ ଯାହା ଶୋଇ ଶୋଇ ଦେଖନ୍ତି, ସ୍ୱପ୍ନ ତାହା ଯାହା ଶୋଇବାକୁ ଦିଏ ନାହିଁ । ଚକ୍ଷୁ ମୁଦ୍ରିତ ନିଦ୍ରାର ସ୍ୱପ୍ନ ଏଇ ଅଛି ପୁଣି ଏଇ ନାହିଁ । ହେଲେ ଖୋଲା ଆଖିର ସ୍ୱପ୍ନ ଆସିବ ଓ ରହିବ ।

### କେବେ ଖରା କେବେ ଛାଇ

ସୂର୍ଯ୍ୟର ଆଲୋକ ହିଁ ଖରା । ଏହି ଖରାକୁ ପ୍ରତିରୋଧ ପୂର୍ବକ ପ୍ରତିବନ୍ଧିତ କଲେ ହିଁ ଛାଇ । ସୂର୍ଯ୍ୟ ଉଇଁବାର କଥା ଉଇଁବ, ଉପରକୁ ଉଠିବାର କଥା ଉଠିବ, ପୁଣି ଅପରାହ୍ନ ପରେ ବୁଡ଼ିବାର କଥା ବୁଡ଼ିବ । ଆଉ ତା’ପରେ କିନ୍ତୁ ଅନ୍ଧାର । ଏହି ଅନ୍ଧାର କିନ୍ତୁ ଛାଇ ନୁହେଁ । ଏହା ତ ଦିହସୁହା ପ୍ରକୃତିର ନିୟମ । ମାତ୍ର ଦିନାଲୋକରେ ଗଛର ବାଧା ହେଉ, ଛତାର ବାଧା ହେଉ, ମେଘର ବାଧା ହେଉ କି ମେଘ ଓ ମଦୁର ହେଉ ଛାଇ ପଡ଼େ ମାଟିରେ। ଏଥକୁ ମଣିଷର ନିଜ ଦେହର ବାଧାରେ ପୁଣି ଛାଇ ଦିଏ ମାଟିକୁ । ବାଧା ହଟିଗଲେ ପୁଣି ଖରା । ଏହାକୁ ଉପଲକ୍ଷ୍ୟ କରି ଅନେକ କଥା ସାଂକେତିକ ଭାବେ କୁହାଯାଇଛି । ଦୁଃଖର ଖରା ପୁଣି ସୁଖର ଛାଇ । ଛାଇ ଶୀତଳ ସତ, ହେଲେ ସେହି ଶୀତଳତାରେ କ’ଣ ଜୀବନ ତିଷ୍ଠି ରହିପାରିବ? ସୂର୍ଯ୍ୟ ସକଳ ଶକ୍ତିର ଆଧାର । ଏହି ଶକ୍ତି ଖରାରୁ ଆସେ । ଖରା ନିରହିଲେ ସୂର୍ଯ୍ୟରଶ୍ମି ନ ପଡ଼ିଲେ କ’ଣ ଜୀବସତ୍ତା ସମ୍ଭବ!

ଏଥକୁ ଖରାର କଷ୍ଟ ହିଁ ଶକ୍ତିର ସ୍ରୋତ । କଷ୍ଟ କଲେ କୃଷ୍ଣ ମିଳେ ବୋଲି ଯେଉଁ ପ୍ରବାଦ ରହିଛି, ଏହାର ଅର୍ଥ ହେଲା ଖରାକୁ ଭିଜେଇ ନିଅ, ରାତ୍ରିର ଶୀତଳତା ପାଇବ । ଅନ୍ୟଥା ଖରାରୁ ଛାଇ ବାହାର କରି ଶୀତଳତା ଖୋଜନାହିଁ । ବାସ୍ତବିକ କର୍ମ କରିବାରେ କଷ୍ଟ ତ ନିଶ୍ଚୟ ଅଛି ହେଲେ ସଫଳତା ପରି ରାତ୍ରିର ସୁଖ ବି ମିଳିଯିବ ନା! ସେଥିପାଇଁ ତ ଖରା କେବେ ହେଁ ଖରାପ ନୁହେଁ । ବେଳେବେଳେ ମନେହୁଏ ଯେପରି ଖରା ପୁଲିଙ୍ଗ ଏବଂ ଛାଇ ସ୍ତ୍ରୀଲିଙ୍ଗ । ଖରା ଆଉ ଛାଇର ସମ୍ପର୍କ ନିବିଡ଼ । ଯେମିତି ଦମ୍ପତି । ସେତେବେଳେ ଏ ସଂସାର ସୁନ୍ଦର ଲାଗେ ଯେତେବେଳେ ଜାୟା ଓ ପତି ଭିତରେ ସୁନ୍ଦର ସୁମଧୁର ସମ୍ପର୍କ ରହେ । ସେହିପରି ଧରଣୀରାଣୀ ସୁନ୍ଦର ଲାଗେ ଯେତେବେଳେ କିଛି ଖରା ଆଉ କିଛି ଛାଇର ପ୍ରୀତି ବରାବର ଚାଲିଥାଏ ।

ବିସ୍ତୃତ ଭାବେ ବଖାଣିଲେ, ବାପାଙ୍କର ନାଲିଆଖି, ଆକଟ ଦେଖି ପିଲାମାନେ ଯେମିତି ମାଆର ପଣତ ତଳେ ମୁହଁ ଲୁଚାନ୍ତି, ସେମିତି ଟାଣ ଖରାରୁ ରକ୍ଷା ପାଇବାକୁ ମଣିଷ ଛାଇ ତଳେ ମୁଣ୍ଡ ଗୁଞ୍ଜେ । ଯେମିତି ପତ୍ନୀର ପତି ବିନା ଅସ୍ତିତ୍ୱ ନାହିଁ (ଶବ୍ଦ ଉଚ୍ଚାରଣରେ), ସେହିପରି ଖରା ବିନା ଛାଇର ଅସ୍ତିତ୍ୱ କାହିଁ? ଯଦି ଅନ୍ଧାରକୁ ଛାଇ ବୋଲି କଳ୍ପିବା, ତେବେ ମୋର କିଛି କହିବାର ନାହିଁ । ଏମିତିରେ ଛାଇ ଆଲୁଅର ଖେଳ ବୋଲି ଖରା ଓ ଛାଇର ଗୋଡ଼ାଗୋଡ଼ି ଏକ ସୁନ୍ଦର ଚଞ୍ଚଳ ଦୃଶ୍ୟ ପରିକଳ୍ପନା । ଛାଇକୁ ମାଆର ଶୀତଳତା କହିଲେ ପୁଣି ତାକୁ ଦୁଃଖ ସହ ତୁଳନା କାହିଁକି କରନ୍ତି ଯେ! ଯେମିତି ମୋ ଜୀବନରେ ଛାଇ ଆସିଗଲା!

କେବଳ ମଣିଷ କାହିଁକି, ଛାୟାରେ ବଢୁଥିବା ଟିକି ଗଛଟିକୁ ଦେଖନ୍ତୁନା, ଖରା ଆଡକୁ ଢଳି ଯାଉଥାଏ, ବଢ଼ିଯାଉଥାଏ ଟିକିଏ ଉର୍ଜା ପାଇଁ । ଆଲୋକରେ ତ ଉର୍ଜାର ଭଣ୍ଡାର ନା । ସବୁଥିରେ କିନ୍ତୁ ମାତ୍ରା ଅଛି । ଅତ୍ୟଧିକ ଖରା ଅଂଶୁଘାତର କାରଣ, ଅତ୍ୟଧିକ ଛାଇ ପୁଣି ପ୍ରଗତିର ବାଧା । ପୁଣି ଋତୁର ଭିନ୍ନ ଭିନ୍ନ ସମୟରେ ଭିନ୍ନ ଭିନ୍ନ ମାତ୍ରା । ଶୀତ ସକାଳର ଖରା ତ ଅମୃତ ପରି ଲାଗେ ଦେହକୁ । ସେଥିପାଇଁ ତାର ମଧୁରତା ପାଇଁ କୁହାଯାଏ ‘ଶୀତ ସକାଳରେ କଅଁଳ ଖରାର ତାତି...’ ଏକ ଅନନ୍ୟ ଆକର୍ଷଣ । ସେହିପରି ଖରାଦିନରେ ଖୋଜାପଡ଼େ ଛାଇ । ଏଠାରେ ଛାଇ ଏକ ଆଶ୍ୱାସନା, ଏକ ସାନ୍ତ୍ୱନା ସୁଖଦ ଅନୁଭବର, ଦାରୁଣ ପୀଡ଼ାର ଔଷଧି । ଅତଏବ ଖରା ଆଉ ଛାଇର ଆବଶ୍ୟକତା ନିଶ୍ଚେ ବରାବର । କେବଳ ସମୟର, ଋତୁର ଫରକ ।

କାହାର ଛାଇ ପଡ଼ିଗା କହିଲେ କିନ୍ତୁ ନକରାତ୍ମକ ଭାବର ପ୍ରକାଶ ହୁଏ । ଏ କଳାଛାଇ ଏକ ଅନାବଶ୍ୟକ, ଅସ୍ପୃହଣୀ, ଅନାଦରଣୀୟ ସ୍ପର୍ଶ । ଏଥକୁ ଏହା ବିଶ୍ୱାସ କରାଯାଏ ଯେ ମଣିଷ ନିଜ ଛାଇ ସହ ଚାଲୁଥାଏ। ବେଳେବେଳେ ନିଜ ଛାଇ ଦେଖି ନିଜେ ଡରିଯାଏ ମଣିଷ । ଏହାର ଅର୍ଥ ଏ ଛାଇ ନିଜର ଅପକର୍ମ, ନିଜର କୁକର୍ମ ଅଥବା ନିଜର ମନ୍ଦ କାର୍ଯ୍ୟ । ଏଥକୁ ଛାଇ ଏକ ଅଭିସମ୍ପାଦ ବା ଅଶୁଭ ନୁହେଁ । ବରଂ ଏହା ଚେତେଇ ଦେଉଥାଏ, ସତର୍କ କରି ଦେଉଥାଏ ଭୁଲ୍ ପଥ ଅନୁସରଣକୁ । ଏଠାରେ ଖରାର ଭୂମିକା ବି କମ୍ ନୁହେଁ, ଏହି ଚେତନା ବା ଚୈତନ୍ୟ ପରା ଖରା । ସେ ଖରା ନଥିଲେ ଏ ଛାଇର ସଂଦର୍ଶନ କେମିତି ସମ୍ଭବ ହୋଇପାରନ୍ତା?

ଜୀବନ ପ୍ରବାହରେ କେବେ ଖରା କେବେ ଛାଇର ଘଟଣା ଘଟୁଥାଏ ପ୍ରତିମୁହୂର୍ତ୍ତରେ । ହେଲେ କେତେ ଖରା ଆଉ କେତେ ଛାଇ? ଖରା ଛାଇରେ ସନ୍ତୁଳନ ନ ରହିଲେ ସବୁ ଓଲଟ ପାଲଟ ହୋଇଯାଏ । କଟୁକଥା କହିବା ଓ ଶୁଣିବା ଉଭୟ ଟାଣ ଖରା ଆଉ ମଧୁର କଥା କହିବା ଓ ଶୁଣିବା ନିଶ୍ଚୟ ଶୀତଳ ଛାଇ । ଏଣୁ କୁହାଯାଇଛି ‘କହିଣ ମଧୁର ବଚନ, ମନତୋଷିବ ଘନଘନ’ । ବିସର୍ଣ୍ଣ ବଦନ କରି ଜୀବନକୁ ଛାଇ ବୋଲି ଭାବନାହିଁ କି ହସମୁଖ ଚେହେରାକୁ ଖରା ବୋଲି ମନେକର ନାହିଁ । ଏଇଥିପାଇଁ ଯେ କିଛି ଖରା ଆଉ କିଛି ଛାଇରେ ମିଶା ମାନବର ଜୀବନ ହିଁ ସାର୍ଥକ ଜୀବନ । ସମସ୍ୟା ଆଉ ସମାଧାନ ଦୁଇଟାର ଖେଳରେ ଜୀବନର ଅଙ୍କକଷା । ସେ ଅଙ୍କକୁ ଏତେ ଡର କାହିଁକି??


*ଅନନ୍ତବିହାର, ଫେଜ୍-୨,*
*ପୋଖରୀପୁଟ, ଭୁବନେଶ୍ୱର*
*ମୋ. ୯୩୪୮୮୯୩୭୫୨*


# ଶାସ୍ତି :ଏକ ଅତ୍ୟାବଶ୍ୟକ ନିୟନ୍ତ୍ରଣ

**■ ଡ଼. ମନୋଜ କୁମାର ମହାନ୍ତି ■**

ଚାକିରି-ଜୀବନ ପଞ୍ଜୁରୀଆବଦ୍ଧ ସାରୀର ଜୀବନଭଳି । ଯେଉଁଠି ଏକ ନିର୍ଦ୍ଦିଷ୍ଟ ପରିସୀମା ନିର୍ଦ୍ଧାରିତ ହୋଇଥାଏ, ସେଠି ଉଡ଼ିବାପାଇଁ ଚାହିଁଲେବି ତାହା ଖୋଲା ଆକାଶ ପରି ଅନୁଭବ ହୁଏନି । ସରକାରୀ ଚାକିରି ଅପେକ୍ଷା ବେସରକାରୀ ସଂସ୍ଥାରେ ଆତ୍ମନିଯୁକ୍ତି ସତରେ ପଞ୍ଜୁରୀଆବଦ୍ଧପୂର୍ଣ୍ଣ ଯନ୍ତ୍ରଣା । ପେଟପାଟଣା ପାଇଁ ସରକାରୀ ହେଉକି ବେସରକାରୀ ବୃତ୍ତିରେ ନିୟୋଜିତ ହେବା ଉଭୟ ଆନନ୍ଦ ନିରାନନ୍ଦର ଫେଣ୍ଟାଫେଣ୍ଟି ଅନୁଭୂତି । ମୋ ଆତ୍ମନିଯୁକ୍ତିର କର୍ମକ୍ଷେତ୍ର ଗାଁ ଘରଠାରୁ ପ୍ରାୟ ପଚାଶ କିଲୋମିଟର ଦୂରରେ ଅବସ୍ଥିତ । ପ୍ରଥମ କେଇମାସ ଘରଠାରୁ ଦୁଇଚକିଆ ଗାଡ଼ିରେ ଯାତାୟାତ ଅବଶ୍ୟ ଏକପ୍ରକାର ମନୋରଞ୍ଜନ ଥିଲା କିନ୍ତୁ ଗାଁଗହଳି କଂକ୍ରିଟ ଖାଲଢିପ ରାସ୍ତାରେ କ୍ରମାଗତ ଯାତାୟାତ ଶାରିରୀକ ଅସୁସ୍ଥତା ଭଳି ସମସ୍ୟା ସୃଷ୍ଟିକରିବା ସ୍ୱାଭାବିକ ଘଟଣା । କେବଳ ଶାରିରୀକ ଅସୁସ୍ଥତା ନୁହେଁ, ଯନ୍ତ୍ରଣା ସହ ସମୟ ଅପଚୟ । ସେସବୁକୁ ଦୃଷ୍ଟିରେ ରଖି କର୍ମକ୍ଷେତ୍ର ନିକଟବର୍ତ୍ତୀ ସ୍ଥାନରେ ଭଡ଼ା ଆକାରରେ ଗ୍ରାଉଣ୍ଡ ଫ୍ଲୋରରେ ଥିବା ଘରକୁ ନେଲି । ଉଭୟ ଦୁଇଚକିଆ ଓ ଚାରିଚକିଆର ପାର୍କିଂ ବ୍ୟବସ୍ଥା । କିନ୍ତୁ ଉକ୍ତ ସ୍ଥାନରେ ମୂଷାଙ୍କ ଉପଦ୍ରବ ବିଷୟରେ ଅଜ୍ଞ ଥିବାରୁ ଚାରିଚକିଆ ଓ ଦୁଇଚକିଆ ଯାନବାହାନକୁ କିଛିଦିନ ବ୍ୟବହାର ନକରି ଗୋଟେ ସ୍ଥାନରେ ଥୋଇଦେଲାପରେ ସେଥିରେ ଧୂଳିମଳି ଜମିବା ସହ ଝିଟିପିଟି ଅସରପା ବୁଢିଆଣୀ ଭଳି କୀଟଙ୍କର ଆଡ୍ଡାସ୍ଥଳୀରେ ପରିଣତି ହେବା ଏକ ପୁରୁଣା ଘଟଣା । ସେମାନଙ୍କ ନେତାଭାବେ ଛୁଞ୍ଚୁଡ଼ରା ଓ ମୂଷା ଏକଛତ୍ରବାଦ ଶାସନ ଚଳାନ୍ତି ସେକଥା ସେମାନଙ୍କ ମଳମୁତ୍ର ଦୁର୍ଗନ୍ଧ ସହ ଗାଡ଼ିରେ ମୂଲ୍ୟବାନ ତାର ସଂଯୋଗର ଖଣ୍ଡବିଖଣ୍ଡିତ କାର୍ଯ୍ୟକଳାପକୁ ମୁଁ ଅନୁଭବ କଲି । ତୀକ୍ଷୀଣ ଦାନ୍ତ ଓ ନଖ ପାଇଥିବା ଜୀବଟି କରିବା କ’ଣ? ସେ ତା ରୁଚି ଅନୁସାରେ ଯାହା ଠିକ ଲାଗେ ତାହାହିଁ କରେ । କିନ୍ତୁ ବେଳେବେଳେ ଆମେ ଏତେ ସହଜରେ ବୁଝିପାରୁନା ଯେ ମୂଷା ଓ ଛୁଞ୍ଚୁଡ଼ରା କାହିଁକି ଏଭଳି କାର୍ଯ୍ୟକଳାପରେ ଲିପ୍ତରହି ମଣିଷର ମୂଲ୍ୟବାନ କାଗଜପତ୍ର ସହ ପୋଷାକ ଭଳି ଜିନିଷକୁ ନଷ୍ଟଭ୍ରଷ୍ଟ କରନ୍ତି?ଗଣେଶଙ୍କ ବାହନରୂପେ ମୂଷିକ ପୂଜା-ଅର୍ଚ୍ଚନା ପାଉଥିବା ମୂଷାମାନଙ୍କର ସତରେ କଣ କିଛି ବୁଦ୍ଧିଶୁଦ୍ଧି ନାହିଁକି! ଷଣ୍ଢ, ମୂଷା, ହଂସ, ପେଚା, ସିଂହ ଆଦି ପଶୁପକ୍ଷୀସମୂହ କେଉଁ ଦୃଷ୍ଟିକୋଣରୁ ଦେବଦେବୀଙ୍କର ଏତେ ପ୍ରିୟ? ଦେବାଦେବୀଙ୍କ ପ୍ରିୟ ସାଜି ଆମ ଚତୁପାର୍ଶ୍ୱରେ ଅବସ୍ଥାନ କରୁଥିବା ପଶୁପକ୍ଷୀଙ୍କ ନିକଟରେ ନିଶ୍ଚିତରୂପେ କିଛିନା କିଛି ଦକ୍ଷତା ଦେଖିବାକୁ ମିଳେ । ଯଦି ଦକ୍ଷତା ଓ ବୁଦ୍ଧି ନଥାନ୍ତା ସତରେ କଣ ନିଜ ବସାକୁ ଏତେ ସୁନ୍ଦରଭାବେ ଗଢ଼ିପାରନ୍ତା ବାଇଚଢ଼େଇ! ଆମମାନଙ୍କର ବୁଦ୍ଧିଶୁଦ୍ଧି ଥାଇ ଆମେ କେତେ କଣ କରିଚାଲିଛନ୍ତି ତା’ର ହିସାବ ନାହିଁ । ମଣିଷ ଓ ମୂଷା ଭିତରେ କିଛି ଅନ୍ତର ନାହିଁ । ଏକାପ୍ରକାର ସ୍ୱଭାବ ଓ ଆଚରଣଛ ମୂଷା ନିଜ ପ୍ରାଣ ସୁରକ୍ଷିତ ରଖିବାପାଇଁ ଗାତରେ ନଚେତ ଅଳଆଭିଡ଼ରେ ଲୁଚିଯାଏ ପୁଣି ସୁଯୋଗ ଦେଖି କାଟିବା ଆରମ୍ଭ କରେ । ମଣିଷବି ସୁବିଧା ସୁଯୋଗ ଦେଖି ଅନ୍ୟକୁ ଚିଡାକାଟେ, ଅସୁବିଧାରେ ପକାଏ, ହଇରାଣ ହରକତ କରେ । ଖୋଲାରେ ବୁଲୁଥିବା ମଣିଷର ଉଗ୍ରସ୍ୱଭାବ କଥା କିଏବା ନଜାଣିଛି । ମଣିଷର ଉଗ୍ରସ୍ୱଭାବକୁ ରୋକିବା ନିମନ୍ତେ ଯେମିତ ଦଣ୍ଡବିଧାନ କରାଯାଇଛି ଠିକ୍ ସେମିତି ମୂଷାଙ୍କ ଦାଉରୁ ନିଜ ଆସବାସ ତଥା ମୂଲ୍ୟବାନ ଜିନିଷପତ୍ରକୁ ସୁରକ୍ଷା କରିବାପାଇଁ ମୂଷା ଔଷଧ ଓ ଯନ୍ତାର ସୃଷ୍ଟି ଏକ ରକମର ମୂଷାକୁ ଉପଯୁକ୍ତ ଶାସ୍ତି ଦେବାପାଇଁ ଉଦ୍ଦିଷ୍ଟ । ଶାସ୍ତି କେବେ ମୃତ୍ୟୁଦଣ୍ଡ ପୁଣି କେବେ ଶାରିରୀକ କ୍ଳେଶ । ମୂଷାକୁ ଔଷଧ ଦେଇ ମାରିବା ଏକ ହିଂସାତ୍ମକ ଆଚରଣ । ବିନା ଯନ୍ତାରେ ମୂଷାଙ୍କୁ ଧରିବା ଅସମ୍ଭବ । ତେଣୁ ଯନ୍ତାରେ ଥରେ ମୂଷାକୁ ଧରି ତାକୁ ଉପଯୁକ୍ତ ଶାସ୍ତି ଦେବା ଉଦ୍ଦେଶ୍ୟରେ ଯନ୍ତାଟିଏ କିଣି ରାତିରେ ଯନ୍ତାରେ କେକ ଦେଇ ରୋଷେଇଘର ଥାକରେ ରଖି ଶୋଇବା ଭିତରେ ମୂଷାଟି ଯନ୍ତାରେ ଆବଦ୍ଧ ହୋଇ ଛାଟିବାଡେଇ ହେବାର ଦୃଶ୍ୟ ଅତ୍ୟନ୍ତ ଆନନ୍ଦମୟ । ଜୀବପ୍ରତି ଦୟା ବିନୟର ପ୍ରତିଦାନକୁ ଯଦି ଜୀବଜନ୍ତୁ ସତରେ ବୁଝିପାରେନ୍ତି ତେବେ ମଣିଷ ତାକୁ ନିଜର କରି ରଖନ୍ତା । ଯଦି ମୂଷାଟିଏ କେବଳ ଖାଦ୍ୟ ଲକ୍ଷ୍ୟରେ ଘରକୁ ଆସନ୍ତା ତାହେଲେ ପ୍ରତିଦିନ ନଷ୍ଟ ହେଉଥିବା ଦି-ଚାରି ମୁଠା ଦେବାରେ କୌଣସି ଦ୍ୱିଧା ଉତ୍ପନ୍ନ ହୁଅନ୍ତାନାହିଁ । ଯନ୍ତାରେ ଆବଦ୍ଧ ମୂଷାଟି ପ୍ରତି ଯେତିକି ରାଗ ତାଠାରୁ ଯଥେଷ୍ଟ ଦୟା କିନ୍ତୁ କଥାରେ ଅଛି ଦୟା ସେଇମାନଙ୍କୁ କରାଯାଇଥାଏ ଯେଉଁମାନେ ଅନ୍ୟର ଅନିଷ୍ଟ କରିନଥାନ୍ତି । ମୋ ନିତ୍ୟକର୍ମ ସାରି କାର୍ଯ୍ୟାନୁଷ୍ଠାନକୁ ଯିବା ପୂର୍ବରୁ ଶୀତଦିନର ହାଲକା ଖରାରେ ଯନ୍ତାସହ ମୂଷାକୁ ଗୋଟେ ଡାଳରେ ଟଙ୍ଗେଇ ଦେଲି । ଚାହିଁଥିଲେ ତାକୁ ସେଇ ମୁହୂର୍ତ୍ତରେ ବାହାରେ ଛାଡ଼ି ଦେଇଥାନ୍ତି । କିନ୍ତୁ ତାକୁ ଶାସ୍ତିଦେବା ଉଦ୍ଦେଶ୍ୟରେ ଛଅଘଣ୍ଟା ଯନ୍ତାରେ ଆବଦ୍ଧ ରଖିବା କେତେଦୂର ଠିକ୍ କି ଭୁଲ୍ ମୋତେ ଜଣାନାହିଁ । ବେଳେବେଳେ ପଥଭ୍ରଷ୍ଟ ମଣିଷକୁ ଛାଟ ସହ ଅନୁଶାସନବି ଜରୁରୀ । ଉଭୟ ଛାଟ ଓ ଅନୁଶାସନ ଶରୀର ଓ ମନକୁ କଷ୍ଟ ଆଘାତ ଦେବା ସ୍ୱାଭାବିକ । ଶରୀରକୁ କଷ୍ଟ ଓ ଆଘାତ ଲାଗିଲେ ପରବର୍ତ୍ତୀ ସମୟରେ ମଣିଷ ସଚେତନ ହୁଏ । କରୁଥିବା କୁକର୍ମ ପ୍ରତି ବିମୁଖ ହୁଏ । ଜୀବନକୁ ଏକ ଉତ୍ତମ ମାର୍ଗରେ ପରିଚାଳିତ କରେ ।

ସ୍ୱଇଚ୍ଛାରେ ସମ୍ପାଦନ କରାଯାଉଥିବା ପ୍ରତିଟି କର୍ମପାଇଁ ବ୍ୟକ୍ତି ଉତ୍ତରଦାୟୀ । ପ୍ରତିଟି ଅନିଷ୍ଟ ଓ ଅମଙ୍ଗଳ କାର୍ଯ୍ୟରେ ଲିପ୍ତ ପ୍ରାଣୀ ଦଣ୍ଡପାଇବା ଉଚିତ୍ । ସମସ୍ତଙ୍କୁ ସ୍ୱାଧୀନତା ମିଳିଛି ତା’ ଅର୍ଥ ନୁହେଁ ଅନ୍ୟର ଅନିଷ୍ଟ କରିବା । ଅନିଷ୍ଟ କରୁଥିବା ଜୀବକୁ ଯଦି ଛାଡ଼ି ଦିଆଯାଏ ତେବେ ତା’ର ପାଦୁର୍ଭାବ ଦିନକୁଦିନ ବଢି ଚାଲିବ । ଜୀବପ୍ରତି ଦୟା ଯେତିକି ଆବଶ୍ୟକ ତାପାଇଁ ଦଣ୍ଡବିଧାନ ମଧ୍ୟ ସେତିକି ଗ୍ରହଣୀୟଛ ମଶାରୀକୁ ସାଇତିସୁଇତି ବାନ୍ଧିଲାପରେବି ଅନେକ ସମୟରେ ମଶା ପଶିବାକୁ ଉଦ୍ୟମ କରେଛ ଯଦି ରକ୍ତପାନ କରିବା ଲକ୍ଷ୍ୟରେ ମଶାର ସୃଷ୍ଟି ଓ ଜନ୍ମଗତ ଅଧିକାର ତେବେ ମଶାଙ୍କ ବିନାଶ କରିବା ମଣିଷର ବି କର୍ତ୍ତବ୍ୟ । ମଣିଷ ଯେତେ ସଚେତନ ତଥା ସୁରକ୍ଷିତ ହେଲେବି ଜୀବଜନ୍ତୁଙ୍କ ଯନ୍ତ୍ରଣାରୁ ରକ୍ଷାପାଇବା ଅସମ୍ଭବଛ ଆଜିର ମଣିଷ ମଶା ଓ ମୂଷାଙ୍କ ଭଳି ଦିନକୁ ଦିନ ଅମାନିଆ, ଅବିବେକି ସହ ହିତାହିତ ଜ୍ଞାନ ଭୁଲି ଯେଉଁ କର୍ମରେ ଲିପ୍ତ ରହୁଛି ତାର ହିସାବ କିଏ କରିବ? ସେଥିପାଇଁ ମଣିଷକୁ ପଥଭ୍ରଷ୍ଟରୁ ରୋକିବାପାଇଁ ଜେଲ ଓ ମୂଷାଙ୍କୁ ରୋକିବା ପାଇଁ ଯନ୍ତାରୂପକ ଶାସ୍ତି ଏକାନ୍ତ ପ୍ରୟୋଜନ ।


ମୋ:୮୮୯୫୩୪୧୦୩୩


# ଭାରତୀୟ ପ୍ରବାସୀମାନଙ୍କ ସ୍ଥିତି

**■ ଅସିତ ମହାନ୍ତି ■**

ଗତ ୯ ଜାନୁଆରୀରେ ପାଳିତ ହୋଇଥିବା ପ୍ରବାସୀ ଭାରତୀୟ ଦିବସ କେବଳ ଏକ ଆନୁଷ୍ଠାନିକ କାର୍ଯ୍ୟକ୍ରମ ନୁହେଁ ବରଂ ଲକ୍ଷ ଲକ୍ଷ ଭାରତୀୟଙ୍କ ସ୍ମୃତି ଏବଂ ସମ୍ମାନର ପ୍ରତୀକ, ଯେଉଁମାନେ ନିଜ ଜନ୍ମଭୂମିରୁ ଦୂରରେ ରହି ମଧ୍ୟ ଭାରତର ସଂସ୍କୃତି, ପରମ୍ପରା ଏବଂ ପରିଚୟକୁ ଜୀବିତ ରଖିଛନ୍ତି । ସେମାନଙ୍କର କଠିନ ପରିଶ୍ରମ, ପ୍ରତିଭା ଏବଂ ସଂଘର୍ଷ ମାଧ୍ୟମରେ, ପ୍ରବାସୀ ଭାରତୀୟମାନେ ବିଶ୍ୱର ବିଭିନ୍ନ ଦେଶରେ କେବଳ ନିଜର ଛାପ ସୃଷ୍ଟି କରିନାହାଁନ୍ତି, ବରଂ ଭାରତର ପ୍ରତିଷ୍ଠାକୁ ମଧ୍ୟ ଉଚ୍ଚ କରିଛନ୍ତି । ତଥାପି, ଏହା ସମାନ ସତ୍ୟ ଯେ ବିଦେଶରେ ପ୍ରବାସୀ ଭାରତୀୟଙ୍କ ପରିସ୍ଥିତି ସର୍ବଦା ଆରାମଦାୟକ ଏବଂ ସୁରକ୍ଷିତ ନୁହେଁଛ ସାମ୍ପ୍ରତିକ ବର୍ଷଗୁଡ଼ିକରେ ଆମେରିକା ସମେତ ଅନେକ ଦେଶରେ ଭାରତୀୟ ସମ୍ପ୍ରଦାୟ ପ୍ରତି ଯେଉଁ ବ୍ୟବହାର ଦେଖାଯାଇଛି ତାହା ସ୍ପଷ୍ଟ କରିଛି ଯେ ପ୍ରବାସୀ ଭାରତୀୟଙ୍କ ସାମ୍ନାରେ ଥିବା ଚ୍ୟାଲେଞ୍ଜଗୁଡ଼ିକ ଗମ୍ଭୀର ଏବଂ ଏହାକୁ ହାଲୁକା ଭାବରେ ନିଆଯାଇପାରିବ ନାହିଁ ।

ବିଦେଶରେ ରହୁଥିବା ଭାରତୀୟଙ୍କ ସ୍ଥିତି ବହୁମୁଖୀ । ଗୋଟିଏ ପଟେ, ସେମାନଙ୍କର କଠିନ ପରିଶ୍ରମ ଏବଂ ଦକ୍ଷତା ମାଧ୍ୟମରେ, ସେମାନେ ଆଇଟି, ଔଷଧ, ଶିକ୍ଷା, ବ୍ୟବସାୟ ଏବଂ ଗବେଷଣା ଭଳି କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ଦେଉଛନ୍ତି । ଯୁକ୍ତରାଷ୍ଟ୍ର, ଯୁକ୍ତରାଜ୍ୟ, କାନାଡା, ଅଷ୍ଟ୍ରେଲିଆ ଏବଂ ଉପସାଗରୀୟ ଦେଶଗୁଡ଼ିକରେ ଭାରତୀୟଙ୍କ ଉପସ୍ଥିତି ଅର୍ଥନୈତିକ ଏବଂ ସାମାଜିକ ଦୃଷ୍ଟିକୋଣରୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଭାରତୀୟ ବଂଶୋଦ୍ଭବ ଲୋକମାନେ ଦେଶର ଅର୍ଥନୀତିକୁ ବୃଦ୍ଧି କରୁଛନ୍ତି ଏବଂ ସ୍ଥାନୀୟ ସମାଜରେ ସେମାନଙ୍କର ସ୍ଥାନ ପ୍ରତିଷ୍ଠା କରୁଛନ୍ତି । ତଥାପି, ସେମାନେ ଜାତିଗତ ଭେଦଭାବ, ସାଂସ୍କୃତିକ ଅସମାନତା, ଆଇନଗତ ଜଟିଳତା ଏବଂ କେତେକ ସମୟରେ ହିଂସା ଭଳି ଚ୍ୟାଲେଞ୍ଜର ସମ୍ମୁଖୀନ ହେଉଛନ୍ତି । ଯୁକ୍ତରାଷ୍ଟ୍ରରେ ଭାରତୀୟମାନଙ୍କ ସହିତ ଜଡିତ ସାମ୍ପ୍ରତିକ ଘଟଣା ସୂଚାଇ ଦିଏ ଯେ ପ୍ରବାସୀ ସମ୍ପ୍ରଦାୟର ସୁରକ୍ଷା ଏବଂ ମର୍ଯ୍ୟାଦା ସମ୍ପର୍କରେ ଅନେକ ପ୍ରଶ୍ନ ରହିଛି ।

ଭାରତୀୟ ପ୍ରବାସୀମାନେ ସମ୍ମୁଖୀନ ହେଉଥିବା ଅସୁବିଧା କେବଳ ସମାଜ ବାହାରରୁ ନୁହେଁ, ବରଂ ସେମାନେ ପ୍ରାୟତଃ ନିଜ ସମ୍ପ୍ରଦାୟ ମଧ୍ୟରେ ଅସମାନତା ଅନୁଭବ କରନ୍ତି । ଭାଷା, ଧର୍ମ ଏବଂ ଆଞ୍ଚଳିକ ପରିଚୟ ଉପରେ ଆଧାରିତ ବିଭାଜନ ସେମାନଙ୍କୁ ଦୁର୍ବଳ କରିଥାଏ । ଏହା ବ୍ୟତୀତ, କଠୋର ଭିସା ଏବଂ ପ୍ରବାସ ନୀତି, ଚାକିରି ଅସୁରକ୍ଷା ଏବଂ ସାମାଜିକ ଗ୍ରହଣୀୟତାର ଅଭାବ ସେମାନଙ୍କ ଜୀବନକୁ ଚ୍ୟାଲେଞ୍ଜିଂ କରିଥାଏ । ଏହି ପରିସ୍ଥିତି କେବଳ ଆମେରିକା ପର୍ଯ୍ୟନ୍ତ ସୀମିତ ନୁହେଁ ୟୁରୋପ ଏବଂ ଉପସାଗରୀୟ ଦେଶଗୁଡ଼ିକରେ ଥିବା ଭାରତୀୟମାନେ ମଧ୍ୟ ଶ୍ରମ ଶୋଷଣ, କମ୍ ମଜୁରୀ ଏବଂ ଅସୁରକ୍ଷିତ କାର୍ଯ୍ୟ ପରିସ୍ଥିତିର ସମ୍ମୁଖୀନ ହୁଅନ୍ତି ।

ଏହି ସମସ୍ୟାଗୁଡ଼ିକୁ କେବଳ ଭାବପ୍ରବଣ ଆବେଦନ ମାଧ୍ୟମରେ ସମାଧାନ କରାଯାଇପାରିବ ନାହିଁ । ଭାରତ ସରକାର ଏବଂ ଭାରତୀୟ ପ୍ରବାସୀ ମଧ୍ୟରେ ଏକ ଦୃଢ଼ ଏବଂ ସଂଗଠିତ ତନ୍ତ୍ର ଆବଶ୍ୟକ । ଭାରତକୁ ଏହାର ପ୍ରବାସୀ ନାଗରିକଙ୍କ ସ୍ୱାର୍ଥର ସୁରକ୍ଷା ପାଇଁ ଦ୍ୱିପାକ୍ଷିକ ଚୁକ୍ତିନାମା ଏବଂ ଅନ୍ତର୍ଜାତୀୟ ମଞ୍ଚରେ ସକ୍ରିୟ ଭୂମିକା ଗ୍ରହଣ କରିବାକୁ ପଡିବ । ଯେତେବେଳେ ଭାରତୀୟମାନେ କୌଣସି ଦେଶରେ ଅନ୍ୟାୟ ବ୍ୟବହାରର ସମ୍ମୁଖୀନ ହୁଅନ୍ତି, ସେତେବେଳେ ଭାରତୀୟ କୂଟନୀତି ତୁରନ୍ତ ଏବଂ ପ୍ରଭାବଶାଳୀ ଭାବରେ ପ୍ରତିକ୍ରିୟା ଦେବା ଉଚିତ । ଏହା ବ୍ୟତୀତ, ପ୍ରବାସୀ ଭାରତୀୟମାନଙ୍କୁ ସେମାନଙ୍କର ଅଧିକାର ଏବଂ ଆଇନଗତ ସୁରକ୍ଷା ପ୍ରତି ସଚେତନ ରହିବା ଉଚିତ ।

ଏହି ପରିପ୍ରେକ୍ଷୀରେ ପ୍ରବାସୀ ଭାରତୀୟ ଦିବସ (ପ୍ରବାସୀ ଭାରତୀୟ ଦିବସ)ର ଗୁରୁତ୍ୱ ଆହୁରି ବୃଦ୍ଧି ପାଇଛି । ଏହି ଦିନଟି ଆମକୁ ମନେ ପକାଇ ଦିଏ ଯେ ପ୍ରବାସୀ ଭାରତୀୟମାନେ କେବଳ ଏକ ଆର୍ଥିକ ସମ୍ବଳ ନୁହଁନ୍ତି, ବରଂ ଭାରତର ସାଂସ୍କୃତିକ ଐତିହ୍ୟର ବାହକ ମଧ୍ୟ । ସେମାନଙ୍କର ସମସ୍ୟାର ସମାଧାନ କରିବା ଭାରତର ଦାୟିତ୍ୱ । ପ୍ରବାସୀ ଭାରତୀୟମାନେ ଅନୁଭବ କରିବା ଉଚିତ ଯେ ଭାରତ ସେମାନଙ୍କ ସହିତ ଠିଆ ହୋଇଛି, ସେମାନେ ଯେଉଁଠାରେ ଥାଆନ୍ତୁ ନା କାହିଁକି । ଏହାକୁ ହାସଲ କରିବା ପାଇଁ, ଭାରତୀୟ ଦୂତାବାସ ଏବଂ କନସୁଲେଟ୍‌ଗୁଡ଼ିକୁ ଅଧିକ ସକ୍ରିୟ ଏବଂ ସମ୍ବେଦନଶୀଳ ହେବାକୁ ପଡିବ । ସେମାନଙ୍କୁ ତୁରନ୍ତ ସେମାନଙ୍କ ଅଭିଯୋଗ ଶୁଣିବା ଏବଂ ସମାଧାନ କରିବା ଉଚିତ ।

ଏହା ସହିତ, ପ୍ରବାସୀ ଭାରତୀୟମାନଙ୍କୁ ସେମାନଙ୍କ ସମ୍ପ୍ରଦାୟ ମଧ୍ୟରେ ଏକତା ବଜାୟ ରଖିବାକୁ ପଡିବ । ଯେତେବେଳେ ସେମାନେ ସଂଗଠିତ ହୁଅନ୍ତି ଏବଂ ସେମାନଙ୍କର ସ୍ୱର ଉଠାଇଥାନ୍ତି, ସେମାନଙ୍କର ସମସ୍ୟାକୁ ଅଣଦେଖା କରିବା କଷ୍ଟକର ହୋଇପଡ଼େ । ବିଦେଶରେ ଥିବା ଭାରତୀୟ ସଂଗଠନ ଏବଂ ସାଂସ୍କୃତିକ ପ୍ରତିଷ୍ଠାନଗୁଡ଼ିକ ଏହି ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରିବେ । ସେମାନେ କେବଳ ଭାରତୀୟ ସଂସ୍କୃତିକୁ ଜୀବନ୍ତ ରଖନ୍ତି ନାହିଁ ବରଂ ପରସ୍ପର ସହିତ ସଂଯୋଗ କରି ପ୍ରବାସୀଙ୍କୁ ସଶକ୍ତ ମଧ୍ୟ କରନ୍ତି ।

ଯୁକ୍ତରାଷ୍ଟ୍ରରେ ଘଟିଥିବା ସାମ୍ପ୍ରତିକ ଘଟଣା ଆମକୁ ଶିକ୍ଷା ଦିଏ ଯେ ଭାରତୀୟ ପ୍ରବାସୀମାନଙ୍କ ପରିସ୍ଥିତି ବିଷୟରେ ଆତ୍ମସନ୍ତୋଷ ବିପଦପୂର୍ଣ୍ଣ । ଆମକୁ ଏହା ସ୍ୱୀକାର କରିବାକୁ ପଡିବ ଯେ ପ୍ରବାସୀ ସମ୍ପ୍ରଦାୟ ସର୍ବଦା ସୁରକ୍ଷିତ ନୁହେଁ ଏବଂ ସେମାନଙ୍କର ସମସ୍ୟା ବାସ୍ତବ । ଭାରତ ସରକାରଙ୍କୁ ଭାରତୀୟ ପ୍ରବାସୀମାନଙ୍କ ପାଇଁ ଏକ ଦୀର୍ଘକାଳୀନ ନୀତି ପ୍ରଣୟନ କରିବାକୁ ପଡିବ ଯାହା ସେମାନଙ୍କର ସୁରକ୍ଷା, ସମ୍ମାନ ଏବଂ ସେମାନଙ୍କ ଅଧିକାରର ସୁରକ୍ଷା ସୁନିଶ୍ଚିତ କରିବ । ଏହା ବ୍ୟତୀତ, ଭାରତୀୟ ପ୍ରବାସୀମାନଙ୍କୁ ମଧ୍ୟ ସେମାନଙ୍କ ଦେଶ ସହିତ ଦୃଢ଼ ସମ୍ପର୍କ ବଜାୟ ରଖିବାକୁ ପଡିବ । ସେମାନେ ଭାରତର ଅର୍ଥନୀତିରେ ନିବେଶ କରିପାରିବେ, ଅନ୍ତର୍ଜାତୀୟ ସ୍ତରରେ ଭାରତର ନୀତିକୁ ସମର୍ଥନ କରିପାରିବେ ଏବଂ ସେମାନଙ୍କର ସଫଳତାର କାହାଣୀ ମାଧ୍ୟମରେ ଭାରତର ପ୍ରତିଛବିକୁ ବୃଦ୍ଧି କରିପାରିବେ ।

ପ୍ରବାସୀ ଭାରତୀୟ ଦିବସ ଆମକୁ ପ୍ରବାସୀମାନଙ୍କର ସଫଳତାକୁ ସମ୍ମାନ କରିବା ଏବଂ ସେମାନଙ୍କ ଚ୍ୟାଲେଞ୍ଜଗୁଡ଼ିକୁ ଗମ୍ଭୀରତାର ସହିତ ବୁଝିବାର ସୁଯୋଗ ପ୍ରଦାନ କରେ । ଭାରତୀୟ ପ୍ରବାସୀମାନଙ୍କର ପରିସ୍ଥିତି କେବଳ ଏକ ବ୍ୟକ୍ତିଗତ ସଂଘର୍ଷ ନୁହେଁ, ବରଂ ଭାରତର ବିଶ୍ୱ ପରିଚୟ ସହିତ ଜଡିତ ଏକ ପ୍ରଶ୍ନ । ଯଦି ଭାରତୀୟ ପ୍ରବାସୀ ସୁରକ୍ଷିତ, ସମ୍ମାନିତ ଏବଂ ସଶକ୍ତ ହୁଅନ୍ତି, ତେବେ ବିଶ୍ୱ ସ୍ତରରେ ଭାରତର ପ୍ରତିଷ୍ଠା ମଧ୍ୟ ଉଚ୍ଚ ହେବ । ତେଣୁ, ଏହା ଜରୁରୀ ଯେ ଆମେ ସମ୍ବେଦନଶୀଳତା ଏବଂ ଦୃଢ଼ତାର ସହିତ ଭାରତୀୟ ପ୍ରବାସୀମାନଙ୍କର ସମସ୍ୟାର ସମାଧାନ କରୁ । ଏହା ଏହି ଦିନର ପ୍ରକୃତ ବାର୍ତ୍ତା- ଭାରତ ଏବଂ ଭାରତୀୟମାନଙ୍କ ମଧ୍ୟରେ ଅତୁଟ ବନ୍ଧନ, ସେମାନେ ଯେଉଁଠାରେ ଥାଆନ୍ତୁ ।


ସୁଜନପୁର, ଯାଜପୁର
ମୋ. ୯୪୩୭୨୮୮୦୨୮

# ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ

ଭୁବନେଶ୍ୱର ୧୦ ଜାନୁଆରୀ ୨୦୨୬ ଶନିବାର ପୃଷ୍ଠା ୫






ଭାରତ ଧାର୍ମିକ ବିବିଧତା ଭରା ଦେଶ । ଦେଶରେ ସାରା ବର୍ଷ ଭିନ୍ନ ଭିନ୍ନ ସ୍ଥାନରେ ଭିନ୍ନ ଭିନ୍ନ ଧାର୍ମିକ ଅବଦାରଣାକୁ ନେଇ ପର୍ବପର୍ବାଣି, ଉତ୍ସବ, ମେଳା ଆଦି ଅନୁଷ୍ଠିତ ହୁଏ । ତେବେ ଭାରତର ହିନ୍ଦୁମାନଙ୍କ ପାଇଁ ଶ୍ରେଷ୍ଠ ଧାର୍ମିକ ଉତ୍ସବ କୁମ୍ଭ ମେଳା । ପ୍ରତି ତିନିବର୍ଷରେ ଥରେ ଅର୍ଦ୍ଧକୁମ୍ଭ ମେଳା ଓ ପ୍ରତି ୧୨ ବର୍ଷରେ ଥରେ କୁମ୍ଭ ମେଳା ଆୟୋଜିତ ହୁଏ । ଦେଶର ଧାର୍ମିକ ମହତ୍ତ୍ୱ ଥିବା ୪ଟି ସ୍ଥାନରେ କୁମ୍ଭମେଳାର ଆୟୋଜନ ହୋଇଥାଏ । ଚଳିତବର୍ଷ ପ୍ରୟାଗରାଜରେ ଆଗାମୀ ଜାନୁଆରୀ ୩ ତାରିଖରୁ କୁମ୍ଭମେଳା ଆରମ୍ଭ ହୋଇ ଏହା ଫେବୃଆରୀ ୧୫ ତାରିଖରେ ଶେଷ ହେବ ।

# ପ୍ରୟାଗରାଜରେ କୁମ୍ଭମେଳା



ଶାସ୍ତ୍ର ଅନୁଯାୟୀ ଚାରୋଟି ବିଶେଷ ସ୍ଥାନରେ କୁମ୍ଭମେଳାର ଆୟୋଜନ ହୁଏ । ନାସିକର ଗୋଦାବରୀ ନଦୀ ତଟରେ ଉଜ୍ଜୟିନୀର ଶିପ୍ରା ନଦୀ ତଟରେ, ହରିଦ୍ୱାର ଓ ପ୍ରୟାଗରେ ଗଙ୍ଗା ନଦୀ ତଟରେ କୁମ୍ଭ ମେଳାର ଆୟୋଜନ କରାଯାଏ । ଚଳିତବର୍ଷ ପ୍ରୟାଗରେ କୁମ୍ଭମେଳାର ଆୟୋଜନ ହେଉଛି । ୨୦୨୨ରେ ହରିଦ୍ୱାରରେ ଏବଂ ୨୦୨୫ରେ ପୁନର୍ବାର ପ୍ରୟାସରେ ଓ ୨୦୨୭ରେ ନାସିକ୍‌ରେ କୁମ୍ଭମେଳା ଆୟୋଜନ ହେବ । ଯେହେତୁ ପ୍ରତି ୩ ବର୍ଷରେ ଥରେ ଗୋଟିଏ ସ୍ଥାନରେ କୁମ୍ଭମେଳା ଆୟୋଜନ ହୁଏ ତେଣୁ ପ୍ରତ୍ୟେକ ସ୍ଥାନରେ ୧୨ ବର୍ଷରେ ଥରେ କୁମ୍ଭମେଳା ଆୟୋଜନ ହୁଏ । ଅବଶ୍ୟ ଏ ମଧ୍ୟରେ ପୂର୍ଣ୍ଣକୁମ୍ଭ ଆସିଲେ ଏହି ସ୍ଥାନର ପୁନରାବୃତ୍ତି ହୋଇଥାଏ । ହରିଦ୍ୱାର ଓ ପ୍ରୟାଗରେ ଦୁଇ କୁମ୍ଭ ମେଳା ମଧ୍ୟରେ ୬ ବର୍ଷ ବ୍ୟବଧାନରେ ଅର୍ଦ୍ଧକୁମ୍ଭ ଆସିଥାଏ । ପୂର୍ଣ୍ଣ କୁମ୍ଭ ଓ ଅର୍ଦ୍ଧକୁମ୍ଭ ମେଳାର ଆୟୋଜନ ଜ୍ୟୋତିର୍ଷୀୟ କାରଣ ଅନୁଯାୟୀ ହୋଇଥାଏ ।

କୁମ୍ଭ ମେଳାର ଆୟୋଜନ କେବେ ଠାରୁ କରାଯାଉଛି ତାହା ନିର୍ଣ୍ଣୟ କରିବା କଷ୍ଟ । ତେବେ ଏହି ମେଳାର ଲିଖିତ ପ୍ରମାଣ ଚୀନ୍‌ର ପରିବ୍ରାଜକ ହୁଏନସାଂଙ୍କ ବିବରଣୀରୁ ମିଳିଛି । ଷଷ୍ଠ ଶତାବ୍ଦୀରେ ସମ୍ରାଟ ହର୍ଷବର୍ଦ୍ଧନଙ୍କ ଶାସନ କାଳରେ କୁମ୍ଭମେଳାର ଆୟୋଜନ ସମ୍ପର୍କରେ ସେ ଉଲ୍ଲେଖ କରିଛନ୍ତି ନିଜର ଭ୍ରମଣ ବିବରଣୀରେ ।



### କୁମ୍ଭ ପର୍ବ ଏବଂ ଗ୍ରହର ସଂଯୋଗ

**ହରିଦ୍ୱାର** : ହରିଦ୍ୱାରର ସମ୍ବନ୍ଧ ଶେଷ ରାଶି ସହ । କୁମ୍ଭ ରାଶିରେ ବୃହସ୍ପତି ପ୍ରବେଶ କଲେ ଏବଂ ମେଷ ରାଶିରେ ସୂର୍ଯ୍ୟ ପ୍ରବେଶ କରିବା ଅବସ୍ଥାରେ ହରିଦ୍ୱାରରେ କୁମ୍ଭ ମେଳା ଆୟୋଜନ କରାଯାଏ । ହରିଦ୍ୱାର ଓ ପ୍ରୟାଗରେ ଦୁଇ କୁମ୍ଭ ପର୍ବ ମଧ୍ୟରେ ଛ'ବର୍ଷ ବ୍ୟବଦାନରେ ଅର୍ଦ୍ଧକୁମ୍ଭର ଆୟୋଜନ ମଧ୍ୟ କରାଯାଏ ।

**ପ୍ରୟାଗ** : ପ୍ରୟାଗରେ କୁମ୍ଭ ମେଳାର ଆୟୋଜନ ଏଥିପାଇଁ ଗୁରୁତ୍ୱପୂର୍ଣ୍ଣ ଯେ ଏଠାରେ ୧୨ ବର୍ଷ ବ୍ୟବଧାନରେ ଗଙ୍ଗା, ଯମୁନା ଓ ସରସ୍ୱତୀର ସଂଗମସ୍ଥଳରେ ଏହାର ଆୟୋଜନ ହୁଏ । ମେଷ ରାଶି ଚକ୍ରରେ ବୃହସ୍ପତି ଓ ସୂର୍ଯ୍ୟ ଏବଂ ମକର ରାଶିରେ ଚନ୍ଦ୍ର ପ୍ରବେଶ କଲେ ଅମାବାସ୍ୟା ଦିନ କୁମ୍ଭମେଳା ପ୍ରୟାଗରେ ଆୟୋଜିତ ହୁଏ । ଅନ୍ୟ ଏକ ଗଣନା ଅନୁଯାୟୀ ମକର ରାଶିରେ ସୂର୍ଯ୍ୟ ଏବଂ ବୃଷ ରାଶିରେ ବୃହସ୍ପତି ପ୍ରବେଶ କଲେ ପ୍ରୟାଗରେ କୁମ୍ଭ ପର୍ବ ଆୟୋଜିତ ହୁଏ ।

**ନାସିକ** : ନାସିକ୍‌ରେ ଆୟୋଜିତ ହେଉଥିବା କୁମ୍ଭମେଳାକୁ ସିଂହସ୍ଥ କୁହାଯାଏ । ୧୨ ବର୍ଷରେ ଥରେ ସିଂହସ୍ଥ କୁମ୍ଭମେଳା ନାସିକ୍ ଓ ତ୍ରୟମ୍ବକେଶ୍ୱରରେ ଅନୁଷ୍ଠିତ ହୁଏ । ସିଂହ ରାଶିରେ ବୃହସ୍ପତି ପ୍ରବେଶ କଲେ ଗୋଦାବରୀ ନଦୀ ତଟରେ କୁମ୍ଭମେଳା ଆୟୋଜିତ ହୁଏ । ପ୍ରତି ୧୨ ବର୍ଷରେ ଥରେ ଏହି ଯୋଗ ଆସେ । ଏଥିସହ ଅମାବାସ୍ୟା ଦିନ ବୃହସ୍ପତି, ସୂର୍ଯ୍ୟ ଏବଂ ଚନ୍ଦ୍ର କର୍କଟ ରାଶିରେ ପ୍ରବେଶ କଲେ ଗୋଦାବରୀ ନଦୀ ତଟରେ କୁମ୍ଭମେଳା ଆୟୋଜିତ ହୋଇଥାଏ ।

**ଉଜ୍ଜୟିନୀ** : ସିଂହ ରାଶିରେ ବୃହସ୍ପତି ଓ ମେଷ ରାଶିରେ ସୂର୍ଯ୍ୟ ପ୍ରବେଶ କଲେ ଏହି ମେଳା ଉଜ୍ଜୟିନୀରେ ଆୟୋଜିତ ହୋଇଥାଏ । ଏହା ବ୍ୟତୀତ କାର୍ତ୍ତିକ ଅମାବାସ୍ୟା ଦିନ ସୂର୍ଯ୍ୟ ଓ ଚନ୍ଦ୍ର ଏକାଠି ହେବା ସହ ବୃହସ୍ପତି ତୁଳା ରାଶିରେ ପ୍ରବେଶ କଲେ ମୋକ୍ଷଦାୟକ କୁମ୍ଭ ଉଜ୍ଜୟିନୀରେ ଆୟୋଜିତ ହୁଏ ।

### କୁମ୍ଭମେଳା କ'ଣ?

କୁମ୍ଭର ଅର୍ଥ କଳସ । ଏହା ସମୁଦ୍ର ମନ୍ଥନରେ ଶେଷରେ ବାହାରିଥିବା ଅମୃତ କଳସ ସହ ସମ୍ପର୍କିତ । ଦେବତା-ଅସୁର ଯେତେବେଳେ ପରସ୍ପରଠାରୁ ଅମୃତ କଳସ ଛଡ଼ାଇବାକୁ ଚେଷ୍ଟା କରୁଥିଲେ ସେତେବେଳେ କିଛି ବୁନ୍ଦା ପୃଥିବୀରେ ତିନୋଟି ନଦୀରେ ପଡ଼ିଥିଲା । ଏହି ତିନି ନଦୀର ନାମ ଗଙ୍ଗା, ଗୋଦାବରୀ ଓ ଶିପ୍ରା । ଏହି ତିନୋଟି ନଦୀର ଚାରୋଟି ସ୍ଥାନରେ ଅମୃତ ବିନ୍ଦୁ ପଡ଼ିଥିଲା ।

ଅମୃତର ଅଧିକାର ନେଇ ଦେବତା ଓ ଦାନବଙ୍କ ମଧ୍ୟରେ ୧୨ଦିନ ଯୁଦ୍ଧ ହୋଇଥିଲା । ଏହା ମନୁଷ୍ୟଙ୍କର ୧୨ ବର୍ଷ ସହ ସମାନ। ତେଣୁ ୧୨ଟି କୁମ୍ଭ ଅନୁଷ୍ଠିତ ହୁଏ । ଏ ମଧ୍ୟରୁ ଚାରୋଟି ପୃଥିବୀରେ ଓ ୮ଟି ଦେବଲୋକରେ ଆୟୋଜିତ ହୁଏ । ସମୁଦ୍ର ମନ୍ଥନ କଥା ଅନୁଯାୟୀ କୁମ୍ଭ ପର୍ବର ସିଧାସଳଖ ସମ୍ପର୍କ ନକ୍ଷତ୍ରମାନଙ୍କ ସହ । ଅମୃତ କଳସକୁ ସୂର୍ଯ୍ୟଲୋକକୁ ନେବା ପାଇଁ ଜୟନ୍ତଙ୍କୁ ୧୨ଦିନ ସମୟ ଲାଗିଥିଲା । ଦେବତାଙ୍କର ଦିନେ ମନୁଷ୍ୟଙ୍କର ଏକ ବର୍ଷ । ତେଣୁ ନକ୍ଷତ୍ରଙ୍କ କ୍ରମ ଅନୁଯାୟୀ ପ୍ରତି ୧୨ ବର୍ଷରେ କୁମ୍ଭ ବିଭିନ୍ନ ତୀର୍ଥ ସ୍ଥାନରେ ଆୟୋଜିତ ହୁଏ । ଯୁଦ୍ଧ ସମୟରେ ସୂର୍ଯ୍ୟ, ଚନ୍ଦ୍ର ଓ ଶନି ଆଦି ଦେବତାମାନେ କଳସ ରକ୍ଷା କରିଥିଲେ, ତେଣୁ ବର୍ତ୍ତମାନ ସେସବୁ ରାଶିରେ ଯେତେବେଳେ ରକ୍ଷକ ଗ୍ରହମାନଙ୍କର ଆବିର୍ଭାବ ହୁଏ ସେତେବେଳେ କୁମ୍ଭର ଯୋଗ ଆସେ । ଅର୍ଥାତ୍ ଅମୃତର ବୁନ୍ଦା ପଡ଼ିବା ସମୟରେ ଯେଉଁ ରାଶିରେ ଯେଉଁ ଗ୍ରହମାନଙ୍କର ଅବସ୍ଥାନ ଥିଲା ତାହା ଆସିଲେ ଏହି ଅମୃତ କଳସ ରକ୍ଷାରେ ସୂର୍ଯ୍ୟ, ଚନ୍ଦ୍ରମା ଓ ବୃହସ୍ପତିଙ୍କର ବିଶେଷଗୁରୁତ୍ୱ ରହିଛି । କୁମ୍ଭମେଳା ଅବସରରେ ଉପରୋକ୍ତ ତିନି ନଦୀରେ



ସ୍ନାନ କଲେ ମନୁଷ୍ୟ ସବୁ ପ୍ରକାର ପାପରୁ ମୁକ୍ତ ହୁଏ ବୋଲି ବିଶ୍ୱାସ କରାଯାଏ ।

ପ୍ରୟାଗରାଜରେ କୁମ୍ଭମେଳାର ଆୟୋଜନ ସମ୍ପର୍କରେ କଳ୍ପନା କଲେ ଗଙ୍ଗା-ଯମୁନା-ସରସ୍ୱତୀର ସଂଗମ ସ୍ଥଳ ମନକୁ ଆସେ । ପବିତ୍ର ସଙ୍ଗମରେ ଜନସମୁଦ୍ରକୁ ଦେଖି ହୃଦୟରେ ଆଲୋଡନ ସୃଷ୍ଟି ହୁଏ । ଆଖଡ଼ାର ସାଧୁସନ୍ଥମାନଙ୍କର ଶାହି ସ୍ନାନଠାରୁ ଆରମ୍ଭ କରି ଧାର୍ମିକ ମନ୍ତ୍ର ଉଚ୍ଚାରଣ, ପ୍ରବଚନ, ସଙ୍ଗୀତ, ବାଦ୍ୟ ଓ ସ୍ନାନ ମନକୁ ଆସେ ।

ପ୍ରୟାଗରାଜରେ କୁମ୍ଭମେଳା ଅନ୍ୟ ସ୍ଥାନର କୁମ୍ଭ ଠାରୁ ଅନେକ



କାରଣରୁ ଭିନ୍ନ । ଦୀର୍ଘ ଅବଧି କଳ୍ପବାସ ପରମ୍ପରା କେବଳ ପ୍ରୟାଗରେ ଅଛି । କେତେକ ଶାସ୍ତ୍ରରେ ତ୍ରିବେଣୀ ସଙ୍ଗମକୁ ପୃଥିବୀର କେନ୍ଦ୍ର ଭାବରେ ସ୍ୱୀକାର କରାଯାଇଛି । ଏଠାରେ ଭଗବାନ ବ୍ରହ୍ମା ସୃଷ୍ଟି-ସୃଜନ ଯଜ୍ଞ କରିଥିଲେ । ପ୍ରୟାଗକୁ ତୀର୍ଥମାନଙ୍କର ତୀର୍ଥ ବୋଲି କୁହାଯାଏ । ସବୁଠାରୁ ବଡ଼ କଥା ଏଠାରେ ଧର୍ମ ଓ ଜପତପର ପରିଣାମ ଅନ୍ୟ ତୀର୍ଥସ୍ଥଳ ଠାରୁ ଅଧିକ ବୋଲି ଧର୍ମଗ୍ରନ୍ଥମାନଙ୍କର ମତ । ମତ୍ସ୍ୟ ପୁରାଣରେ ମହର୍ଷି ମାର୍କଣ୍ଡେୟ ଯୁଧିଷ୍ଠିରଙ୍କୁ କହିଛନ୍ତି- ଏହି ସ୍ଥାନ ଦେବତାମାନଙ୍କ ଦ୍ୱାରା ବିଶେଷ ଭାବରେ ରକ୍ଷା କରାଯାଇଛି । ଏଠାରେ ଏକ ମାସ ରହିବା, ଭୋଗବିଳାସକୁ ତ୍ୟାଗ କରିବା, ଅଖଣ୍ଡ ବ୍ରହ୍ମଚର୍ଯ୍ୟ ଧାରଣ କରିବା ଦେବତା ଓ ପିତୃପୁରୁଷଙ୍କୁ ତର୍ପଣ କରିବା ଦ୍ୱାରା ମନୁଷ୍ୟର ସମସ୍ତ ମନୋକାମନା ପୂର୍ଣ୍ଣ ହୁଏ । କୁମ୍ଭମେଳା ସମୟରେ ଏଠାରେ ସ୍ନାନ କରୁଥିବା ବ୍ୟକ୍ତି ନିଜର ୧୦ ପିଢ଼ିକୁ ପୁନର୍ବନ୍ଧର ଚକ୍ରରୁ ମୁକ୍ତ କରିଥାଏ ଏବଂ ନିଜେ ମଧ୍ୟ ମୋକ୍ଷ ପ୍ରାପ୍ତ କରିଥାଏ । ଏଠାରେ ତୀର୍ଥଯାତ୍ରୀଙ୍କ ସେବା କରିବା ଦ୍ୱାରା ବ୍ୟକ୍ତିକୁ ଲୋଭ-ମୋହରୁ ମୁକ୍ତି ମିଳେ । ସେହି କାରଣରୁ ଅନେକ ଧର୍ମପ୍ରାଣ ବ୍ୟକ୍ତି ଏଠାକୁ ଆସୁଥିବା ସାଧୁସନ୍ଥମାନଙ୍କର ସେବା କରିବା ପାଇଁ ଏଠାରେ ରୁହନ୍ତି । ସାଧୁସନ୍ଥମାନେ ମଧ୍ୟ ନିଜ ଶିଷ୍ୟଗଣଙ୍କ ସହ ଏଠାରେ ନିଜର ପାରମ୍ପରିକ ପୂଜାର୍ଚ୍ଚନା କରିଥାନ୍ତି ।

ପ୍ରାୟ ୫୦ଦିନ ପର୍ଯ୍ୟନ୍ତ ଚାଲୁଥିବା ଏହି ମେଳା ଅବସରରେ ସଙ୍ଗମ କ୍ଷେତ୍ର ଆଖପାଖରେ କେଇ ହଜାର ହେକ୍ଟର ସ୍ଥାନରେ ବିଶ୍ୱର ବିଶାଳତମ ଅସ୍ଥାୟୀ ସହର ଗଢ଼ିଉଠେ । ଆଦିମକାଳରୁ ଚାଲି ଆସିଥିବା ଏହି ଆୟୋଜନ ଏକ ଅଦ୍ୱିତୀୟ ଆୟୋଜନ । ମେଳାରେ ଲଗାତାର ବୃଦ୍ଧି ଜନସଂଖ୍ୟା ଏବଂ କ୍ରମାଗତ ଭାବରେ ସହର ନଦୀମାନଙ୍କୁ ଗିରି ଦେବା ବର୍ତ୍ତମାନ ପାଇଁ ଏଠାରେ ବଡ଼ ସମସ୍ୟା ।

### ବିଭିନ୍ନ ପ୍ରକାର କୁମ୍ଭମେଳା

ପ୍ରତି ୧୨ ବର୍ଷରେ ଥରେ ଗୋଟିଏ ସ୍ଥାନରେ ପୂର୍ଣ୍ଣକୁମ୍ଭ ମେଳା ଆୟୋଜିତ ହୁଏ, ପ୍ରୟାଗରେ କୁମ୍ଭମେଳା ହରିଦ୍ୱାର କୁମ୍ଭମେଳାର ୩ ବର୍ଷ ପରେ ଓ ନାସିକ ଓ ଉଜ୍ଜୟିନୀ କୁମ୍ଭମେଳାର ୩ ବର୍ଷ ପରେ ଅନୁଷ୍ଠିତ ହୁଏ । ପ୍ରୟାଗ ଓ ହରିଦ୍ୱାରରେ ଦୁଇଟି ପୂର୍ଣ୍ଣ କୁମ୍ଭ ମଝିରେ ୬ ବର୍ଷରେ ଥରେ ଅର୍ଦ୍ଧକୁମ୍ଭ ଅନୁଷ୍ଠିତ ହୁଏ । ପ୍ରତି ୧୨ଟି ପୂର୍ଣ୍ଣ କୁମ୍ଭମେଳା ପରେ ମହାକୁମ୍ଭ ମେଳା ଅନୁଷ୍ଠିତ ହୁଏ ।


ହରିଦ୍ୱାରରେ ଚୈତ୍ର (ମାର୍ଚ୍ଚ-ଏପ୍ରିଲ୍) ମାସରେ, ପ୍ରୟାଗରାଜରେ ମାଘ (ଜାନୁଆରୀ-ଫେବୃଆରୀ) ମାସରେ, ନାସିକରେ ଭାଦ୍ରବ (ଅଗଷ୍ଟ-ସେପ୍ଟେମ୍ବର) ମାସରେ ଏବଂ ଉଜ୍ଜୟିନୀରେ ବୈଶାଖ (ଏପ୍ରିଲ୍-ମେ') ମାସରେ କୁମ୍ଭମେଳା ଆୟୋଜିତ ହୁଏ । ପ୍ରୟାଗରେ ପ୍ରତି ବର୍ଷ ମାଘ ମାସରେ ମାଘମେଳା ବା କ୍ଷୁଦ୍ର କୁମ୍ଭମେଳା ଅନୁଷ୍ଠିତ ହୁଏ ।



ଧାର୍ମିକ ଗୁରୁତ୍ୱକୁ ବାଦ୍ ଦେଲେ ଐତିହାସିକ ଭାବରେ କୁମ୍ଭମେଳା ଏକ ଗୁରୁତ୍ୱପୂର୍ଣ୍ଣ ବ୍ୟବସାୟୀକ ସମୟ। ବ୍ୟାପ୍ଟିଷ୍ଟ ମିସନାରୀ ଜନ୍ ଚାମ୍ବରଲିନ୍ ୧୮୨୪ ମସିହାରେ ହରିଦ୍ୱାର ଅର୍ଦ୍ଧକୁମ୍ଭ ମେଳା ଭ୍ରମଣରେ ଆସିଥିଲେ । ନିଜର



ଭ୍ରମଣ ଅନୁଭବରେ ସେ ଉଲ୍ଲେଖ କରିଥିଲେ ଯେ ଏଠାକୁ ବହୁ ସଂଖ୍ୟକ ପର୍ଯ୍ୟଟକ ବ୍ୟବସାୟ ଉଦ୍ଦେଶ୍ୟରେ ଆସନ୍ତି । କେବଳ ହିନ୍ଦୁ ନୁହନ୍ତି ଏହି ଧାର୍ମିକ ଅନୁଷ୍ଠାନରେ ବିଭିନ୍ନ ଧର୍ମର ଲୋକମାନେ ମଧ୍ୟ ଯୋଗଦିଅନ୍ତି । ବହୁ ସଂଖ୍ୟକ ଶିଖ୍‌ଙ୍କୁ ଏହି ମେଳାରେ ଦେଖିଥିବା ବର୍ଣ୍ଣନା କରିଛନ୍ତି । ସେହିପରି ୧୮୫୮ ମସିହା ହରିଦ୍ୱାର କୁମ୍ଭମେଳା ସମ୍ପର୍କରେ ନିଜର ଅନୁଭବ ଲେଖିଥିବା ବ୍ରିଟିଶ ପ୍ରଶାସନିକ ସେବା ଅଧିକାରୀ ରବର୍ଟ ମଣ୍ଟୋଗମେରୀ ମାର୍ଟିନ ଲେଖିଛନ୍ତି ବିଭିନ୍ନ ଧର୍ମ, ବର୍ଣ୍ଣ ଏବଂ ସମୁହର ଲୋକମାନେ ଏହି



ମେଳାରେ ଯୋଗ ଦେଉଥିଲେ । ସାଧୁସନ୍ଥଙ୍କ ସମେତ ସୈନ୍ୟମାନେ ଏବଂ ଶ୍ରଦ୍ଧାଳୁମାନେ ଯୋଗଦେଉଥିଲେ ଏଥିରେ । ଏହାବ୍ୟତୀତ ବିଭିନ୍ନ ବ୍ୟବସାୟୀମାନେ ମଧ୍ୟ ଏଥିରେ ଯୋଗ ଦେଇଥିଲେ । ବୁଖାରା, କାବୁଲ୍, ତୁର୍କିସ୍ଥାନ, ଆରବ ଏବଂ ପର୍ସିଆର ଅନେକ ଘୋଡ଼ା ବ୍ୟବସାୟୀ ଏହି ମେଳାରେ ଥିଲେ । ଅନେକ ହିନ୍ଦୁ ରାଜା, ଶିଖ୍ ଶାସକ ଏବଂ ମୁସଲମାନ ନବାବମାନେ ଏହି ମେଳା ପରିଦର୍ଶନରେ ଆସିଥିଲେ । କେତେକ ଖ୍ରୀଷ୍ଟିଆନ୍ ମିସନାରୀ ଏହି ମେଳାରେ ଧର୍ମପ୍ରଚାର କରୁଥିଲେ । ବ୍ରିଟିଶ ଶାସନ କାଳର ପରିସ୍ଥିତି ଉଲ୍ଲେଖ କରିଥିବା ଦି ଇମ୍ପେରିଆଲ୍ ଗେଜେଟର ଅଫ୍ ଇଣ୍ଡିଆର ତଥ୍ୟ ଅନୁଯାୟୀ ବିଭିନ୍ନ ସଂକ୍ରାମକ ରୋଗ ଓ ମହାମାରୀ ବ୍ୟାପିବାରେ କୁମ୍ଭମେଳାଗୁଡ଼ିକ ମୁଖ୍ୟ କାରଣ ହୋଇଥିଲେ । ୧୮୯୨ ମସିହା ହରିଦ୍ୱାର କୁମ୍ଭମେଳା ସମୟରେ ଝାଡ଼ାବାନ୍ତି ବ୍ୟାପିଥିଲା । ଯାହା ପରବର୍ତ୍ତୀ ସମୟରେ କୁମ୍ଭମେଳା ଆୟୋଜନ ସମୟରେ ପ୍ରତିଷେଧକ ବ୍ୟବସ୍ଥା ନେବାକୁ ରାସ୍ତା ପରିଷ୍କାର କରିଥିଲା । ବ୍ରିଟିଶ ପ୍ରଶାସନ କୁମ୍ଭମେଳାଗୁଡ଼ିକର ପରିମଳ ବ୍ୟବସ୍ଥାରେ ଉନ୍ନତି ଆଣିବା ପାଇଁ ଅନେକ ଚେଷ୍ଟା କରିଥିଲେ । କିନ୍ତୁ ବିଂଶ ଶତାବ୍ଦୀର ମଧ୍ୟଭାଗ ପର୍ଯ୍ୟନ୍ତ ପ୍ରତ୍ୟେକ କୁମ୍ଭମେଳାରେ ହଜାର ହଜାର ଲୋକ ଝାଡ଼ାବାନ୍ତିରେ ପ୍ରାଣ ହରାଉଥିଲେ । ପୂର୍ବେ କୁମ୍ଭମେଳାଗୁଡ଼ିକରେ ଦଳାଚକଟା ଏକ ଭୟଙ୍କର ଦୁର୍ଘଟଣା ଥିଲା । ୧୮୨୦ ମସିହାରେ ହରିଦ୍ୱାର କୁମ୍ଭମେଳାରେ ଏକ ଦଳାଚକଟାରେ ୪୮୫ଜଣ ଲୋକ ପ୍ରାଣ ହରାଇବା ପରେ ବ୍ରିଟିଶ ସରକାର ଅନେକ ଭିତ୍ତିଭୂମି ସୁବିଧା ଆରମ୍ଭ କରିଥିଲେ । ଅନେକ ନୂତନ ଘାଟ ନିର୍ମାଣ ହେବା ସହ ରାସ୍ତା ଚଉଡ଼ା କରାଯାଇଥିଲା । ଏହାପରେ ହରିଦ୍ୱାରରେ ଦଳାଚମକଟା ଜନିତ ମୃତ୍ୟୁ କମ୍ ହୋଇଥିଲା । ତେବେ ଏହାପରେ ୧୯୮୬ ମସିହାରେ ଏଠାରେ ୫୦ଜଣ ଶ୍ରଦ୍ଧାଳୁ ଦଳଚକଟାରେ ପ୍ରାଣ ହରାଇଥିଲେ । ପ୍ରୟାଗରାଜରେ ୧୮୪୦, ୧୯୦୬, ୧୯୫୪, ୧୯୮୬ ଏବଂ ୨୦୧୩ରେ କେତୋଟି ବୃହତ୍‌ଧରଣର ଦଳାଚକଟା ହୋଇଥିଲା । ତେବେ ୧୯୫୪ ମସିହାର ଦଳାଚକଟା ସବୁଠାରୁ ଭୟଙ୍କର ଥିଲା, ଯେଉଁଥିରେ ପ୍ରାୟ ୮ଶହ ଲୋକଙ୍କର ମୃତ୍ୟୁ ଘଟିଥିଲା ।





### କୁମ୍ଭମେଳାର ୬ଟି ମୁଖ୍ୟ ସ୍ନାନ

ମକର ସଂକ୍ରାନ୍ତିରୁ କୁମ୍ଭମେଳା ଆରମ୍ଭ ହେବ ଏବଂ ଏହି ଦିନ ହିଁ ପ୍ରଥମ ସ୍ନାନ ଅନୁଷ୍ଠିତ ହେବ । ଏହାକୁ ସାହି ସ୍ନାନ ଏବଂ ରାଜଯୋଗୀ ସ୍ନାନ ବୋଲି କୁହାଯାଏ । ଏହି ଦିନ କେତେକ ଆଖଡ଼ାର ସାଧୁସନ୍ଥମାନେ ଶୋଭାଯାତ୍ରାରେ ବାହାରିବେ । ମାଘମାସର ଏହି ପ୍ରଥମ ଦିନରେ ସୂର୍ଯ୍ୟ ଧନୁରାଶିରୁ ମକର ରାଶିକୁ ପ୍ରବେଶ କରନ୍ତି । ଜାନୁଆରୀ ୧୯ ତାରିଖରେ ପୌଷ ପୂର୍ଣ୍ଣିମା ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ସ୍ଥାନଯୋଗ । ବିଶ୍ୱାସ କରାଯାଏ ଯେଉଁ ବ୍ୟକ୍ତି ଏହି ଦିନ ସଂପୂର୍ଣ୍ଣ ବିଧିର ସହ ପ୍ରାତଃକାଳରେ ପ୍ରୟାଗରେ ସ୍ନାନ କରନ୍ତି ତାକୁ ମୁଖ୍ୟ ପ୍ରାପ୍ତି ହୁଏ । କେବଳ ଏତିକି ନୁହେଁ ଏହିଦିନଠାରୁ ସମସ୍ତ ଶୁଭକାର୍ଯ୍ୟ ଆରମ୍ଭ ହୁଏ ଏବଂ କୁମ୍ଭମେଳାର କଳ୍ପବାସ ଏହିଠାରୁ ଆରମ୍ଭ ହୁଏ । କୁମ୍ଭମେଳାର ତୃତୀୟ ଗୁରୁତ୍ୱପୂର୍ଣ୍ଣ ସ୍ନାନର ସମୟ ମୌନୀ ଅମାବାସ୍ୟା । ବିଶ୍ୱାସ କରାଯାଏ ଜୈନ ତୀର୍ଥଙ୍କର ଋଷଭଦେବ ନିଜର ଦୀର୍ଘ ସମସ୍ୟା ଏବଂ ମୌନବ୍ରତ ପ୍ରୟାଗଠାରେ ଭଙ୍ଗ କରିଥିଲେ । ଏହିଦିନ ଏଠାରେ ଲକ୍ଷ ଲକ୍ଷ ଶ୍ରଦ୍ଧାଳୁ ବୁଡ଼ ପକାଇବାକୁ ଆସନ୍ତି । ଚଳିତବର୍ଷ ଏହା ଫେବୃଆରୀ ୪ ତାରିଖରେ ଅନୁଷ୍ଠିତ ହେବ । ଅନ୍ୟତମ ପବିତ୍ର ସ୍ନାନ ଅନୁଷ୍ଠିତ ହେବ ଫେବୃଆରୀ ୧୦ ତାରିଖ ବସନ୍ତ ପଞ୍ଚମୀରେ । ଏହିଦିନ ସରସ୍ୱତୀ ନଦୀରେ ସ୍ନାନ କରିବାର ବିଶେଷ ମହତ୍ୱ ରହିଛି । ଯେହେତୁ ପ୍ରୟାଗରେ ସରସ୍ୱତୀ ଗୁପ୍ତ ଭାବରେ ଅଛନ୍ତି ବୋଲି ବିଶ୍ୱାସ କରାଯାଏ ତେଣୁ ଏଠାରେ ଏହି ଦିନ ବୁଡ଼ ପକାଇବା ପାଇଁ ଭିଡ଼ ଜମେ । କୁମ୍ଭମେଳାର ପଞ୍ଚମ ସ୍ନାନ ମାଘ ପୂର୍ଣ୍ଣିମାରେ ଅନୁଷ୍ଠିତ ହୁଏ । ଚଳିତ ବର୍ଷ ଏହା ଫେବୃଆରୀ ୧୯ ତାରିଖରେ ଅନୁଷ୍ଠିତ ହେବ । ବିଶ୍ୱାସ କରାଯାଏ ଏହି ଦିନ ସମସ୍ତ ହିନ୍ଦୁ ଦେବଦେବୀ ସ୍ୱର୍ଗରୁ ସଙ୍ଗମକୁ ଓହ୍ଲାଇଥିଲେ । ଏହାକୁ କଳ୍ପବାସ ପୂର୍ଣ୍ଣିମା ମଧ୍ୟ କୁହାଯାଏ । ଏହିଦିନ ସଙ୍ଗମରେ କଳ୍ପବାସ ବ୍ରତଧାରୀମାନେ ସ୍ନାନ କରି ଗୁରୁ ବୃହସ୍ପତିଙ୍କୁ ପୂଜା କରନ୍ତି । କୁମ୍ଭମେଳାର ଶେଷ ସ୍ନାନ ମହାଶିବରାତ୍ରିରେ । ଏହିଦିନ ସମସ୍ତ କଳ୍ପବାସ ବ୍ରତଧାରୀ ଶେଷ ସ୍ନାନ କରି ନିଜ ଘରକୁ ଫେରନ୍ତି । ଏହିଦିନ କୁମ୍ଭକୁ ଆସିଥିବା ପ୍ରତ୍ୟେକ ବ୍ୟକ୍ତି ସଙ୍ଗମରେ ବୁଡ଼ ପକାନ୍ତି । ବିଶ୍ୱାସ କରାଯାଏ ଏହି ଦିନ ପାଇଁ ଦେବଲୋକର ସଦସ୍ୟମାନେ ମଧ୍ୟ ଅପେକ୍ଷା କରିଥାନ୍ତି । ଚଳିତବର୍ଷ ମହାଶିବରାତ୍ରୀ ମାର୍ଚ୍ଚ ୪ ତାରିଖରେ ପଡ଼ିବ ।

> ଅମୃତର ଅଧିକାର ନେଇ ଦେବତା ଓ ଦାନବଙ୍କ ମଧ୍ୟରେ ୧୨ଦିନ ଯୁଦ୍ଧ ହୋଇଥିଲା । ଏହା ମନୁଷ୍ୟଙ୍କର ୧୨ ବର୍ଷ ସହ ସମାନ। ତେଣୁ ୧୨ଟି କୁମ୍ଭ ଅନୁଷ୍ଠିତ ହୁଏ । ଏ ମଧ୍ୟରୁ ଚାରୋଟି ପୃଥିବୀରେ ଓ ୮ଟି ଦେବଲୋକରେ ଆୟୋଜିତ ହୁଏ । ସମୁଦ୍ର ମନ୍ଥନ କଥା ଅନୁଯାୟୀ କୁମ୍ଭ ପର୍ବର ସିଧାସଳଖ ସମ୍ପର୍କ ନକ୍ଷତ୍ରମାନଙ୍କ ସହ ।

> ଅମୃତ କଳସକୁ ସୂର୍ଯ୍ୟଲୋକକୁ ନେବା ପାଇଁ ଜୟନ୍ତଙ୍କୁ ୧୨ଦିନ ସମୟ ଲାଗିଥିଲା । ଦେବତାଙ୍କର ଦିନେ ମନୁଷ୍ୟଙ୍କର ଏକ ବର୍ଷ । ତେଣୁ ନକ୍ଷତ୍ରଙ୍କ କ୍ରମ ଅନୁଯାୟୀ ପ୍ରତି ୧୨ ବର୍ଷରେ କୁମ୍ଭ ବିଭିନ୍ନ ତୀର୍ଥ ସ୍ଥାନରେ ଆୟୋଜିତ ହୁଏ ।









ଓଡ଼ିଶା ଏକ୍ସପ୍ରେସ୍
ଭୁବନେଶ୍ୱର ଓ କେନ୍ଦ୍ରାପଡା ରୁ ଏକସଙ୍ଗେ ପ୍ରକାଶିତ
ଭୁବନେଶ୍ୱର ୧୦ ଜାନୁଆରୀ ୨୦୨୬ । ଶନିବାର

# ଧାନର ଅଭାବୀ ବିକ୍ରି ଲାଗି ଚାଷୀଙ୍କ ରାସ୍ତାରୋକ

**ନୀଳଗିରି,୯।୧ ଏକ୍ସପ୍ରେସ୍ ନ୍ୟୁଜ୍**

ସାରା ରାଜ୍ୟରେ ଧାନର ଅଭାବୀ ବିକ୍ରି ପାଇଁ ରାସ୍ତାରୋକ, ଧାରଣା ଜାରି ରହିଥିବା ବେଳେ ବାଲେଶ୍ୱର ଜିଲ୍ଲା ନୀଳଗିରିରେ ମଧ ଏପରି ଦୃଶ୍ୟ ଦେଖିବାକୁ ମିଳିଛି। ନୀଳଗିରି ଏକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ହୋଇଥିବାରୁ ଏଠାରେ ବସବାସ କରୁଥିବା ଚାଷୀମାନେ ଧାନଚାଷ ଉପରେ ନିର୍ଭର କରିଥାନ୍ତି। ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶ କ୍ରମେ ଏଠାରେ ଖଣିଖଦାନ, ଜଙ୍ଗଲଜାତ ଦ୍ରବ୍ୟ, ଲଘୁଖଣିଜ ସମ୍ପଦ ଉପରେ ରୋକ ଲଗାଇଛନ୍ତି। ତେଣୁ ନିଜ ତଥା ପରିବାରକୁ ପ୍ରତିପୋଷଣ କରିବା ପାଇଁ ଧାନଚାଷ ହିଁ ଏକମାତ୍ର ସାହାଭରଷା। ଏଥିସହିତ ଧାନ ଫସଲ ପାଚିଲା ବେଳକୁ ଝାଡଖଣ୍ଡ ହାତୀପଲ ଓ କୁଲଡ଼ିହା ଅଭୟାରଣ୍ୟରେ ରହିଥିବା ହାତୀ ଫସଲ ନଷ୍ଟ କରିବା ଯୋଗୁ ଚିନ୍ତାରେ ଚାଷୀକୂଳ। ହାତୀ ଫସଲ ନଷ୍ଟ କରିବା ପରେ ରହିଥିବା ଧାନକୁ ସରକାରକୁ ବିକିବା ପାଇଁ ଅନାଇ ବସିଛନ୍ତି ଚାଷୀ କ୍ଷ ମାତ୍ର ଧାନର ଅଭାବୀ ବିକ୍ରି ସହିତ ଧାନମଣ୍ଡି ଖୋଲି ନ ଥିବାରୁ ନୀଳଗିରି ଭିଟାମାଟି ଓ ଜୀବନ ଜୀବିକା ସୁରକ୍ଷା ମଞ୍ଚ ପକ୍ଷରୁ ଧାନମଣ୍ଡି ଖୋଲିବା ପାଇଁ ପ୍ରଶାସନ ନିକଟରେ ଦାବି କରିବା ସହିତ ଜାନୁଆରୀ ମାସ ୯ଦିନ ନୀଳଗିରି ବ୍ଲକ ଗରିଡି ପଞ୍ଚାୟତ ସେରଗଡ - ନୀଳଗିରି - ଝରଣାଘାଟି ୧୯ ନମ୍ବର ରାଜ୍ୟରାଜପଥ କଳାକାଦ ନିକଟରେ ରାସ୍ତାରୋକ କରିବେ ବୋଲି ଜଣାଇଥିଲେ। ମାତ୍ର ଧାର୍ଯ୍ୟ ସମୟ ମଧରେ ଧାନମଣ୍ଡି ଖୋଲି ଟୋକନ ପ୍ରଦାନ କରି ନ ରହିବାରୁ ଭିଟାମାଟି ଓ ଜୀବନ ଜୀବିକା ସୁରକ୍ଷା ମଞ୍ଚ ପକ୍ଷରୁ ରାସ୍ତାରେ ଧାନବସ୍ତା ରଖି ରାସ୍ତା ଅବରୋଧ କରିଛନ୍ତି। ବର୍ତ୍ତମାନ ପର୍ଯ୍ୟଟନ ଋତୁ ହୋଇଥିବା ଉକ୍ତ ରାସ୍ତା ଦେଇ ବିଭିନ୍ନ ପର୍ଯ୍ୟଟନସ୍ଥଳୀ ରାସ୍ତା ହୋଇଥିବାରୁ ରାସ୍ତାରୋକ ଯୋଗୁ ରାଜ୍ୟ ତଥା ରାଜ୍ୟ ବାହାରୁ ଆସିଥିବା ପର୍ଯ୍ୟଟକ ନାହିନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ବେଳେ ସେମାନଙ୍କର ନେଇ ଆସୁଥିବା ଗାଡ଼ିଗୁଡ଼ିକ ଉଭୟ ପାର୍ଶ୍ୱରେ ଲମ୍ବା ଧାଡ଼ିରେ ଠିଆ ହୋଇଥିବାର ଦେଖିବାକୁ ମିଳିଛି। ଚାଷୀଙ୍କ ରାସ୍ତା ଅବରୋଧ ଯୋଗୁଁ କୌଣସି ଅପ୍ରତିକର ପରିସ୍ଥିତି ସୃଷ୍ଟି ନ ହୁଏ ସେଥିପ୍ରତି ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ଅନ୍ୟପକ୍ଷରେ ରାଜ୍ୟସରକାର କୃଷିମାରଣ ନୀତି ଓ ଧାନମଣ୍ଡି ଖୋଲି ନ ହେବାରୁ ଗରିବ ଚାଷୀ କମ୍ ମୂଲ୍ୟରେ ଧାନ ବିକି ଧାରକରଜ ପରିଶୋଧ କରିବା ସହିତ ନିଜ ପରିବାରର ଆବଶ୍ୟକ ହେଉଥିବା ଅର୍ଥ ନିମନ୍ତେ ରାଜ୍ୟ ସରକାରଙ୍କ ଧାନର ନିର୍ଦ୍ଧାରିତ ମୂଲ୍ୟ ଠାରୁ ଅଧା ମୂଲ୍ୟରେ ଧାନବିକ୍ରି କରୁଛି ବୋଲି ଭିଟାମାଟି ଓ ଜୀବନ ଜୀବିକା ସୁରକ୍ଷା ମଞ୍ଚର କାର୍ଯ୍ୟକର୍ତ୍ତା କହିଛନ୍ତି। ଏଥିସହିତ ଚାଷୀଙ୍କ ନିକଟରେ ଗଚ୍ଛିତ ରହିଥିବା ଧାନକୁ ରାଜ୍ୟ ସରକାରଙ୍କୁ ବିକ୍ରି କରିବା ପାଇଁ ରାଜରାସ୍ତାରେ ଚାଷୀ ରାସ୍ତାରୋକ କରିବା ସହିତ ଯେ ପର୍ଯ୍ୟନ୍ତ ସେମାନଙ୍କର ଦାବୀ ପୂରଣ ନ ହୋଇଛି ସେ ପର୍ଯ୍ୟନ୍ତ ରାସ୍ତା ଅବରୋଧ କରାଯିବା ସହ ଚାଷୀ ଆତ୍ମହତ୍ୟା କରିବେ ବୋଲି କହିଛନ୍ତି ଚାଷୀମାନେ।




## ବିଏଲଓଙ୍କ କାର୍ଯ୍ୟରେ ଅବହେଳା ଅଭିଯୋଗ

**ରାଜନଗର,୯।୧ ଏକ୍ସପ୍ରେସ୍ ନ୍ୟୁଜ୍**

ରାଜନଗର ବ୍ଲକରେ ଏବେ ଭୋଟର ତାଲିକା ସଂଶୋଧନ ସଂକ୍ରାନ୍ତୀୟ କାର୍ଯ୍ୟକ୍ରମ ଚାଲିଛି। ଏ ଏବଂ ବି ଫର୍ମାଟ କାମ ସରି ଏବେ ସି ପର୍ଯ୍ୟାୟ କାମ ଚାଲୁଥିବା ଜଣାପଡିଛି। ଏହି ପର୍ଯ୍ୟାୟରେ ଅନୁପ୍ରବେଶକାରିଙ୍କୁ ଚିହ୍ନଟ କରିବାର ବ୍ୟାପକ ପ୍ରସ୍ତାବ ଥିବାବେଳେ ବିଏଲଓଙ୍କ ମନୋମୁଖୀ କାର୍ଯ୍ୟରେ ବିଶେଷ କରି ଝିଅ ଓ ବୋହୁମାନେ ଅସୁବିଧା ଭୋଗୁଛନ୍ତି। ବ୍ଲକରେ କେତେଜଣ ବିଏଲଓ କାମରେ ଅବହେଳା କରୁଥିବା ଅଭିଯୋଗ ହେଉଛି। ଏହି ବ୍ଲକର ସାନବଡଗୋପାଳପୁର ପଞ୍ଚାୟତ ସହ ଅନ୍ୟ କିଛି ପଞ୍ଚାୟତରେ ବିଏଲଓମାନେ ଠିକ ଢଙ୍ଗରେ କାମ କରୁଛନ୍ତି କି ନାହିଁ, ତାର ତଦାରଖ କରିବାକୁ କେହି ନାହାନ୍ତି । ଯାହାଫଳରେ ସେମାନେ ଗାଁକୁ ନଯାଇ କାଗଜରେ କାଗଜରେ କାମ ସାରିଦେଉଥିବାରୁ ଅନ୍ୟତ୍ର ବିବାହ କରିଥିବା ଝିଅ ଓ ଗାଁର ବୋହୁ ବିଶେଷ କରି ମହିଳାମାନେ ଅସୁବିଧାର ସମ୍ମୁଖୀନ ହେଉଥିବା ଭଳି ସଂଗୀନ ଅଭିଯୋଗ ହେଉଛି। ଏ ସମ୍ପର୍କରେ ଦାୟିତ୍ୱରେ ଥିବା ସମାଜ ମଙ୍ଗଳ ଅଧିକାରୀ ମନୋଜ ବେହେରାଙ୍କୁ ପଚାରିବାରୁ ଯେଉଁ ବିଏଲଓଙ୍କ ବିରୁଦ୍ଧରେ ଅଭିଯୋଗ ହେବ, କର୍ତ୍ତବ୍ୟରେ ଅବହେଳା କରିବା ସମ୍ପର୍କରେ ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରାଯିବ ବୋଲି କହିଛନ୍ତି।

## ବାର୍ଷିକ କ୍ରୀଡା ପ୍ରତିଯୋଗିତା

**ଶେରଗଡ,୯।୧ ଏକ୍ସପ୍ରେସ୍ ନ୍ୟୁଜ୍**

ଶେରଗଡ ଉଦୟ ପ୍ରତାପ ଡିଗ୍ରୀ ମହାବିଦ୍ୟାଳୟର ବାର୍ଷିକ କ୍ରୀଡା ପ୍ରତିଯୋଗିତା ଶେରଗଡ ମହାତ୍ମାଗାନ୍ଧୀ ଉଚ୍ଚ ବିଦ୍ୟାଳୟ ମିନି ଷ୍ଟାଡିୟମ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ବାର୍ଷିକ କ୍ରୀଡା ୯ ତାରିଖ ଠାରୁ ଆରମ୍ଭ ହୋଇ ୧୩ ତାରିଖରେ ଶେଷ ହେବ। ଏହି ୪ ଦିନ ମଧ୍ୟରେ ବିଭିନ୍ନ ପ୍ରକାରର ଦୌଡ, ଡିସକସ ଥ୍ରୋ, ଜାଭେଲିନ ଥ୍ରୋ, ସଟପୁଟ, ଲଙ୍ଗ ଜମ୍ପ, ହାଇ ଜମ୍ପ ଭଳି ପ୍ରତିଯୋଗିତା ଅନୁଷ୍ଠିତ ହେବା ନେଇ ମହାବିଦ୍ୟାଳୟ ପକ୍ଷରୁ ଜଣାପଡିଛି। ଏହି କ୍ରୀଡା ପ୍ରତିଯୋଗିତା ମହାବିଦ୍ୟାଳୟର ଅଧକ୍ଷ ଅଶୋକ କୁମାର ସ୍ୱାଇଁ ଅଧକ୍ଷତାରେ ଅନୁଷ୍ଠିତ ହେଉଥିବା ବେଳେ କ୍ରୀଡା କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟର ଅଧାପକ ପ୍ରଦୀପ୍ତ କୁମାର ପଣ୍ଡା, ବିନୋଦ ଚନ୍ଦ୍ର କର, ରମେଶ ଚନ୍ଦ୍ର ପ୍ରଧାନ, ସଦାନନ୍ଦ ତ୍ରିପାଠୀ, ଆଲୋକ କୁମାର ତ୍ରିପାଠୀ ଙ୍କ ସହିତ ମହାବିଦ୍ୟାଳୟର ସମସ୍ତ କର୍ମଚାରୀ ପରିଚାଳନାରେ ସହଯୋଗ କରିଥିଲେ। ଏହି କ୍ରୀଡା କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ।

## ନିଃଶୁଳ୍କ ଶାରୀରିକ ଦକ୍ଷତା ପ୍ରଶିକ୍ଷଣ

**ରାଜନଗର,୯।୧ ଏକ୍ସପ୍ରେସ୍ ନ୍ୟୁଜ୍**

ରାଜନଗର ବ୍ଲକ ସୈନିକ ସଂଘ ପକ୍ଷରୁ ନିଃଶୁଳ୍କ ଶାରୀରିକ ଦକ୍ଷତା ପ୍ରଶିକ୍ଷଣ ଶିବିର ଉଦଘାଟିତ ହୋଇଯାଇଛି। ସ୍ଥାନୀୟ ଜାଭିଅର ହାଇସ୍କୁଲ ପରିସରରେ ଅନୁଷ୍ଠିତ ଏହି ଶିବିରକୁ ଶ୍ରୀ ଶ୍ରୀ ଅଭିରାମ ପରମହଂସ ଦେବଙ୍କ ସେବକ ଅଭୟ ବାବା ଉଦଘାଟନ କରି ସୈନିକ ସଂଘର ଏହି ସାଧୁ ଉଦ୍ୟମକୁ ଭୂୟସୀ ପ୍ରଶଂସା କରିବା ସହ ରାଜନଗର ଅଞ୍ଚଳର ଯୁବକମାନଙ୍କ ପାଇଁ ଏହା ଏକ ସୁବର୍ଣ୍ଣ ସୁଯୋଗୟଦେଶ ମାତୃକାର ସେବା ପାଇଁ ରାଜନଗର ସୈନିକ ସଂଘର ଏହି ଅଭିନ ପ୍ରୟାସରେ ସାମିଲ ହେବାକୁ ସେ ଯୁବ ସମାଜକୁ ଆହ୍ୱାନ ଦେଇଥିଲେ। ସୈନିକ ସଂଘର ସଭାପତି ସୁବେଦାର ମେଜର ଗଗନ ବିହାରୀ ସ୍ୱାଇଁ ଦୁଇମାସ ଧରି ଅନୁଷ୍ଠିତ ହେଉଥିବା ଏହି ଶିବିରର ଆଭିମୁଖ୍ୟ ଓ ଆବଶ୍ୟକତା ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ରାଜନଗର ଓ ପଟ୍ଟାମୁଣ୍ଡାଇ ଅଞ୍ଚଳର ଅଧିକରୁ ଅଧିକ ଯୁବ ପିଢ଼ି ଭାରତୀୟ ସେନାରେ ସାମିଲ ହୋଇ ରାଷ୍ଟ୍ର ନିର୍ମାଣରେ ଭାଗିଦାର ହୁଅନ୍ତୁ ବୋଲି ସଂଘର ସମ୍ପାଦକ ଅଚ୍ୟୁତାନନ୍ଦ ପ୍ରଧାନ ମତବ୍ୟକ୍ତ କରିଥିଲେ। ଜାଭିଅର ବିଦ୍ୟାଳୟର ପ୍ରତିଷ୍ଠାତା କବିତା ପ୍ରଧାନ, ଅଧକ୍ଷ ଶୁକଦେବ ଖଟୁଆ, ଶିକ୍ଷକ ଶିକ୍ଷୟତ୍ରୀଙ୍କ ସହ ସଂଘର ସଦସ୍ୟ ରମାକାନ୍ତ ମାହୁନ୍ତ, ଅକ୍ଷୟ କୁମାର ନାୟକ, ରବୀନ୍ଦ୍ର ମହାରଣା, ତ୍ରିଲୋଚନ ପାଢ଼ି, ରବୀନ୍ଦ୍ର ନାଥଶର୍ମା, ସୁବାଷ ଚନ୍ଦ୍ର ସ୍ୱାଇଁ ପ୍ରମୁଖ ପରିଚଳନା କରିଥିଲେ। ୫୦ ଜଣ ଆଶାୟୀ ଯୁବକ ଶିବିରରେ ଯୋଗ ଦେଇଥିଲେ। ରଶ୍ମି ରଞ୍ଜନ ରାଉତ ଧନ୍ୟବାଦ ପ୍ରଦାନ କରିଥିଲେ।

## ନବନିର୍ମାଣ କୃଷକ ସଂଗଠନର ସ୍ମୃତିଚାରଣ

**କେନ୍ଦ୍ରାପଡ଼ା,୯।୧ ଏକ୍ସପ୍ରେସ୍ ନ୍ୟୁଜ୍**

ନବ ନିର୍ମାଣ କୃଷକ ସଂଗଠନ ପକ୍ଷରୁ କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ କନ୍ତିଆ ଗ୍ରାମର କୃଷକ ତଥା ସଂଗଠନର ସଭ୍ୟ ସ୍ୱର୍ଗତ ଭାସ୍କର ଚନ୍ଦ୍ର ବରାଳଙ୍କ ପ୍ରଥମ ବାର୍ଷିକ ଶ୍ରାଦ୍ଧଦିବସ ଉପଲକ୍ଷେ ଏକ ସ୍ମୃତିଚାରଣ ସଭା ତାଙ୍କ କନ୍ତିଆସ୍ଥିତ ବାସଭବନରେ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଜିଲ୍ଲା ଉପଦେଷ୍ଟା ଦାଶରଥୀ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ସମାଜସେବୀ କେଦାର ସାମନ୍ତରାୟ, ମୁଖ୍ୟବକ୍ତା ଭାବେ ଅଜୟ କୁମାର ଦାସ, ସଂଗଠନର ଜିଲ୍ଲା ସଂଯୋଜକ ଅଙ୍କୁର ପଲେଇ, ସହସଂଯୋଜକ ଦୋଳଗୋବିନ୍ଦ ସାହୁ, ଶ୍ରୀରାମପୁର ପଞ୍ଚାୟତର ସଂଯୋଜକ ଅନ୍ତର୍ଯ୍ୟାମୀ କୁଣ୍ଡୁ, ପଟ୍ଟାମୁଣ୍ଡାଇ ସଂଯୋଜକ ଶିଶିର କୁମାର ଓଝା ପ୍ରମୁଖ ଯୋଗଦେଇ ସ୍ୱର୍ଗତ ବରାଳଙ୍କ ସ୍ମୃତିଚାରଣ କରିବା ସହ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରମୋଦ ରାଉତ, ଭାବଗ୍ରାହୀ ବରାଳ, ବିଷ୍ଣୁ ଚରଣ ବରାଳ, ମନୋରଞ୍ଜନ ବରାଳ, ସୁରେନ୍ଦ୍ର ବରାଳ, ପବିତ୍ର କୁଣ୍ଡୁ, କୁଳମଣୀ ଦାସ, ନକୁଳ ଚରଣ ସାହୁ, ହୃଷିକେଶ ନାୟକ, ଉମେଶ ସ୍ୱାଇଁ, ନୃସିଂହ ଚରଣ ସ୍ୱାଇଁ, ରବିନ୍ଦ୍ର ବିଶ୍ୱାଳ ପ୍ରମୁଖ ଶତାଧିକ ନବ ନିର୍ମାଣ କୃଷକ ସଂଗଠନର କର୍ମକର୍ତ୍ତା ଓ ସଦସ୍ୟମାନେ ଯୋଗଦେଇ ସ୍ୱର୍ଗତ ବରାଳଙ୍କ ସ୍ମୃତିଚାରଣ କରିଥିଲେ।

## ପୁନର୍ବାସ ପକ୍ଷରୁ ସାଂସ୍କୃତିକ ଉତ୍ସବ 'ଅଭିନ୍ନ'

**କେନ୍ଦ୍ରାପଡ଼ା,୯।୧ ଏକ୍ସପ୍ରେସ୍ ନ୍ୟୁଜ୍**

କେନ୍ଦ୍ରାପଡ଼ା ଜିଲ୍ଲାରେ ଭିନ୍ନକ୍ଷମମାନଙ୍କ ଥେରାପି ସେବା, ଅଧିକାର ସଚେତନତା ଓ ସଶକ୍ତିକରଣ ନିମନ୍ତେ କାର୍ଯ୍ୟରତ ଅନୁଷ୍ଠାନ ପୁନର୍ବାସ ପକ୍ଷରୁ ଏକ ନିଆରା ସାଂସ୍କୃତିକ ଉତ୍ସବ 'ଅଭିନ୍ନ' ସ୍ଥାନୀୟ ମାଧପୁରସ୍ଥିତ ଅମର ଉଦ୍ୟାନଠାରେ ଅନୁଷ୍ଠିତ ହୋଇଯାଇଛି। ଦିବ୍ୟାଙ୍ଗ ଶିଶୁ ଓ ସେମାନଙ୍କ ଅଭିଭାବକଙ୍କୁ ନେଇ ଏଇ ଭିନ୍ନ ଉତ୍ସବରେ ଚିତ୍ର, ସଙ୍ଗୀତ ଓ ନୃତ୍ୟ ପୁଣି ଶିଶୁଙ୍କ ମା'ମାନଙ୍କ ମଧ୍ୟରେ ଦୌଡ଼, ଡଗଡମାଳି ଓ ଚକ୍ଷୁପଟଳି ପରି ଏକାଧିକ ବିଭାଗରେ ଏକ ବନ୍ଧୁତ୍ୱପୂର୍ଣ୍ଣ ପ୍ରତିଯୋଗିତା ଅନୁଷ୍ଠିତ ହୋଇ ଯାଇଛି। ଦୈନିକ ଜୀବନ ଚର୍ଯ୍ୟାରେ ସାମାନ୍ୟ ଆନନ୍ଦଭରା ବିବିଧତା ଓ ଜୀବନ ପ୍ରତି ଉତ୍ସାହ ସୃଷ୍ଟି ନିମନ୍ତେ 'ଅଭିନ୍ନ' ପରି ଏକ ସମ୍ମିଳିତ ସାଂସ୍କୃତିକ ଉତ୍ସବର ପରିକଳ୍ପନା ବୋଲି ପୁନର୍ବାସର ପ୍ରତିଷ୍ଠାତା ବିରଜା ରାଉତରାୟ ପ୍ରକାଶ କରନ୍ତି। ଏହି କାର୍ଯ୍ୟକ୍ରମରେ କେନ୍ଦ୍ରାପଡ଼ା ଜିଲ୍ଲାର ବିଭିନ୍ନ ପ୍ରାନ୍ତରରୁ ଆସିଥିବା ଭିନ୍ନ ଭିନ୍ନ ବର୍ଗର ପ୍ରାୟ ୩୦ରୁ ଉର୍ଦ୍ଧ୍ୱ ଭିନ୍ନକ୍ଷମ ଶିଶୁ ହିତାଧିକାରୀ ଓ ସେମାନଙ୍କର ଅବିଭାବକମାନେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ଅତିଥି ରୂପେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସଂଗ୍ରାମ କେଶରୀ ବେହୁରା, ଜିଲ୍ଲା ସଂସ୍କୃତି ଅଧିକାରୀ ତ୍ରିଭୁବନ ଜୟସିଂହ ଓ ବିଶିଷ୍ଟ ଲେଖକ ତଥା ଗବେଷକ ଗୋଲକ ବିହାରୀ ସିଂହ ପ୍ରମୁଖ ଯୋଗ ଦେଇ ଉଭୟ କୃତିତ୍ୱ ଅର୍ଜନ କରିଥିବା ଦିବ୍ୟାଙ୍ଗ ପ୍ରତିଯୋଗୀ ଶିଶୁ ଏବଂ ସେମାନଙ୍କ ମାତାମାନଙ୍କୁ ପୁରସ୍କୃତ କରିଥିଲେ। ଅନୁଷ୍ଠିତ ହୋଇଥିବା ସମସ୍ତ ପ୍ରତିଯୋଗିତା ଓ ସାଂସ୍କୃତିକ କାର୍ଯ୍ୟକ୍ରମକୁ ପୁନର୍ବାସର ଷ୍ଟାପ୍ ଥେରାପିଷ୍ଟ୍ ଗୁଞ୍ଜନସ୍ମିତା ବେହେରା, କୀର୍ତ୍ତୀ ଦାଶ, ସାଇଶ୍ରୀତା ମେକାପ, ସୌମ୍ୟରଞ୍ଜନ ଦାସ, ସଂଜୀବ କୁମାର ଜେନା, ରାଜେନ୍ଦ୍ର ମହାପାତ୍ର, କେଦାରନାଥ ବାରିକ, ଧରଣୀଧର ସେଠୀ, ଶିବାନୀ ପ୍ରିୟଦର୍ଶିନୀ ଭୋଳ, ମିହିର ରଞ୍ଜନ ବାରିକ, ରଞ୍ଜନ ସ୍ୱାଇଁ, ପ୍ରଭାତ ସାମଲ ପ୍ରମୁଖ ପରିଚାଳନା କରିଥିଲେ।

## ଯୋରନ୍ଦା ମାଘ ମେଳା ଆୟୋଜନ ଲାଗି ପ୍ରସ୍ତୁତି

**ଢେଙ୍କାନାଳ,୯।୧ ଏକ୍ସପ୍ରେସ୍ ନ୍ୟୁଜ୍**

ଚଳିତ ମାସ ୩୧ ତାରିଖ ଠାରୁ ଆରମ୍ଭ ହେବାକୁ ଯାଉଥିବା ବିଶ୍ୱପ୍ରସିଦ୍ଧ ଯୋରନ୍ଦା ମାଘ ମେଳା ଆୟୋଜନ ଓ ଏହାର ସୁପରିଚାଳନା ନିମନ୍ତେ ଯୋରନ୍ଦା ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟଠାରେ ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲଙ୍କ ଅଧକ୍ଷତାରେ ଦ୍ୱିତୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ମେଳା ଆୟୋଜନ ନିମନ୍ତେ ହେବାକୁଥିବା ବିଭିନ୍ନ କାର୍ଯ୍ୟର ଅଗ୍ରଗତିର ସମୀକ୍ଷା କରିଥିଲେ। ମେଳା ସମୟରେ ପର୍ଯ୍ୟାପ୍ତ ପାନୀୟ ଜଳ ଯୋଗାଣ ନିଶ୍ଚିତ କରିବାକୁ ସେ ନିର୍ଦ୍ଦେଶ ଦେବା ସହିତ ଆବଶ୍ୟକ ରାସ୍ତା ମରାମତି କାର୍ଯ୍ୟ ଶେଷ କରିବାକୁ କହିଥିଲେ। ମେଳା ସମୟରେ ଯେ କେହି କୌଣସି ପ୍ରକାରର ବିଶୃଙ୍ଖଳା ସୃଷ୍ଟି କଲେ ତାଙ୍କୁ ତୁରନ୍ତ ଗିରଫ କରାଯିବ ବୋଲି ଆରକ୍ଷୀ ଅଧିକ୍ଷକ ଅଭିନବ ସୋନକର ପ୍ରକାଶ କରିଥିଲେ। ଗାଡ଼ି ପାର୍କିଂ ପାଇଁ ଅଧିକ ଯାଗା ଚିହ୍ନଟ କରି ଯାନବାହନ ଚଳାଚଳକୁ ସୁବିଧାଜନକ କରାଯିବ ବୋଲି ସେ କହିଥିଲେ। ବୈଠକରେ, ମେଳା ସମୟରେ ଅଗ୍ନି ନିର୍ବାପକ ବ୍ୟବସ୍ଥା, ପରିଷ୍କାର ପରିଚ୍ଛନ୍ନ, ସ୍ୱାସ୍ଥ୍ୟସେବା ଶିବିର ଓ ଆମ୍ବୁଲାନସ ବ୍ୟବସ୍ଥା, ଯାତ୍ରା ପଡ଼ିଆରେ ଆଲୋକିକରଣ ଓ ପାଣି ସିଂଚନ, ମନ୍ଦିର ସଂଲଗ୍ନ ଅଂଚଳରେ ବାରିକେଟିଂ, ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ, ଜନସାଧାରଣଙ୍କ ନିମନ୍ତେ ଆବଶ୍ୟକ ସୂଚନା ପ୍ରଦାନ ବ୍ୟବସ୍ଥା, ଉଠା ଦୋକାନ ପାଇଁ ସ୍ଥାନ ନିରୂପଣ କରିବା, ପୋଖରୀ ବିଶୋଧନ କରାଯିବା, ମେଳା ପଡ଼ିଆରେ ସିସି ଟିଭି କ୍ୟାମେରା ବ୍ୟବସ୍ଥା, ପୋଲିସ କଣ୍ଟ୍ରୋଲ ରୁମ ସ୍ଥାପନ, ଭଜନ ପରିବେଷଣ ଓ ଭୀମ ଭୋଇଙ୍କ ଜୀବନୀ ଉପରେ ନାଟକ ଆୟୋଜନ ସଂପର୍କରେ ଆଲୋଚନା ହୋଇଥିଲା। ଏହି ବୈଠକରେ ଉପ ଜିଲ୍ଲାପାଳ ତଥା ଦେବୋତର ନିର୍ବାହୀ ଅଧିକାରୀ ବିବୁଧ ଗଡ଼ନାୟକ, ଜିଲ୍ଲା ପରିଷଦର ଅତିରିକ୍ତ ମୁଖ୍ୟ ଉନ୍ନୟନ ଅଧିକାରୀ ଆଶିଷ ରନ ସାହୁ, ବିଡ଼ିଓ ପବିତ୍ର କୁମାର ବେହେରା, ଯୋରନ୍ଦା ସରପଞ୍ଚ ଆରତୀ ନାୟକ, ମଠର ସନ୍ୟାସୀଗଣ, ବିଭାଗୀୟ ଅଧିକାରୀ ଓ ପୋଲିସ କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ।

## ଫେରାର ୩ ଅଭିଯୁକ୍ତ ଗିରଫ

**ଜୟପୁର,୯।୧ ଏକ୍ସପ୍ରେସ୍ ନ୍ୟୁଜ୍**

ନବରଙ୍ଗପୁର ଅଞ୍ଚଳର ଜଣେ ମହିଳାକୁ ବଳତ୍କାର କରି ଲୁଚାଇଥିବା ଅଭିଯୋଗରେ ଫେରାର ଥିବା ୩ଜଣ ଅଭିଯୁକ୍ତଙ୍କୁ ଜୟପୁର ସଦର ପୋଲିସ ଗିରଫ କରି ନବରଙ୍ଗପୁର ମହିଳା କୋର୍ଟକୁ ଚାଲାଣ କରିଛି। ପୋଲିସ ସୂଚନା ଅନୁଯାୟୀ ଗତ ୨୦୦୭ ମସିହାରେ ନବରଙ୍ଗପୁର ଅଞ୍ଚଳର ଜଣେ ମହିଳାଙ୍କୁ ଅପହରଣ କରିଥିବା ସହ ଲୁଚେଇ ନେଇ ନବରଙ୍ଗପୁର ଥାନାରେ ଅଭିଯୋଗ ହୋଇ ମାମଲା ରୁଜୁ ହୋଇଥିଲା। ଏହି ମାମଲାରେ ୩ଜଣ ଅଭିଯୁକ୍ତ ଜୟପୁର ସଦରଥାନା ଅନ୍ତର୍ଗତ ପାଞ୍ଜିଆଗୁଡା ଅଞ୍ଚଳର ଭି. ରାମ କ୍ରୀଷ୍ଣା (୬୫), ଏମ.ବ୍ରହ୍ମାଜି(୫୬) ଓ କେ.ଚିନ୍ନାରାଓ(୪୩)ଙ୍କୁ ଗିରଫ କରି ନବରଙ୍ଗପୁର ମହିଳାକୋର୍ଟକୁ ଚାଲାଣ କରାଯାଇଥିବା ସଦରଥାନା ଅଧିକାରୀ ସଚ୍ଚିନ୍ଦ୍ର ପ୍ରଧାନ ପ୍ରକାଶ କରିଛନ୍ତି।

## ବ୍ଲକସ୍ତରୀୟ ପରିବେଶ ପାଇଁ ଧାରଣୀୟ ଜୀବନ ଶୈଳୀ ପ୍ରଦର୍ଶିତ


**ବେତନଟୀ,୯।୧ ଏକ୍ସପ୍ରେସ୍ ନ୍ୟୁଜ୍**




ବଡସାହି ବ୍ଲକ ସରକାରୀ ଉଚ୍ଚବିଦ୍ୟାଳୟରେ ଓଡ଼ିଶା ସରକାରଙ୍କର ପରିବେଶ ଶିକ୍ଷା କାର୍ଯ୍ୟକ୍ରମ ଓ ଭାରତ ସରକାରଙ୍କର ଜଳବାୟୁ ପରିବର୍ତ୍ତନଙ୍କ ସହାୟତାରେ ପରିବେଶ ଶିକ୍ଷା କେନ୍ଦ୍ର ଓ ଜିଲ୍ଲା ଶିକ୍ଷା ଅଧିକାରୀ ମୟୂରଭଞ୍ଜର ସହଯୋଗରେ ବଡସାହି ସରକାରୀ ଉଚ୍ଚ ବିଦ୍ୟାଳୟରେ ପରିବେଶ ସୁରକ୍ଷା ସମ୍ପର୍କିତ ଜୀବନ ଚର୍ଚ୍ଚା ଉପରେ ବ୍ଲକର ମୋଟ ୨୬ଟି ବିଦ୍ୟାଳୟ ସାତଟି ବିଭାଗର ପରିବେଶ ସୁରକ୍ଷା ସମ୍ବନ୍ଧୀୟ ପ୍ରଦର୍ଶନ କରାଯାଇଥିଲା। ବଡସାହି ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ଅନୁ ସୂୟା ଖମାରୀ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଅଭିରାମ ନାୟକ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ, ମୁଖ୍ୟବକ୍ତା ହରିହର ବେହେରା ପ୍ରଧାନଶିକ୍ଷକ ସିଙ୍ଗଟିଆ ଉଚ୍ଚ ବିଦ୍ୟାଳୟ। ସ୍ୱତନ୍ତ୍ର ଅତିଥି ରବୀନ୍ଦ୍ର କୁମାର ପାଣିଗ୍ରାହୀ, ପ୍ରଧାନ ଶିକ୍ଷକ ମାଧପୁର ଉଚ୍ଚ ବିଦ୍ୟାଳୟ, ସମ୍ମାନିତ ଅତିଥି ପୂର୍ଣ୍ଣଚନ୍ଦ୍ର ସାହୁ ପୂର୍ବତନ ବିଜ୍ଞାନ ସଂଯୋଜକ, ରଣଜିତ୍ ଦାସ ଅବସରପ୍ରାପ୍ତ ଶିକ୍ଷକ, ଦେବରାଜ ନାୟକ ବିଜ୍ଞାନ ଶିକ୍ଷକ ତାଳପଦା ବାଳିକା ଉଚ୍ଚ ବିଦ୍ୟାଳୟ, ନିଗମାନନ୍ଦ ମହାପାତ୍ର ବିଜ୍ଞାନ ଶିକ୍ଷକ ସିଂହଟିଆ ଉଚ୍ଚ ବିଦ୍ୟାଳୟ, ସନ୍ଧ୍ୟାରାଣୀ ସାହୁ ବଡସାହି ଉଚ୍ଚ ବିଦ୍ୟାଳୟ, ନିରୀକ୍ଷକ କୁନ୍ତଳା ମହାନ୍ତ ପ୍ରଧାନ ଶିକ୍ଷକ ରାଣୀ ପୋଖରୀ ଉଚ୍ଚ ବିଦ୍ୟାଳୟ, ଶିଶିର କୁମାର ନାୟକ ବିଜ୍ଞାନ ଶିକ୍ଷକ କୃଷ୍ଣଚନ୍ଦ୍ର ଶିକ୍ଷା ନିକେତନ ଯୋଗ ଦେଇ ଥିଲେ। ଲଳିତ କୁମାର ମହାନ୍ତ ମଞ୍ଚ ପରିଚାଳନା କରିଥିଲେ। ପରିବେଶକୁ ସୁରକ୍ଷା କରାଯାଇପାରିଲେ ଆଗମୀ ପିଢ଼ି ଭବିଷ୍ୟତରେ ସୁରକ୍ଷିତ ରହିପାରିବେ। ବିକାଶ ନାମରେ ବିକାଶ ନ କରି ପରିବେଶ ସଂରକ୍ଷଣ ପାଇଁ ଚେଷ୍ଟା କରିବା ଉଚିତ୍। ପ୍ରତ୍ୟେକ ଛାତ୍ରଛାତ୍ରୀ ଗଛ ଲଗାଇ ବର୍ତ୍ତମାନର ଜଳବାୟୁ ପ୍ରଦୂଷଣ ମୁକ୍ତ କରିବା ପାଇଁ ଶପଥ ନେବା ଉଚିତ୍ ବୋଲି ଅତିଥି ବୃନ୍ଦ ମତ ବ୍ୟକ୍ତ କରିଥିଲେ। ନିରୀକ୍ଷକ ବୃନ୍ଦ ସମସ୍ତ ପ୍ରଦର୍ଶନକୁ ପରିଦର୍ଶନ କରି ଲବ ମହାନ୍ତ ସରକାରୀ ଉଚ୍ଚ ବିଦ୍ୟାଳୟ ସାନକେର୍କେ ପ୍ରଥମ, ରାଜକିଶୋର ବେହେରା ବଡସାହି ଉଚ୍ଚ ବିଦ୍ୟାଳୟ ଦ୍ୱିତୀୟ, ଅନୁଜ ଦେଓବାବୁ ଆଦର୍ଶ ବିଦ୍ୟାଳୟ ତୃତୀୟ ପ୍ରକଳ୍ପକୁ ଜିଲ୍ଲାସ୍ତରୀୟ ପ୍ରଦର୍ଶନୀକୁ ମନୋନୀତ କରାଗଲା। ଅତିଥିବୃନ୍ଦ କୃତୀ ପ୍ରତିଯୋଗୀମାନଙ୍କୁ ପ୍ରମାଣ ପତ୍ର ସହ ପୁରସ୍କାର ପ୍ରଦାନ କରିଥିଲେ। ବଡସାହି ବ୍ଲକର ସମସ୍ତ ବିଦ୍ୟାଳୟର ଇକୋ କ୍ଲବର ଶିକ୍ଷକ ଶିକ୍ଷୟତ୍ରୀମାନେ ଛାତ୍ରଛାତ୍ରୀମାନଙ୍କୁ ପ୍ରଦର୍ଶନୀରେ ସାମିଲ କରିବା ସହିତ ପୂର୍ଣ୍ଣ ସହଯୋଗ କରିଥିଲେ। ବଡସାହି ଉଚ୍ଚ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ଓ କର୍ମଚାରୀ ବୃନ୍ଦ ପୂର୍ଣ୍ଣ ସହଯୋଗ କରୁଥିଲେ। ସର୍ବଶେଷ ରେ କମଳାକାନ୍ତ ରଥ ଧନ୍ୟବାଦ ଅର୍ପଣ କରିଥିଲେ।

## କବିସୂର୍ଯ୍ୟନଗର ବିଜେପି ତିନି ଫାଳ !

**କବିସୂର୍ଯ୍ୟନଗର,୯।୧ ଏକ୍ସପ୍ରେସ୍ ନ୍ୟୁଜ୍**




ଏବେ ବି ହଟିନି ବାବୁଗିରି। ଅଫିସରଙ୍କ ରାଜନୀତି ପାଇଁ କବିସୂର୍ଯ୍ୟନଗର ବ୍ଲକରେ ବିଜେପି ୩ ଫାଳ। ଏଠି କିଏ କରୁଛି ରାଜନୀତି ବୋଲି ଲୋକେ ପ୍ରଶ୍ନ କରୁଥିବା ବେଳେ ଦୁଇ ବିଧାୟକଙ୍କ ମଧ୍ୟରେ ସମନ୍ୱୟ ନରହିବା ଏବଂ ଅଧକ୍ଷ ବିହୀନ ଥିବା ବ୍ଲକରେ ଭାରପ୍ରାପ୍ତ ବ୍ଲକ ଅଧକ୍ଷଙ୍କୁ ଆଉ ବ୍ଲକରେ ଦେଖିବାକୁ ମିଳୁନି। ଏପରିକି ବିଭିନ୍ନ ସରକାରୀ କାର୍ଯ୍ୟକ୍ରମରୁ ମଧ ବ୍ଲକ ଭାରପ୍ରାପ୍ତ ଅଧକ୍ଷ ଦୁରେଇ ରହିବା ଘଟଣାକୁ ନେଇ କବିସୂର୍ଯ୍ୟନଗର ରାଜନୀତିର ଫାଟ ପଦାକୁ ଆସିଲାଣି। ଗୋଟିଏ ପଟେ କର୍ମଚାରୀ ଅଭାବ, ଏପଟେ ଅଧିକାରୀଙ୍କ ଗୋଟିଚାଳନା କବିସୂର୍ଯ୍ୟନଗର ବ୍ଲକରେ ଅଚଳବସ୍ଥା ଦେଖାଦେଲାଣି। ଯାହା ସୂଚନା ମିଳିଛି ସହକାରୀ ଉପ ନିର୍ବାହୀ ଯନ୍ତ୍ରୀ ନିଯୁକ୍ତିକୁ ନେଇ କୁହୁଳୁଥିବା ବିବାଦ ଏବେ ପଞ୍ଚାୟତ ଯନ୍ତ୍ରୀ ଭାଗ ବଣ୍ଟାରେ ଅସନ୍ତୋଷ ଜଳୁଛି। କୁହାଯାଉଛି କବିସୂର୍ଯ୍ୟନଗର ବ୍ଲକରେ ପଞ୍ଚାୟତରେ ଯନ୍ତ୍ରୀ ନିଯୁକ୍ତିକୁ ନେଇ ଦୁଇ ବିଧାୟକଙ୍କ ମଧ୍ୟରେ ଲାଗିଥିବା ଶୀତଳ ଯୁଦ୍ଧ ଏବେ ପୁଣି ଅଧକ୍ଷଙ୍କୁ ଅଣଦେଖା କରି ପଞ୍ଚାୟତରେ ଯନ୍ତ୍ରୀ ନିଯୁକ୍ତି ଦିଆଯାଇଛି। ଯାହାଦ୍ୱାରା ଆସିକା ବିଧାୟକ, କବିସୂର୍ଯ୍ୟନଗର ବିଧାୟକ ଏବଂ ଅଧକ୍ଷଙ୍କ ଗୋଷ୍ଠୀ ମଧ୍ୟରେ ବିଜେପି ତିନି ଫାଳ ହେଲାଣି। ଯାହା କୁହାଯାଉଛି, ୨୧ଟି ପଞ୍ଚାୟତକୁ ନେଇ ଗଠିତ କବିସୂର୍ଯ୍ୟନଗର ବ୍ଲକରେ ଜିଲ୍ଲାପରିଷଦଙ୍କୁ ମିଶାଇ ମୋଟ ୪୫ ଜଣ ନିର୍ବାଚିତ ପ୍ରତିନିଧି ଅଛନ୍ତି। ଆସିକା ନିର୍ବାଚନ ମଣ୍ଡଳୀରେ ୧୨ଟି ପଞ୍ଚାୟତ ଥିବାବେଳେ ୯ଟି ପଞ୍ଚାୟତ କବିସୂର୍ଯ୍ୟନଗର ନିର୍ବାଚନ ମଣ୍ଡଳୀରେ ରହିଛି। ଏଣୁ ଦୁଇ ବିଧାୟକଙ୍କ ବ୍ଲକରେ ଦବଦବା ରହୁଛି। ପଞ୍ଚାୟତ ନିର୍ବାଚନରେ ବିଜେଡି ଅଧକ୍ଷାଙ୍କ ହାତରେ ଥିବା ବ୍ଲକ ସାଧାରଣ ନିର୍ବାଚନରେ ଅଧକ୍ଷାଙ୍କ ଇସ୍ତଫା ପରେ ଅଧକ୍ଷ ପଦବୀକୁ ନେଇ ବିବାଦ ଅଦାଲତରେ ବିଚାରାଧୀନ ରହିଛି ଏଠି ଉପାଧକ୍ଷ ଅଛନ୍ତି ଅଧକ୍ଷ ଦାୟିତ୍ୱରେ। ବିବାଦୀୟ ସ୍ଥିତିକୁ ନେଇ ୪୫ ପ୍ରତିନିଧି ନିଜ ଅଧିକାର, ସ୍ୱାଧୀନତା ହରାଇ ବ୍ଲକ ପିଣ୍ଡା ମାଡୁନଥିବା ଯୋଗୁଁ ମୁରବୀ ଶୁନ୍ୟ ବ୍ଲକରେ ଅଫିସରଙ୍କ ରାଜ ଚାଲିଛି। ଏଠି ରାଜନୀତି ଏତେ ନିମ୍ନସ୍ତରକୁ ଗଲାଣି ଯେ ପଞ୍ଚାୟତରେ ଯନ୍ତ୍ରୀ ନିଯୁକ୍ତି ପାଇଁ ନିଲାମ ଡାକ ପଡ଼ିଲାଣି। ସରକାରୀ ଅନୁଦାନ ଲୁଟିବା ପାଇଁ ଯନ୍ତ୍ରୀଙ୍କୁ ନିଲାମ କରିବା ଘଟଣା ଏବେ ଅଞ୍ଚଳରେ ବେଶ ଚର୍ଚ୍ଚା ଆଲୋଚନା ଚାଲିଛି। ପୂର୍ବ ସରକାରରେ ଯେଉଁ ଅଫିସର ରାଜ ଚାଲିଥିଲା ତାହାକୁ ହଟାଇବାକୁ ବିଜେପି ସରକାର ଆଣିଥିବା ନୂଆ ପଲିସ କବିସୂର୍ଯ୍ୟନଗରରେ କାମ କରୁନଥିବା କୁହାଯାଉଥିବା ବେଳେ ଅଫିସର ରାଜରେ ସରକାରୀ ବାବୁଙ୍କ ହୀନ ରାଜନୀତି କବିସୂର୍ଯ୍ୟନଗରରେ ବିଜେପି ଫଳାଫଳ ହେଉଥିବା ରାଜନୈତିକ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଉଛି। ଏଠି ରାଜ୍ୟ ସରକାରଙ୍କ ବିରୋଧୀ ଦଳ କବିସୂର୍ଯ୍ୟନଗର ବ୍ଲକରେ ବିଜେଡି ଶାସକ ଭାବେ ଥାଇ ମଧ ନେତୃତ୍ୱ ବିହୀନ ସୁଯୋଗ ନେଇ ବିରୋଧୀ ଶୁନ୍ୟ ସରକାରୀ ଦଳକୁ ଭାଗ କରି ରାଜନୀତି କରନ୍ତି ସରକାରୀ ବାବୁ। ଅନ୍ଧକୁ ଦର୍ପଣ ଦେଖାଇ ଚାଲିଛି ଅନ୍ଧାରୀ ଶାସନ। ଆଉ ସେ ଅନ୍ଧାରୀ ଶାସନରେ ବଳି ପଡୁଛନ୍ତି ନିର୍ବାଚିତ ପ୍ରତିନିଧି। କେବେ ହଟିବ ଅନ୍ଧାରୀ ଶାସନ। କେବେ ନିଜ ଅଧିକାର ଓ ସ୍ୱାଧୀନତା ଫେରିପାଇବେ ନିର୍ବାଚିତ ପ୍ରତିନିଧିମାନେ ସେ ସମୟକୁ ଅପେକ୍ଷା।

## ଏଲଆଇସି ଏଜେଣ୍ଟଙ୍କ ଠାରୁ ଲୁଟ୍

**ଭଦ୍ରକ,୯।୧ ଏକ୍ସପ୍ରେସ୍ ନ୍ୟୁଜ୍**

ଚାନ୍ଦବାଲି ଅଞ୍ଚଳରେ ଦିନକୁ ଦିନ ଅପରାଧିଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଖୁଲମ ଖୋଲା ପୋଲିସକୁ ଚ୍ୟାଲେଞ୍ଜ ଦେଉଛନ୍ତି ଦିନ ଦ୍ୱିପହରେ କରୁଛନ୍ତି ଲୁଟ। ବାଂଶଡା ଥାନା ଅଧିନ ଜଣେ ଏଲଆଇସି ଏଜେଣ୍ଟଙ୍କ ଠାରୁ ଲୁଟି ନେଲେ ୩ଲକ୍ଷ ଟଙ୍କା। ସୂଚନା ମୁତାବକ ଚାନ୍ଦବାଲି ବ୍ଲକ ଘେଣ୍ଟଶ୍ୱରର ଏଲଆଇସି ଏଜେଣ୍ଟ ସୁଶାନ୍ତ ପଣ୍ଡା ୩ଲକ୍ଷ ଟଙ୍କା ନେଇ ଚାନ୍ଦବାଲି ଏଲ ଆଇସି ଅଫିସକୁ ଡିପୋଜିଟ କରିବା ପାଇଁ ଯାଉଥିଲେ। ଘେଣ୍ଟଶ୍ୱର-ବୈଦପୋଖରୀ ରାସ୍ତାର ପଲେଇସାହି ଛକ ନିକଟରେ ପଛପଟୁ ଦୁଇ ଜଣ ଡକାୟତ ଆସି ତାଙ୍କୁ ମାଡ ମାରି ରାସ୍ତା କଡକୁ ଫିଙ୍ଗି ଦେଇଥିଲେ। ତା'ସହିତ ଟଙ୍କା ଥିବା ବ୍ୟାଗକୁ ତାଙ୍କ ଠାରୁ ଲୁଟି ଚମ୍ପଟ ମାରିଥିଲେ। ଖବର ପାଇ ବାଂଶଡା ଥାନାଧିକାରୀ ଘଟଣାସ୍ଥଳରେ ପହଂଚି ଛାନଭିନ ଜାରି ରଖିଛନ୍ତି ।

## ଆଭ୍ରୋ ଇଣ୍ଡିଆ ଲିମିଟେଡ - ଅପଚୟ ପ୍ଲାଷ୍ଟିକର ପୁନଃଚକ୍ରଣ

**ଭୁବନେଶ୍ୱର,୯।୧ ଏକ୍ସପ୍ରେସ୍ ନ୍ୟୁଜ୍**



୨୦୦୨ ମସିହାରେ ପ୍ରତିଷ୍ଠିତ, ଆଭ୍ରୋ ଇଣ୍ଡିଆ ଲିମିଟେଡ୍ ସାରା ଭାରତରେ ଘର, ବ୍ୟବସାୟ ଏବଂ ପ୍ରତିଷ୍ଠାନଗୁଡ଼ିକୁ ସ୍ଥାୟୀ, ଉଚ୍ଚ-ଗୁଣବତ୍ତା ଏବଂ ସୁଲଭ ପ୍ଲାଷ୍ଟିକ୍-ମୋଲ୍ଡେଡ୍ ଫର୍ଣ୍ଣିଚର ପ୍ରଦାନ କରିଆସିଛି। କମ୍ପାନୀଟି ଦେଶବ୍ୟାପୀ ପ୍ରସିଦ୍ଧି ଲାଭ କରୁଛି ଏବଂ ଏନଏସଇ ଏବଂ ବିଏସଇ ଉଭୟରେ ତାଲିକାଭୁକ୍ତ। ଐତିହାସିକ ଭାବରେ, କଷ୍ଟକର ପ୍ରକ୍ରିୟାକରଣ ପ୍ଲାଷ୍ଟିକ୍ ଅପଚୟ ଯେପରିକି ସିମେଣ୍ଟ ବ୍ୟାଗ, ଲୁଣ ବ୍ୟାଗ, ଚିନି ବ୍ୟାଗ, ପୁଟି ବ୍ୟାଗ ଏବଂ କାଲସାଇଟ୍ ପ୍ୟାକେଜିଂକୁ ବହୁଳ ଭାବରେ ଅଣପୁନଃଚକ୍ରଣୀୟ ବୋଲି ବିବେଚନା କରାଯାଉଥିଲା ଏବଂ ଏହାକୁ ଅଣସଂଗଠିତ କ୍ଷେତ୍ର ଦ୍ୱାରା ଡାଉନସାଇକେଲ୍ କିମ୍ବା ପରିଚାଳିତ କରାଯାଉଥିଲା। ତିନି ବର୍ଷରୁ ଅଧିକ ସମୟ ଧରି ଘନିଷ୍ଠ ଗବେଷଣା, ପରୀକ୍ଷଣ ଏବଂ ପ୍ରଯୁକ୍ତିବିଦ୍ୟା ନବସୃଜନ ପରେ, ଆଭ୍ରୋ ଏକ ମାଲିକାନା ପ୍ରଣାଳୀ ବିକଶିତ କରିଛି ଯାହା ଏପରି ଜଟିଳ ପ୍ଲାଷ୍ଟିକ୍ ଅପଚୟକୁ ସ୍କେଲରେ ଅପସାଇକେଲ୍ କରିପାରିବ, ଯାହା ଭାରତରେ ସୃଷ୍ଟି ହେଉଥିବା ପ୍ରାୟ ୧ ନିୟୁତ ମେଟ୍ରିକ୍ ଟନ୍ (ଏମଟିପିଏ)ର ଦାୟିତ୍ୱପୂର୍ଣ୍ଣ ପ୍ରକ୍ରିୟାକରଣକୁ ସକ୍ଷମ କରିଥାଏ। ଏହି ସୁବିଧାରେ ଉତ୍ପାଦିତ ପୁନଃଚକ୍ରିତ ଦାନାଗୁଡିକ ପ୍ଲାଷ୍ଟିକ୍ ଫର୍ଣ୍ଣିଚର, ଏୟାର କୁଲର୍, ୱାସିଂ ମେସିନ୍, ଅଟୋମୋଟିଭ୍ ଉପାଦାନ ଏବଂ ଅନ୍ୟାନ୍ୟ ଶିଳ୍ପ ଏବଂ ଗ୍ରାହକ ପ୍ରୟୋଗ ସମେତ ଉଚ୍ଚମୂଲ୍ୟର ଶେଷ ଉତ୍ପାଦ ନିର୍ମାଣରେ ସମ୍ପୂର୍ଣ୍ଣ ଭାବରେ ବ୍ୟବହୃତ ହୁଏ। କମ୍ପାନୀ ତିନି ବର୍ଷର ଗ୍ୟାରେଣ୍ଟି ଦ୍ୱାରା ସମର୍ଥିତ ଏକ ବିବିଧ ଉତ୍ପାଦ ପରିସର ଉତ୍ପାଦନ କରେ, ଯାହା ଘର ଭିତର ଏବଂ ବାହାର ଉଭୟ ପ୍ରୟୋଗ ପାଇଁ ସ୍ଥାୟୀତ୍ୱ ଏବଂ ପାଣିପାଗ ପ୍ରତିରୋଧକୁ ସୁନିଶ୍ଚିତ କରେ। ଏହାର ପ୍ରମୁଖ ପ୍ରତିଯୋଗିତାମୂଳକ ସୁବିଧା ଏକ ଉଚ୍ଚମୂଲ୍ୟ-ପ୍ରଭାବଶାଳୀ ମୂଲ୍ୟ ରଣନୀତିରେ ରହିଛି, ଯାହାର ଉତ୍ପାଦଗୁଡିକ ଜାତୀୟ ଏବଂ ପ୍ରତିଷ୍ଠିତ ବ୍ରାଣ୍ଡ ତୁଳନାରେ ପ୍ରାୟ ୪୦% କମ୍ ମୂଲ୍ୟରେ ଉପଲବ୍ଧ, ଯାହା କମ ଓଭରହେଡ୍ ଏବଂ କାର୍ଯ୍ୟକ୍ଷମ ଦକ୍ଷତା ଦ୍ୱାରା ଚାଳିତ।

## ପଞ୍ଚାୟତ ସିମତିର ସାଧାରଣ ବୈଠକ

**କଟକ,୯।୧ ଏକ୍ସପ୍ରେସ୍ ନ୍ୟୁଜ୍**

କଟକ ସଦର ପଞ୍ଚାୟତ ସମିତି ପକ୍ଷରୁ ଅଧକ୍ଷା ଭାଗ୍ୟଲକ୍ଷ୍ମୀ ରାଉତଙ୍କ ଅଧକ୍ଷତାରେ ଗୁରୁବାର ସମିତି ସଭାଗୃହରେ ଅଷ୍ଟମ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ମୁଖ୍ୟଅତିଥି ଭାବେ କଟକ ସଦର ବିଧାୟକ ଇଂ ପ୍ରକାଶ ସେଠୀ ଯୋଗ ଦେଇଥିବା ବେଳେ ୨୩ଟି ପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟ-ସଭ୍ୟାମାନେ ଯୋଗଦେଇ ପଞ୍ଚାୟତବାସୀଙ୍କ ବିଭିନ୍ନ ସମସ୍ୟାକୁ ଉପସ୍ଥାପନା କରିଥିଲେ । ସେଥିମଧରେ ଶିକ୍ଷା, କୃଷି, ସ୍ୱାସ୍ଥ୍ୟ, ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ଓ ପରିମଳ, ମହିଳା ଶିଶୁ ବିକାଶ, ସାଧାରଣ ବଣ୍ଟନ ବ୍ୟବସ୍ଥା, ସାମାଜିକ ସୁରକ୍ଷା, ଗ୍ରାମ୍ୟ ଉନ୍ନୟନ ଏବଂ ଉନ୍ନୟନ ମୂଳକ ଯୋଜନା ଉପରେ ଆଲୋଚନା କାଯାଇଥିଲା । ଏତଦ୍‌ବ୍ୟତୀତ ବିଜେଡିର ସରପଞ୍ଚ ଓ ସମିତିସଭ୍ୟମାନଙ୍କୁ ସର୍ବଦା ଅଣଦେଖା କରାଯାଉଥିବା ବେଳେ ବାର୍ଦ୍ଧକ୍ୟ ଭତାକୁ ନେଇ ବିଭିନ୍ନ ପଞ୍ଚାୟତରେ ଲୋକମାନେ ନାହିଁନଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି ବୋଲି ପଞ୍ଚାୟତର ପ୍ରତିନିଧିମାନେ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହି ବାର୍ଦ୍ଧକ୍ୟଜନିତ ଭତା ଆସନ୍ତା ପଞ୍ଚାୟତ ନିର୍ବାଚନ ପୂର୍ବରୁ ୧ ହଜାର ଟଙ୍କା ପରିବର୍ତ୍ତେ ୩ ହଜାର ଟଙ୍କା ବର୍ଦ୍ଧିତ ଆକାରରେ ପ୍ରଦାନ କରାଯିବ ବୋଲି ବିଧାୟକ ଇଂ ସେଠୀ ଘୋଷଣା କରିଥିଲେ । ଏଥିସହିତ ବ୍ଲକ ଅଧକ୍ଷାଙ୍କ ନବୀକରଣ ହୋଇଥିବା କାର୍ଯ୍ୟାଳୟକୁ ବିଧାୟକ ଇଂ ସେଠୀ ଉଦଘାଟନ କରିଥିଲେ । ଏହି ବୈଠକରେ ବ୍ଲକ ଉନ୍ନୟନ ଅଧିକାରୀ ପ୍ରତୀକ ସାହୁ, ଏବିଡିଓ ଗିରିଜା ପ୍ରସାଦ ବାରିକ, ଜିଲ୍ଲା ପରିଷଦ ଉପାଧକ୍ଷା ସୁଭଦ୍ରା ଦାଶ, ଜିଲ୍ଲା ପରିଷଦ ସଭ୍ୟ ପ୍ରଦୀପ୍ତ ମାହାଳୀ, ବ୍ଲକ ଉପାଧକ୍ଷା ଅମ୍ବିକା ପାତ୍ର, ବ୍ଲକ ସହକାରୀ ଯନ୍ତ୍ରୀ ଶୁଭସ୍ମିତା ନାଥଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ମାନେ ଉପସ୍ଥିତ ଥିଲେ ।

## ଶୀତ ମହୋତ୍ସବ 'ତୁଷାର' ନେଇ ପ୍ରସ୍ତୁତି



**ଘୁ.ଉଦୟଗିରି,୯।୧ ଏକ୍ସପ୍ରେସ୍ ନ୍ୟୁଜ୍**

ଘୁ.ଉଦୟଗିରି ଶୀତ ମହୋତ୍ସବ ୨୦୨୬ 'ତୁଷାର'ର ସଭାପତି ଜ୍ଞାନଚନ୍ଦ୍ର ପ୍ରଧାନଙ୍କ ଅଧକ୍ଷତାରେ ଗୁରୁବାର ପଞ୍ଚାୟତ ସମିତି ପ୍ରେକ୍ଷାଳୟରେ ଘୁ.ଉଦୟଗିରିର ଏନଏସି ଓ ବ୍ଲକ ଅଞ୍ଚଳର ବୁଦ୍ଧିଜୀବିମାନଙ୍କୁ ନେଇ ଏକ ସର୍ବସାଧାରଣ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ବୈଠକରେ ସମସ୍ତେ ଏକ ହୋଇ ଶୀତ ମହୋତ୍ସବ ଆନନ୍ଦ ଉଲ୍ଲାସରେ କରିବା ନେଇ ନିଷ୍ପତ୍ତି ହୋଇଥିଲା। ସର୍ବ ସମ୍ମତିକ୍ରମେ ସବୁ ବର୍ଗର ପ୍ରତିନିଧିମାନଙ୍କୁ ନେଇ ଏକ ପୂର୍ଣ୍ଣାଙ୍ଗ କମିଟି ଗଠନ କରାଯାଇଥିବା ବେଳେ ଏହି ମହୋତ୍ସବ ଆସନ୍ତା ଫେବୃୟାରୀ ୩ରୁ ୭ ତାରିଖ ପର୍ଯ୍ୟନ୍ତ ପାଞ୍ଚ ଦିନ ଧରି ଚାଲିବାକୁ ସ୍ଥିର ହେଲା। ଏହି ମହୋତ୍ସବର ରୁପରେଖ କିପରି ହେବ ଏବଂ ସଫଳତାର ସହ କିପରି ସମ୍ପର୍ଣ୍ଣ ହେବ ସେ ନେଇ ଉପସ୍ଥିତ ଥିବା ବୁଦ୍ଧିଜୀବୀମାନେ ମତାମତ ରଖିଥିଲେ। ଆୟୋଜିତ ବୈଠକରେ ବିଡିଓ ସତ୍ୟନାରାୟଣ ମିଶ୍ର, ତହସିଲଦାର ରଞ୍ଜନ କୁମାର ସାହୁ, ଉପଖଣ୍ଡ ପୋଲିସ ଅଧିକାରୀ ବିଜୟ କୁମାର ବିଶି, ଏନଏସି ଅଧିକାରୀ ଆଶୁତୋଷ ଗୌରବ କରଙ୍କ ସମେତ ବ୍ଲକ ଅଧକ୍ଷା ସୁଷମା ପ୍ରଧାନ, ଉପାଧକ୍ଷ ଏନ.ଲୁକ, ଏନଏସି ଅଧକ୍ଷା ଦେବସ୍ମିତା ଶତପଥି, ଉପାଧକ୍ଷ ସନ୍ତୋଷ କୁମାର ବାଘ, ଜିଲ୍ଲା ପରିଷଦ ସଭ୍ୟା ଲିଲିମା ପ୍ରଧାନ, ଶୀତ ମହୋତ୍ସବ କମିଟି ସଭାପତି ଜ୍ଞାନଚନ୍ଦ୍ର ପ୍ରଧାନ, ସାଧାରଣ ସମ୍ପାଦକ ମହମ୍ମଦ ଜିଆଉଦ୍ଦିନ ଅହମ୍ମଦ, ଅବସରପ୍ରାପ୍ତ ସାମ୍ବାଦିକ ଶିଶିର କୁମାର ପଟ୍ଟନାୟକ ପ୍ରମୁଖ ମଞ୍ଚାସିନ ଥିବାବେଳ ଆଠ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ/ସଭ୍ୟା, ଏନଏସିର କାଉନସିଲର ବୃନ୍ଦ, ଅଗ୍ନିଶମ କର୍ମଚାରୀ, ଗଣମାଧ୍ୟମ ପ୍ରତିନିଧି ଏବଂ ସ୍ଥାନୀୟ ବୁଦ୍ଧିଜୀବି ଉପସ୍ଥିତ ଥିଲେ।

## ବିଭାଜନସ୍ତରୀୟ ପାଣି ପଞ୍ଚାୟତ ପକ୍ଷ

**ନିମାପଡ଼ା:ଏକ୍ସପ୍ରେସ୍ ନ୍ୟୁଜ୍**



ନିମାପଡ଼ା ଜଳସମ୍ପଦ ବିଭାଗ ପକ୍ଷରୁ ବିଭାଜନସ୍ତରୀୟ ପାଣିପଞ୍ଚାୟତ ପକ୍ଷ ପାଳନ ଉତ୍ସବ ଗୁରୁବାର ପୂର୍ବାହ୍ନରେ ବିଭାଗୀୟ ଅଧିକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଜଳ ସମ୍ପଦ ବିଭାଗ ଓଡିଶା ସରକାରଙ୍କ ତରଫରୁ ବାର୍ଷିକ ପାଣି ପଞ୍ଚାୟତ ପକ୍ଷ ରାଜ୍ୟରେ ୬ ଜାନୁୟାରୀ ୨୦୨୬ ଠାରୁ ୨୦ ଜାନୁୟାରୀ ୨୬ ପର୍ଯ୍ୟନ୍ତ ପାଳନ କରାଯାଉଥିବା ବେଳେ ନିମାପଡା ଜଳସେଚନ ବିଭାଜନ ଠାରେ ବିଭାଜନସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ମହା ସମାରୋହରେ ପାଳନ କରାଯାଇଅଛି । କାର୍ଯ୍ୟକ୍ରମରେ ଏନଏସି ସାଂସଦ ପ୍ରତିନିଧି ମୀନଲତା ମହାନ୍ତି ମୁଖ୍ୟଅତିଥି, ବ୍ଲକ ସାଂସଦ ପ୍ରତିନିଧି ପୂର୍ଣ୍ଣଚନ୍ଦ୍ର ଓଝା ମୁଖ୍ୟବକ୍ତା, ସମ୍ମାନୀୟ ଅତିଥି ଭାବେ ଏନଏସି ଅଧକ୍ଷା ସସ୍ମିତା ସାହୁ ଯୋଗଦେଇଥିଲେ। ଏହି ସମାରୋହରେ ପ୍ରବନ୍ଧ, ବକ୍ତୃତା, ଚିତ୍ରାଙ୍କନ, କୁଇଜ ଓ ପ୍ରଦର୍ଶନୀରେ ୧ମ, ୨ୟ ଏବଂ ୩ୟ ସ୍ଥାନ ଲାଭକରିଥିବା ୧୫ଜଣ କୃତୀ ପ୍ରତିଯୋଗୀମାନଙ୍କୁ ଯଥାକ୍ରମେ ୨୫୦୦, ୨୦୦୦ ଓ ୧୫୦୦ଟଙ୍କା ଧନରାଶି ସହ ମାନପତ୍ର ପ୍ରଦାନ କରାଯାଇ ସମ୍ମାନିତ କରଯାଇଥିଲା। ଉପସ୍ଥିତ ଅତିଥିମାନେ ପାଣି ପଞ୍ଚାୟତର ଉଦ୍ଦେଶ୍ୟ, ସମନ୍ୱିତ କୃଷି, ପାଣିର ସୁବଣ୍ଟନ ବିଷୟରେ ବୁଝାଇଥିଲେ ଏବଂ ସହଭାଗୀ ଜଳସେଚନ ପରିଚାଳନା ନିମିତ୍ତ ଶପଥ ପାଠ କରାଇଥିଲେ। ସମାରୋହରେ ୨୫୦ରୁ ଉର୍ଦ୍ଧ୍ୱ ପାଣି ପଞ୍ଚାୟତ ସଦସ୍ୟ ଯୋଗଦେଇଥିଲେ। ଜିଲ୍ଲାସ୍ତରୀୟ ଓ ରାଜ୍ୟସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ସମାରୋହ ଯଥାକ୍ରମେ ୧୩ ଏବଂ ୨୦ ଜାନୁୟାରୀରେ ପାଳିତ ହେବ ବୋଲି ଅଧୀକ୍ଷଣ ଯନ୍ତ୍ରୀ ପ୍ରୀତମ୍ ଚେତନ ପୋଥାଳ ସୂଚନା ଦେଇଥିଲେ। ନିମାପଡା ଜଳସେଚନ ବିଭାଜନ ଅନ୍ତର୍ଗତ କୃଷି ସମ୍ବନ୍ଧିତ ବିଭିନ୍ନ ଅଧିକାରୀ, ଜନପ୍ରତିନିଧି, ପାଣି ପଞ୍ଚାୟତର ପଦାଧିକାରୀ ଏବଂ ଶତାଧିକ ସଦସ୍ୟମାନେ ଯୋଗଦେଇଥିବା ବେଳେ ଜଳ ସମ୍ପଦ ବିଭାଗର ବଳଙ୍ଗା, ଗୋପ, ବାଲିପାଟଣା ଏସଡ଼ିଓ ପ୍ରମୁଖ ଉପସ୍ଥିତ ଥିଲେ। ନିମାପଡ଼ା ଜଳସେଚନ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ଶକ୍ତିପ୍ରସାଦ ଦାଶ, ସହକାରୀ ଯନ୍ତ୍ରୀ ଉମାକାନ୍ତ ବେହେରା, ହେମାମାଳିନୀ ପତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ପାଣି ପଞ୍ଚାୟତ ସମ୍ବନ୍ଧୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ସ୍ଥାନୀୟ କଳାକାରମାନଙ୍କ ଦ୍ୱାରା ପରିବେଷଣ କରାଯାଇଥିଲା।

# ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ

ଭୁବନେଶ୍ୱର | ପୃଷ୍ଠା : ୭

● ୧୦ ଜାନୁଆରୀ ୨୦୨୬ ● ଶନିବାର


## ପ୍ରଦୂଷଣ ବଢୁଛି: ବଦଳୁଛି ଗଛପତ୍ରର ରଙ୍ଗ

ବାଙ୍କୀ:ଏକ୍ସପ୍ରେସ୍ ନ୍ୟୁଜ୍

ଦିନକୁ ଦିନ ବାୟୁ ପ୍ରଦୂଷଣ ଗମ୍ଭୀର ରୂପ ଧାରଣ କରୁଥିବା ବେଳେ ପ୍ରବଳମାତ୍ରାରେ କୁହୁଡ଼ି ଓ ଅସଂଖ୍ୟ ଯାନବାହନ ଚଳାଚଳ ଯୋଗୁଁ ସମସ୍ୟା ଦେଖିବାକୁ ମିଳୁଛି। ଏହି ପରିପ୍ରେକ୍ଷୀରେ ଗଛପତ୍ରର ରଙ୍ଗ ସବୁଜ ଦେଖାଯିବା ବଦଳରେ ଦିନକୁ ଦିନ ଧୂସର ଦେଖାଯାଉଛି। ଏହା ଫଳରେ ଗଛର ଖାଦ୍ୟ ତିଆରି ପରିମାଣ କମୁଛି ଓ ଗଛ ଦୁର୍ବଳ ହେଉଛି ବୋଲି ପରିବେଶବିତ୍ ପ୍ରକୃତି ବନ୍ଧୁ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର ପ୍ରକାଶ କରିଛନ୍ତି। ବାଙ୍କୀ-କଟକ -କଳାପଥର ରାସ୍ତାଘାଟ କଡରେ ଥିବା ଛୋଟବଡ ଗଛର ପତ୍ର ସବୁ ଦିନକୁ ଦିନ ଧୂସର ଓ ହଳଦିଆ ରଙ୍ଗ ହେବାରେ ଲାଗିଛି। ବିଶେଷ କରି ଯାନବାହାନ ଓ ବିଭିନ୍ନ ନିର୍ମାଣ କାର୍ଯ୍ୟ ଯୋଗୁଁ ଧୂଳି ଆସି ଗଛପତ୍ରରେ ଜମାଟ ବାନ୍ଧିବା ଫଳରେ ପ୍ରଦୂଷଣରେ କଣିକା ପଦାର୍ଥ, ସଲଫର୍ ଡାଇଅକ୍ସାଇଡ୍, ନାଇଟ୍ରୋଜେନ ଆଦି ରାସାୟନିକ ଅଣୁ ଯୋଗୁଁ ପତ୍ରଗୁଡିକ ଉପରେ ଆସ୍ତରଣ କରିକଦେଉଛି। ବିଶେଷ କରି ପତ୍ରରେ ଏହି ସବୁ ଆସ୍ତରଣ ଯୋଗୁଁ ସୂର୍ଯ୍ୟକିରଣ ପାଇବାରୁ ଗଛ ବଞ୍ଚିତ ହେଉଛି। ଫଳରେ ଗଛରେ ଖାଦ୍ୟ ଉତ୍ପାଦନ ପରିମାଣ କମି ଯାଉଛି। ଗଛର ଫୁଲଫଳ ଧରିବା କ୍ଷମତା କମିବା ସହିତ ଗଛ ଦୁର୍ବଳ ହୋଇ ପଡୁଛି ବୋଲି ପ୍ରକୃତି ବନ୍ଧୁ ପ୍ରାଧ୍ୟାପକ ମହାପାତ୍ର ପ୍ରକାଶ କରିଛନ୍ତି। ରାସ୍ତାକଡର ବୃକ୍ଷରେ ଧୂଳିର ଆସ୍ତରଣ ଯୋଗୁଁ ସେମାନଙ୍କର ଖାଦ୍ୟ ପ୍ରସ୍ତୁତି କମିବା ଫଳରେ ଗଛ ବେଶିଦିନ ବଞ୍ଚି ପାରିବ ନାହିଁ। ସରକାରଙ୍କ ପକ୍ଷରୁ ଏହି ଧୂଳିକୁ କମେଇବା ପାଇଁ ପ୍ରତିଦିନ ରାସ୍ତା ଓ ଗଛରେ ପାଣି ସିଞ୍ଚନ କରାଗଲେ ପ୍ରଦୂଷଣ କମିବା ସହିତ ଗଛର ସୁରକ୍ଷା ହୋଇପାରିବ ବୋଲି ପରିବେଶବିତ୍‌ମାନେ ଅନୁରୋଧ କରିଛନ୍ତି।

## ଶିଶୁ କନ୍ୟାର ଅସ୍ୱାଭାବିକ ମୃତ୍ୟୁ

କଳିଙ୍ଗନଗର:ଏକ୍ସପ୍ରେସ୍ ନ୍ୟୁଜ୍

କଳିଙ୍ଗନଗର ଥାନା ଅନ୍ତର୍ଗତ ଗୋଲାଗାଁ ଗ୍ରାମରେ ଘଟିଥିବା ଏକ ହୃଦୟବିଦାରକ ଘଟଣା ସମଗ୍ର ଅଞ୍ଚଳକୁ ସ୍ତବ୍ଧ କରିଦେଇଛି। କେବଳ ୩ ଦିନର ଏକ ଶିଶୁ କନ୍ୟାର ଅସ୍ୱାଭାବିକ ମୃତ୍ୟୁ ଘଟିଥିବା ନେଇ କଳିଙ୍ଗନଗର ଥାନାରେ ଅସ୍ୱାଭାବିକ ମୃତ୍ୟୁ ମାମଲା ରୁଜୁ ହୋଇଛି। ଉକ୍ତ ସାହୁ ପିତା-ଗୋପାନାଥ ସାହୁ ଗୋଲାଗାଁର ବାସିନ୍ଦାଙ୍କ ଲିଖିତ ଅଭିଯୋଗ ଆଧାରରେ ଅପମୃତ୍ୟୁ ମାମଲା ଯାହାର କେସ ନଂ-୦୧/୨୦୨୬ ରୁଜୁ କରାଯାଇଛି। ପୋଲିସ ପକ୍ଷରୁ ମୃତ ଶିଶୁର ପଞ୍ଚନାମା ସମ୍ପନ୍ନ କରାଯାଇ ପୋଷ୍ଟମର୍ଟମ ରିପୋର୍ଟ ପାଇଁ ମୃତଦେହକୁ ଯାଜପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି। ପୋଷ୍ଟମର୍ଟମ ରିପୋର୍ଟ ଆସିବା ପରେ ମୃତ୍ୟୁର ସଠିକ କାରଣ ସ୍ପଷ୍ଟ ହେବ ବୋଲି କଳିଙ୍ଗନଗର ପୋଲିସ ଅଧିକାରୀ ପ୍ରକାଶ ସାହୁ ପ୍ରକଶ କରିଛନ୍ତି।

## ଫେବୃୟାରୀ ୨ରୁ ୪ ପର୍ଯ୍ୟନ୍ତ ଝଲସିବ ପାଟଣେଶ୍ୱରୀ ମନ୍ଦିର

ବଲାଙ୍ଗିର:ଏକ୍ସପ୍ରେସ୍ ନ୍ୟୁଜ୍

ବଲାଙ୍ଗିର ଇଷ୍ଟଦେବୀ ମାଁ ପାଟଣେଶ୍ୱରୀ ମନ୍ଦିର ୧୫୦ ବର୍ଷ ପୂର୍ତ୍ତି ଅବସରରେ ଦେବାଳୟ ଐତିହ୍ୟ ଟ୍ରଷ୍ଟ ପକ୍ଷରୁ ମହୋତ୍ସବ ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ଜୋରଶୋରରେ ଚାଲିଥିବା ବେଳେ ଆସନ୍ତା ଫେବୃୟାରୀ ୨ରୁ ୪ ପର୍ଯ୍ୟନ୍ତ ପାଟଣେଶ୍ୱରୀ ମହୋତ୍ସବ ଆୟୋଜିତ ହେବ। ଏହି ଉଦ୍ଦେଶ୍ୟରେ ରାଜପୁରୋହିତ ସନ୍ତୋଷ କୁମାର ଦାଶ ମାଁ ପାଟଣେଶ୍ୱରୀ ରାଶି ନକ୍ଷତ୍ର ଓ ମହାରାଜାଙ୍କ ରାଶିନକ୍ଷତ୍ରରେ ଏ ଦିନ ଧାର୍ଯ୍ୟ ହୋଇଥିଲା। ମାଁ ପାଟଣେଶ୍ୱରୀ ମନ୍ଦିର ପରିସରରେ ଶୁଭଖୁଣ୍ଟ ସ୍ଥାପନ କରାଯାଇଥିଲା। ପ୍ରଥମେ ମାଁ ପାଟଣେଶ୍ୱରୀ ଦେବୀଙ୍କ ଗୁପ୍ତପୂଜା କରି ଆଜ୍ଞାମାଳ ଅଣାଯାଇଥିଲା। ବେଦମନ୍ତ୍ର ଓ ଡାକରେ ପୂଜା ଆୟୋଜିତ ହୋଇଥିଲା। ପୂଜା ରେ କର୍ଣ୍ଣଧାରୀପଦ ଗାଙ୍ଗାବାରା ସାଂସଦ ନାଗେନ୍ଦ୍ର ବିଶି, ପୌରାଧ୍ୟକ୍ଷ ଲିଳା ସାହୁ, ଡ. ବୃନ୍ଦ ନାରାୟଣ ପଣ୍ଡେ, ଦେବାଳୟ ଐତିହ୍ୟ ଟ୍ରଷ୍ଟ ସଭାପତି ଜୟକୃଷ୍ଣ ମିଶ୍ର ଓ ତାଙ୍କ ଧର୍ମପତ୍ନୀ ଅନିତା ମିଶ୍ର ସଂକଳ୍ପ ନେଇଥିଲେ। ପଣ୍ଡିତ ସନ୍ତୋଷ କୁମାର ଦାଶ, ପଣ୍ଡିତ ରଘୁନାଥ ଶତପଥୀ, ଅମାତ ତ୍ରିପାଠୀ, ମନ୍ଦିର ପୂଜକ ମହେନ୍ଦ୍ର ମିଶ୍ର ବେଦମନ୍ତ୍ର ଉଚ୍ଚାରଣ କରି ପୂଜା ବିଧି ସମ୍ପାଦନ କରିଥିଲେ। ଲଗ୍ନ ଅନୁସାରେ ଘ.୧୧.୩୦ ମି.ରେ ଶୁଭଖୁଣ୍ଟ ସ୍ଥାପନ କରି ରାଜପୁରୋହିତ ପୂଜାର୍ଚ୍ଚନ କରିଥିଲେ। ଆଗାମୀ ଦିନରେ ୬୦୦ରୁ ଊର୍ଦ୍ଧ୍ୱ ମନ୍ଦିରକୁ ମାଁଙ୍କ ନିୟତା ନିଜ ବୋଲି କମିଟି ପକ୍ଷରୁ ନିଷ୍ପତ୍ତି ନିଆଯାଇଥିଲା। ସୁରେନ୍ଦ୍ର କୁମାର ନେଗୀ, ଅଶ୍ୱିନୀ କୁମାର ପଟ୍ଟନାୟକ, ଦିନେଶ କୁମାର ମିଶ୍ର, ବିଷ୍ଣୁ ସାହୁ, ଶମ୍ଭୁ ଶତପଥୀ, ମୁନା ପଟ୍ଟନାୟକ, ଲଳିତ ପୁଜାରୀ, ଅରୁଣ କୁମାର ମିଶ୍ର, ରାଉରାଜ ପୁରୋହିତ, ପ୍ରକାଶ ବରେଇ, ଆଶିଷ ମେହେର, ବିଶ୍ୱଜିତ ନାଗ, ବାବୁଲି ନାଏକ, ସଂଗୀତା ଦାଶ, ପ୍ରଜ୍ଞା ମିଶ୍ର ସମେତ ସହରର ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା ଯୋଗ ଦେଇଥିଲେ। ଶେଷରେ ପ୍ରଶାନ୍ତ ମହାନ୍ତ ଧନ୍ୟବାଦ ଦେଇଥିଲେ।

## ପୁସ୍ତକମେଳା ଚତୁର୍ଥ ସନ୍ଧ୍ୟାରେ ହାସ୍ୟ କବିତା ଆସର



କେନ୍ଦ୍ରାପଡ଼ା:ଏକ୍ସପ୍ରେସ୍ ନ୍ୟୁଜ୍

କେନ୍ଦ୍ରାପଡା ଇଭେଣ୍ଟ ମ୍ୟାନେଜର୍ସ (କେମ) ଦ୍ୱାରା ଆୟୋଜିତ କେନ୍ଦ୍ରାପଡା ସହରସ୍ଥ ଫେଲିକ୍ସ ପଡିଆରେ ଚାଲିଥିବା ଦ୍ୱାଦଶ ଗାଦ୍ୱାଡ଼ ପୁସ୍ତକମେଳାର ଚତୁର୍ଥ ସନ୍ଧ୍ୟାରେ ହାସ୍ୟ କବିତା ଆସର ଅନୁଷ୍ଠିତ ହୋଇଯାଇଛି। ଏଥିରେ 'କେମ'ର ସଭାପତି ଅକ୍ଷୟ ପାଣି ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ଦେଇଥିଲେ। ଡକ୍ଟର କୁଳମଣି ସାମଲ ସଂଯୋଜନା କରିଥିବା ଏହି ବିଶିଷ୍ଟ ହାସ୍ୟକବି ସମ୍ମାନୀତ, କୋଇଲାସ 'ଏକ୍ସପ୍ରେସ୍ ବ୍ରଜ ସୁବୁଦ୍ଧି, ଶ୍ରୀଶ୍ରୀ ଦୁର୍ଗାଭିଆ, ଶ୍ରୀମାନ ଧର୍ମାନ୍ଧୁରୀ, ଡ. ରମାକାନ୍ତ ମହାପାତ୍ର ଓ ଅନ୍ୟମାନେ ପ୍ରମୁଖ ବାଙ୍ଗ କବିତା ପରିବେଷଣ କରିଥିଲେ। ଏହି କାର୍ଯ୍ୟକ୍ରମରେ କେନ୍ଦ୍ରାପଡା ବିଧାୟକ ଗଣେଶ୍ୱର ବେହେରା ଓ ସହରର ବହୁ ଦର୍ଶକ ଉପସ୍ଥିତ ରହି ହାସ୍ୟକବିତାକୁ ଉପଭୋଗ କରିଥିଲେ। ଏଥି ସହିତ ପୁସ୍ତକ କିଣିବାକୁ ପାଠକଙ୍କ ଭିଡ ପରିଲକ୍ଷିତ ହୋଇଥିଲା।

ସେହିପରି ଅପରାହ୍ନରେ ନେତାଜୀ ମଞ୍ଚରେ ସ୍କୁଲ ପକ୍ଷରୁ ସାଂସ୍କୃତିକ ଚିତ୍ରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ନେତାଜୀ ମଞ୍ଚର ସ୍କୁଲର ଅଧକ୍ଷ ଅଜୟ କୁମାର ପୁଷ୍ଟିଙ୍କ ଅଧକ୍ଷତାରେ କେମର ସଭାପତି ଅକ୍ଷୟ ପାଣି, ସମ୍ପାଦକ ଏମ୍‌ଡି ଜାହିଦ ଖାନ, ଶିକ୍ଷାନାରାୟଣ ସାମଲ ସମ୍ମାନୀତ ଅତିଥି ଯୋଗଦେଇ ପିଲାମାନଙ୍କୁ ଜ୍ଞାନର ଲକ୍ଷ୍ୟସ୍ଥଳରେ ପହଞ୍ଚିବା ପାଇଁ କେଉଁ ମାର୍ଗକୁ ଅନୁସରଣ କରିବା ଉଚିତ ସେ ସମ୍ପର୍କରେ ପରାମର୍ଶ ଦେଇଥିଲେ। ଉପସଭାପତି ପ୍ରତାପ ସ୍ୱାଇଁ ପିଲାମାନଙ୍କୁ ସଚେତନତା ଯୋଗାଇ ଦେଇଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାରେ କୃତକାର୍ଯ୍ୟ କରିଥିବା ଛାତ୍ରଛାତ୍ରୀମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ସେହିପରି ପୂର୍ବାହ୍ନରେ ଅର୍କ ଏକାଡେମୀ ଅଫ ମ୍ୟାନେଜମେଣ୍ଟ ଷ୍ଟଡିଜ, ବିଦ୍ୟା ଗ୍ରୁପ ଅଫ ଇନଷ୍ଟିଚ୍ୟୁଟ, ସାଇ ମେଡିକା ଗ୍ରୁପ ଅଫ ନର୍ସିଂ, ଶ୍ରୀ ରାମ ନର୍ସିଂ କଲେଜ ସମେତ କେନ୍ଦ୍ରାପଡ଼ାର ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ପ୍ରଶ୍ନୋତ୍ତର ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ସମିତିର ଶ୍ରୀଚନ୍ଦନ, ପ୍ରଦ୍ୟୁମ୍ନ ବେହେରା, ଧର୍ମେନ୍ଦ୍ର ଦାସ, ମଞ୍ଜୁଶ୍ରୀ ଦାସ, ସୌମ୍ୟରଞ୍ଜନ ପଟ୍ଟନାୟକ, ସରୋଜକାନ୍ତ ସାହୁ, ପାର୍ଥସାରଥୀ ରାଉତରାୟ, ବଂଶୀଧର ମହାନ୍ତି, ବିଚିତ୍ରାନନ୍ଦ ପାଢ଼ି, ସନ୍ଦିପ କୁମାର ସାହୁ, ଚୌଧୁରୀ ଦିପକ କୁମାର,ରମେଶ ଚନ୍ଦ୍ର ବେହେରା, ଶେଷଦେବ ଦାସ ପ୍ରମୁଖ ପରିଚାଳନା କରିଥିଲେ ।

## ଟ୍ରକ ଧକ୍କାରେ ବାଇକ ଆରୋହୀ ମୃତ

ଘଟଗାଁ:ଏକ୍ସପ୍ରେସ୍ ନ୍ୟୁଜ୍

ଟ୍ରକ ଧକ୍କାରେ ବାଇକ ଆରୋହୀଙ୍କ ମୃତ୍ୟୁ ନେଇ ଘଟଣା ସ୍ଥଳରେ ଉତ୍ତେଜନା ସୃଷ୍ଟି ହୋଇଥିଲା, ଫଳରେ ଘଟଣା ସ୍ଥଳରେ ପୋଲିସ ପହଁଚି ଉତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରି ଦୁର୍ଘଟଣା ଘଟଇଥିବା ଟ୍ରକଟିକୁ ଜବତ କରିଛି। ସୂଚନାଯୋଗ୍ୟ, ଘଟଗାଁ ଠାରୁ ହରିଚନ୍ଦନପୁର ରେଳ ଷ୍ଟେସନ ଯାଇଥିବା ଭିଆଇପି ରୋଡ ଘଟଗାଁ ଥାନା ବୀଣାଝରୀ ରଜ ମହୋତ୍ସବ ପଡିଆ ନିକଟରେ ଏକ ଇଟା ବୋଝେଇ (ଓଡି୦୯-ସି-୫୭୪୧) ଟ୍ରକଟି ଘଟଗାଁ ଥାନା ବାଲିଯୋଡି ଗ୍ରାମର ଦୟାନିଧି ଖଣ୍ଡାଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ଦୟାନିଧିଙ୍କ ମୃତ୍ୟୁ ଘଟିଥିଲା। ଏହି ଘଟଣାକୁ ନେଇ ଉତ୍ତେଜନା ସୃଷ୍ଟି ହୋଇଥିବା ବେଳେ ଘଟଗାଁ ପୋଲିସ ପହଁଚି ଉତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିଥିଲେ। ପୋଲିସ ତଦନ୍ତରୁ ଜଣାପଡିଛି ଦୟାନିଧି ହରିଚନ୍ଦନପୁର ସାପ୍ତାହିକ ହାଟକୁ ଗୋରୁ କିଣିବାକୁ ଯାଇଥିଲେ। ସାପ୍ତାହିକ ହାଟରୁ ଘରକୁ ଫେରୁଥିବା ସମୟରେ ଟ୍ରକଟି ଘଟଗାଁରୁ ହରିଚନ୍ଦନପୁର ପଟୁ ଦ୍ରୁତ ଗତିରେ ଆସି ବୀଣାଝାରି ରଜ ମହୋତ୍ସବ ପଡିଆ ନିକଟରେ ବାଇକଟିକୁ ଧକ୍କା ଦେଇଥିଲା। ଧକ୍କା ଦେଇ ଘଟଣା ସ୍ଥଳରୁ ଟ୍ରକ ଚାଳକ ଚମ୍ପଟ ମାରିଥିଲା। ପୋଲିସ ପହଁଚି ଟ୍ରକ ଟିକୁ ଜବତ କରିବା ସହ ଶବ ବ୍ୟବଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛନ୍ତି।

# ଓଡ଼ିଶାର ଗ୍ରାମୀଣ ଅର୍ଥନୀତିକୁ ଏକ ନୂତନ ଉଚ୍ଚତାକୁ ନେଇଯିବ: ମନ୍ତ୍ରୀ

ଭୁବନେଶ୍ୱର:ଏକ୍ସପ୍ରେସ୍ ନ୍ୟୁଜ୍

ଓଡ଼ିଶାର ବାଉଁଶ କ୍ଷେତ୍ରକୁ ରାଜ୍ୟର ସବୁଜ ଅର୍ଥନୀତିର ଏକ ପ୍ରମୁଖ ସ୍ତମ୍ଭ ଭାବରେ ଗଢ଼ିତୋଳିବା ଦିଗରେ ଏକ

### ଜାତୀୟ ବାଉଁଶ ସମ୍ମିଳନୀ



ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ ପଟିଆସ୍ଥିତ ଏକ ତାରକା ହୋଟେଲରେ ଶୁକ୍ରବାର 'ଜାତୀୟ ବାଉଁଶ ସମ୍ମିଳନୀ ୨୦୨୬' ଅନୁଷ୍ଠିତ ହୋଇଯାଇଛି। ୱାନ ଫ୍ୟୁଚର ଫାଉଣ୍ଡେସନ ଦ୍ୱାରା ଆୟୋଜିତ ଏହି ଏକଦିବସୀୟ କାର୍ଯ୍ୟକ୍ରମରେ ନୀତି ନିର୍ଦ୍ଧାରକ, ଶିଳ୍ପ ଜଗତର ନେତୃବୃନ୍ଦ ଏବଂ ସ୍ଥାୟୀ ଡିଜାଇନ୍ ବିଶେଷଜ୍ଞଙ୍କ ସମେତ ୨୦୦ରୁ ଅଧିକ ପ୍ରତିନିଧି ଯୋଗ ଦେଇଥିଲେ। ଗ୍ରାମୀଣ ସମୃଦ୍ଧି ଓ ଏକ ନବୀକରଣ ଯୋଗ୍ୟ ସମ୍ପଦ ଭାବେ ବାଉଁଶର ବ୍ୟାପକ ସମ୍ଭାବନା ଉପରେ ଏଠାରେ ଆଲୋଚନା କରାଯାଇଥିଲା।

ଏହି ସମ୍ମିଳନୀକୁ ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗର ମନ୍ତ୍ରୀ ଗଣେଶ ରାମ ସିଂଖୁଣ୍ଟିଆ ଉଦଘାଟନ କରିଥିଲେ। ସେ ସଭାକୁ ସମ୍ବୋଧିତ କରି କହିଥିଲେ ଯେ, ଏହି କାର୍ଯ୍ୟକ୍ରମ କେବଳ ଏକ ବୈଠକ ନୁହେଁ ବରଂ ରାଜ୍ୟର ବାଉଁଶ ଶିଳ୍ପକୁ ଏକ ଶକ୍ତିଶାଳୀ ରୂପ ଦେବା ପାଇଁ ଏକ ସାମୂହିକ ପ୍ରୟାସ। ଅଂଶଗ୍ରହଣକାରୀଙ୍କ ମଧ୍ୟରେ ଜ୍ଞାନର ଆଦାନପ୍ରଦାନ ଓଡ଼ିଶାର ଗ୍ରାମୀଣ ଅର୍ଥନୀତିକୁ ଏକ ନୂତନ ଉଚ୍ଚତାକୁ ନେଇଯିବ ଏବଂ ବାଉଁଶ ମାଧ୍ୟମରେ ସ୍ଥାୟୀ ଜୀବିକା ସୃଷ୍ଟି କରିବ ବୋଲି ସେ ଦୃଢ଼ ବିଶ୍ୱାସ ବ୍ୟକ୍ତ କରିଥିଲେ। ସ୍ଥାନୀୟ କାରିଗରମାନଙ୍କୁ ଡିଜିଟାଲାଇଜ୍ କରିବା ଏବଂ ସେମାନଙ୍କ ବଜାର ପରିସରକୁ ବୃଦ୍ଧି କରିବା ପାଇଁ ମନ୍ତ୍ରୀ ଶ୍ରୀ ସିଂଖୁଣ୍ଟିଆ ବାଉଁଶ ସାମଗ୍ରୀର ଅନଲାଇନ୍ ବିକ୍ରୟ ନିମନ୍ତେ ଏକ ସ୍ୱତନ୍ତ୍ର ୱେବସାଇଟ୍ www.odishabamboohaat.comର ଶୁଭାରମ୍ଭ କରିଥିଲେ।

ଏହି ସମ୍ମିଳନୀର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଦୈନନ୍ଦିନ ଜୀବନରେ ବାଉଁଶର ବିଭିନ୍ନ ବ୍ୟବହାର ଏବଂ ବିଶ୍ୱର ସ୍ଥାୟୀ ବିକାଶ ଲକ୍ଷ୍ୟରେ ଏହାର ଅବଦାନ ବିଷୟରେ ସଚେତନତା ସୃଷ୍ଟି କରିବା। ବୈଷୟିକ ଅଧିବେଶନଗୁଡ଼ିକରେ ସରକାରୀ ନୀତି, ଅତ୍ୟାଧୁନିକ ବାଉଁଶ ପ୍ରଯୁକ୍ତିବିଦ୍ୟା ଏବଂ ଯୋଗାଣ ଶୃଙ୍ଖଳାକୁ ସୁଦୃଢ଼ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମ ବିଭିନ୍ନ ଅଂଶୀଦାରମାନଙ୍କ ମଧ୍ୟରେ ସହଯୋଗ ବୃଦ୍ଧି କରି ଏକ ଦୃଢ଼ ବାଉଁଶ ଇକୋସିଷ୍ଟମ୍ ଗଠନ କରିବାରେ ଏକ ପ୍ରମୁଖ ମାଧ୍ୟମ ସାଜିଥିଲା। ଏହି ଅବସରରେ 'ୱାନ ଫ୍ୟୁଚର ଫାଉଣ୍ଡେସନ'ର ପରାମର୍ଶଦାତା ଗୁରୁ ପ୍ରସାଦ ମିଶ୍ର, ସମ୍ମିଳନୀର ମୁଖ୍ୟ ସମନ୍ୱୟକାରୀ ଶାରଦା ପ୍ରସାଦ ପଣ୍ଡା ଏବଂ ବିଶ୍ୱ ବାଉଁଶ ଦୂତ ତଥା ସ୍ଥାୟୀ ଡିଜାଇନ୍ ବିଶେଷଜ୍ଞ ଡଃ ରେବେକା ରିଉବେନ୍ସ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଶା ବାଉଁଶ ଉନ୍ନୟନ ଏଜେନ୍ସିର ପ୍ରକଳ୍ପ ନିର୍ଦ୍ଦେଶକ କାର୍ତ୍ତିକ ଭି. ଏବଂ ସହ-ଆୟୋଜକ 'ଭାରତୀୟମ ଟ୍ରଷ୍ଟ'ର ସୁଧାକର ପାହି ଉପସ୍ଥିତ ଥିଲେ।

# ବିଭିନ୍ନ କୋର୍ଟ ପରିସରରେ ବଢ଼ିଲା ସୁରକ୍ଷା ବ୍ୟବସ୍ଥା

କଟକ:ଏକ୍ସପ୍ରେସ୍ ନ୍ୟୁଜ୍

ବୋମା ଧମକ ପରେ କଟକର ବିଭିନ୍ନ କୋର୍ଟ ପରିସରରେ ବଢ଼ିଲା ସୁରକ୍ଷା ବ୍ୟବସ୍ଥା । ହାଇକୋର୍ଟ ସମେତ ନିମ୍ନ ଅଦାଲତର ଆଜି ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି । ଉଭୟ ସ୍ଥାନରେ ଅଧିକ ସାଢ଼େ ୩ ପ୍ଲାଟୁନ ସଶସ୍ତ୍ର ବାହିନୀ ମୃତୟନ ହୋଇଛନ୍ତି । ଉଭୟ ହାଇକୋର୍ଟ ଏବଂ ଜିଲ୍ଲା ଜଜକୋର୍ଟରେ ଅଧିକ ସଂଖ୍ୟକ ମେଟାଲ ଡିକ୍ଟେଟର ଲଗାଯାଇଛି । ସମସ୍ତ ପ୍ରବେଶ ଏବଂ ପ୍ରସ୍ଥାନ ଦ୍ୱାରରେ କଡ଼ାକଡ଼ି ଚେକିଂ କରାଯାଉଛି । ହାଇକୋର୍ଟ ଭିତରକୁ କୌଣସି ବକ୍ସ କିମ୍ବା ବ୍ୟାଗ ଅବା ଜିନିଷପତ୍ର ନେବା ଉପରେ ପ୍ରତିବନ୍ଧକ ଲାଗୁ କରାଯାଇଛି । ଏଭଳି ସୁରକ୍ଷା ବ୍ୟବସ୍ଥାକୁ ନେଇ ଆଇନଜୀବିମାନେ ସନ୍ତୋଷ ପ୍ରକଟ କରିଛନ୍ତି ।

ସୂଚନାଯୋଗ୍ୟ, ରାଜ୍ୟର ୩ଟି କୋର୍ଟକୁ ବୋମାରେ ଉଡାଇଦେବା ନେଇ ଧମକପୂର୍ଣ୍ଣ ଇମେଲ ଆସିବା ପରେ ସାରା ରାଜ୍ୟରେ ହଇଚଇ ସୃଷ୍ଟି ହୋଇଥିଲା । ଦେବଗଡ଼, ସମ୍ବଲପୁର ଏବଂ କଟକ ଜିଲ୍ଲା କୋର୍ଟକୁ ଧମକପୂର୍ଣ୍ଣ ମେଲ ଆସିଥିଲା । ତେବେ ପରେ ଜଣାପଡ଼ିଥିଲାଯେ, ଏହା ଏକ ଗୁଜବ ସୃଷ୍ଟିକାରୀ ଇମେଲ ଥିଲା । ଦେଶର ଆଉ ୬ଟି ରାଜ୍ୟରେ ମଧ୍ୟ ସମାନ ଧରଣର ମେଲ ଆସିଥିବା ବେଳେ ସେଠାରେ ମଧ୍ୟ ଚେକିଂ କରାଯାଇଥିଲା । ଘଟଣାର ତଦନ୍ତ ଆରମ୍ଭ ହୋଇଥିଲା । ଉଭୟ କ୍ରାଇମବ୍ରାଞ୍ଚ ଏବଂ ସାଇବର ସେଲ ମାମଲାର ତଦନ୍ତ ଆରମ୍ଭ କରିଛି ବୋଲି ପୋଲିସ କମିଶନର କହିଥିଲେ । ଧମକପୂର୍ଣ୍ଣ ଇମେଲର ସୋର୍ସ କ'ଣ ତାହା ଜାଣିବା ପାଇଁ ପୋଲିସ ସବୁ ପ୍ରକାର ଚେଷ୍ଟା କରୁଛି ବୋଲି ପୋଲିସ କମିଶନର କହିଥିଲେ । ଏଭଳି ହୀନ କାର୍ଯ୍ୟରେ ଯେଉଁମାନେ ସଂପୃକ୍ତ ଅଛନ୍ତି, ସେମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ହାଇକୋର୍ଟ ବାର ଆସୋସିଏସନ ତରଫରୁ ଦାବି ହୋଇଥିଲା ।

## ସଡ଼କ ସୁରକ୍ଷା ସଚେତନତା

କଳିଙ୍ଗନଗର:ଏକ୍ସପ୍ରେସ୍ ନ୍ୟୁଜ୍

ଛାତ୍ରଛାତ୍ରୀଙ୍କ ରୋଡ଼ ସୁରକ୍ଷା ସଚେତନତା ବଢ଼ାଇବା ଉଦ୍ଦେଶ୍ୟରେ ଆଜି ଟମକା ପୋଲିସ ପକ୍ଷରୁ ଦେଉଳକଣା ଅବସ୍ଥିତ ଡିଜିପି ଉଚ୍ଚ ବିଦ୍ୟାଳୟ ରେ "ସଡ଼କ ସୁରକ୍ଷା" ବିଷୟରେ ଏକ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଟମକା ଥାନା ଅଧିକାରିଣୀ ପ୍ରମୋଦିନୀ ସାହୁଙ୍କ ସହ ବହୁ ପୋଲିସର ଅଧିକାରୀମାନେ ଛାତ୍ରଛାତ୍ରୀଙ୍କୁ ଯାତାୟାତ ନିୟମ, ରାସ୍ତା ଚାଲିବାବେଳେ ସାବଧାନତା, ହେଲମେଟ ବ୍ୟବହାର, ଅତିକ୍ରମ କରିବା ଓ ଟ୍ରାଫିକ ସିଗ୍ନାଲର ଗୁରୁତ୍ୱ ବିଷୟରେ ବିସ୍ତୃତ ଭାବେ ବୁଝାଇଥିଲେ। ଦୁର୍ଘଟଣା ରୋକିବା ପାଇଁ ଶିଶୁମାନଙ୍କୁ ଆଇନ ମାନି ଚାଲିବାର ଆହ୍ୱାନ କରାଯାଇଥିଲା।ଆଜି ଟମକା ପୋଲିସ ପକ୍ଷରୁ ସ୍କୁଲ ବସ୍ ସହ ଅନ୍ୟାନ୍ୟ ଯାନବାହନର ସଂପୂର୍ଣ୍ଣ ଯାଞ୍ଚ କରାଯାଇଥିଲା। ବସ୍ର ଫିଟନେସ୍, ଡ୍ରାଇଭିଂ ଲାଇସେନ୍ସ, ଇନ୍ସୁରାନ୍ସ, ଫାୟାର ଏକ୍ସଟିଙ୍ଗୁଇସର, ଓଭରଲୋଡିଂ ଓ ଗତିସୀମା ଭଳି ବିଭିନ୍ନ ମାନଦଣ୍ଡ ଯାଞ୍ଚ କରାଯାଇ, ନିୟମ ଭଙ୍ଗକୁ ନେଇ ଚେତାବନୀ ଦିଆଯାଇଥିଲା।

## ସୋଆ କପ୍ ଉଦ୍‌ଯାପିତ: ଜ୍ଞାନରଞ୍ଜନ ଓ ସୋଲାନ୍‌ସି ଶ୍ରେଷ୍ଠ କ୍ରୀଡ଼ାବିତ୍




ଭୁବନେଶ୍ୱର:ଏକ୍ସପ୍ରେସ୍ ନ୍ୟୁଜ୍

ଏକ ମାସ ଧରି ଶିକ୍ଷା ଓ ଅନୁସନ୍ଧାନ ଡିମ୍‌ଡ୍ ଟୁ ବି ବିଶ୍ୱବିଦ୍ୟାଳୟରେ ସୋଆ କପ୍ ନିମନ୍ତେ ଚାଲିଥିବା ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତାରେ ଜ୍ଞାନ ରଞ୍ଜନ ବାରିକ ଓ ସୋଲାନ୍‌ସି ଉରମାନି ପୁରୁଷ ଓ ମହିଳା ବିଭାଗରେ ଯଥାକ୍ରମେ ଶ୍ରେଷ୍ଠ କ୍ରୀଡ଼ାବିତ ଭାବେ ପୁରସ୍କୃତ ହୋଇଛନ୍ତି। ବିଶ୍ୱବିଦ୍ୟାଳୟ ପରିସରରେ ବୁଧବାର ଅନୁଷ୍ଠିତ ଏହି ପ୍ରତିଯୋଗିତାରେ କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପୁରସ୍କାର ବଂଟନ କରିଥିଲେ। ବିଭିନ୍ନ ଟ୍ରାକ୍ ଓ ଫିଲ୍ଡ ପ୍ରତିଯୋଗିତାରେ ଭାଗ ନେଇ କମ୍ପ୍ୟୁଟର ସାଇନ୍‌ସ ଇଞ୍ଜିନିୟରିଂ ଛାତ୍ର ବାରିକ ହାଇ ଜମ୍ପ ଓ ଲଙ୍ଗ ଜମ୍ପରେ ପ୍ରଥମ ହେବା ସହ ୧୦୦ ମିଟର ସ୍ପ୍ରିଂଟରେ ୩ୟ ସ୍ଥାନ ଅଧିକାର କରିଥିଲେ। ସେହିପରି ସମ ନର୍ସିଂ କଲେଜ ଛାତ୍ରୀ ଉର୍‌ମାନି ୧୦୦ ମିଟର, ୨୦୦ ମିଟର ଓ ୪୦୦ ମିଟର ସ୍ପ୍ରିଂଟରେ ପ୍ରଥମ ହେବା ସହ କଲେଜର ରିଲେ ଟିମ୍‌ର ସଦସ୍ୟା ଭାବେ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଏହି ପ୍ରତିଯୋଗିତାରେ କମ୍ପ୍ୟୁଟର ସାଇନ୍ସ ଇଞ୍ଜିନିୟରିଂ ବିଭାଗ ସାମଗ୍ରିକ ଭାବେ ଚମ୍ପିୟାନ ଘୋଷିତ ହୋଇଥିଲେ। ଏଥିରେ ବ୍ୟାଡମିଂଟନ, ବାସ୍କେଟବଲ୍, ଚେସ୍, କ୍ରିକେଟ, ଫୁଟବଲ, କବାଡ଼ି, ଖୋ ଖୋ, ସଫ୍ଟବଲ୍, ଟେବୁଲ ଟେନିସ, ଟେନିସ, ଥ୍ରୋବଲ ଓ ଭଲିବଲ ନିମନ୍ତେ ପ୍ରତିଯୋଗିତା ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ସୋଆ ଉପକୁଳପତି ପ୍ରଫେସର ପ୍ରଶାନ୍ତ କୁମାର ପାତ୍ର ଓ ପୂର୍ବତନ ରଞ୍ଜି ଟ୍ରଫି ତଥା ଇଣ୍ଡିଆ-ଏ ଖେଳାଳୀ ସଞ୍ଜୟ ଶତପଥୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଅଭିନେତା, ପ୍ରଯୋଜକ ଏବଂ କଲର୍ସ ଟିଭି ଚ୍ୟାନେଲ୍‌ର କ୍ରିଏଟିଭ ହେଡ ପ୍ରୀତିରାଜ ଶତପଥୀ ଏବଂ ଶିଶୁ କଳାକାର ଅନମୋଲ ପତି ସ୍ୱତନ୍ତ୍ର ଅତିଥି ଭାବେ ଯୋଗ ଦେଇ ବକ୍ତବ୍ୟ ରଖିଥିଲେ।

କୁଳପତି ପ୍ରଫେସର ନନ୍ଦ ସବୁ ପ୍ରତିଯୋଗୀମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ଛାତ୍ର ଜୀବନରେ କ୍ରୀଡ଼ାର ମହତ୍ୱ ବିଷୟରେ ମତ ରଖିଥିଲେ। ଏହି କାର୍ଯ୍ୟକ୍ରମରେ ଛାତ୍ର ମଙ୍ଗଳ ଡିନ୍ ପ୍ରଫେସର ଜ୍ୟୋତି ରଞ୍ଜନ ଦାସ, ସ୍ପୋର୍ଟ୍ସ ଅଫିସର ଶ୍ରୀମତି ସୁନିତା ବର୍ମା, ସୋଆ କପ୍ କନ୍‌ଭେନର ଡକ୍ଟର ସୁଜ୍ୟୋତ୍ସ୍ନା ଜେନା ଓ ଆସିଷ୍ଟାଂଟ ମ୍ୟାନେଜର (ସ୍ପୋର୍ଟ୍ସ) ପ୍ରିୟମ ମଲ୍ଲିକ ବକ୍ତବ୍ୟ ରଖିଥିଲେ।

## ଟୋକନ ସମସ୍ୟାକୁ ନେଇ କଂଗ୍ରେସର ଦାବିପତ୍ର

ଦେବଗଡ଼:ଏକ୍ସପ୍ରେସ୍ ନ୍ୟୁଜ୍

ଦେବଗଡ଼ ଜିଲ୍ଲା କଂଗ୍ରେସ ସଭାପତି ସେମ ହେମ୍ବ୍ରମଙ୍କ ନେତୃତ୍ୱ ଏକ ପ୍ରତିନିଧି ମଣ୍ଡଳୀ ଚାଷୀଙ୍କ ଟୋକନ ସମସ୍ୟା ସମାଧାନ ଓ କଟଣୀ ଛଟଣୀକୁ ତୁରନ୍ତ ବନ୍ଦ ପାଇଁ ଦୃଢ଼ ଦାବୀ ଜଣାଇ ସହକାରୀ ନିବନ୍ଧକ ସମବାୟ ସମିତି ସମୂହଙ୍କୁ ସାକ୍ଷାତ କରି ଏକ ଦାବୀ ପତ୍ର ପ୍ରଦାନ କରିବା ସହିତ ଚାଷୀଙ୍କ ବୃହତ ସ୍ୱାର୍ଥକୁ ଧ୍ୟାନ ଦେଇ ପଦକ୍ଷେପ ଗ୍ରହଣ କରିବାକୁ ଆଲୋଚନା କରିଥିଲେ। ଏଥିସହିତ ଯଦି ପ୍ରଶାସନ କଟଣୀ ଛଟଣୀକୁ ବନ୍ଦ ନକରନ୍ତି ତେବେ ଆଗାମୀ ଦିନରେ ଆନ୍ଦୋଳନକୁ ତୀବ୍ର କରାଯାଇ ଜିଲ୍ଲା ବନ୍ଦ କରାଯିବ ବୋଲି ଚେତାବନୀ ଦେଇଥିବା ଜଣାପଡିଛି। ଆୟୋଜିତ କାର୍ଯ୍ୟକ୍ରମରେ ଆକାଶ ଦାସ, ଜିଲ୍ଲା ଆଦିବାସୀ କଂଗ୍ରେସ ସଭାପତି ସୁଶିଲ କୁମାର ଗୁଡିଆ, ଜିଲ୍ଲା କଂଗ୍ରେସ ଅନୁସୂଚିତ ଜାତି ସେଲ୍ ସଭାପତି ରମେଶ ଚନ୍ଦ୍ର ପାତ୍ର, ରେବତୀ ମୋହନ ପଟ୍ଟନାୟକ, ସୁଶୀଲ କୁମାର ମାଝୀ, ଇଲିଆସ ତିର୍କୀ, ଡମ୍ବରୁ ଧର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ଅଖିଳ ଭାରତୀୟ ପ୍ରମୁଖ ବନ୍ଦର ସାଂସ୍କୃତିକ ସମ୍ମିଳନୀ




ପାରାଦୀପ:ଏକ୍ସପ୍ରେସ୍ ନ୍ୟୁଜ୍

ପାରାଦୀପ ବନ୍ଦରର ଜୟଦେବ ସଦନରେ ୨୫ତମ ଅଖିଳ ଭାରତୀୟ ପ୍ରମୁଖ ବନ୍ଦର ସାଂସ୍କୃତିକ ସମ୍ମିଳନୀ ଗୁରୁବାର ଦିନ ପ୍ରମୁଖ ବନ୍ଦର କ୍ରୀଡା ନିୟନ୍ତ୍ରଣ ବୋର୍ଡର ତତ୍ତ୍ୱାବଧାନରେ ପାରାଦୀପ ବନ୍ଦର କର୍ତ୍ତୃପକ୍ଷ ଦ୍ୱାରା ଏହି ଚାରି ଦିନିଆ ୨୦୨୫-୨୬ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହେଉଛି। ପାରାଦୀପ ବନ୍ଦର କର୍ତ୍ତୃପକ୍ଷଙ୍କ ଅଧ୍ୟକ୍ଷ ପିଏଲ ହରନାଧ ମୁଖ୍ୟ ଅତିଥି ଭାବରେ ଏହି ସମ୍ମିଳନୀକୁ ଉଦଘାଟନ କରିଥିଲେ। ସମାବେଶକୁ ସମ୍ବୋଧିତ କରି ସେ କହିଥିଲେ ଯେ ସଂସ୍କୃତି ମାନବ ଆତ୍ମାର ଆଭ୍ୟନ୍ତରୀଣ ସୌନ୍ଦର୍ଯ୍ୟକୁ ପ୍ରତିଫଳିତ କରେ ଏବଂ ଏକତା ଏବଂ ସଦଭାବନାକୁ ପ୍ରୋତ୍ସାହିତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବାସହ ସମୃଦ୍ଧ ସାଂସ୍କୃତିକ ଐତିହ୍ୟ, ଶାସ୍ତ୍ରୀୟ ଓଡ଼ିଶୀ ନୃତ୍ୟ ଏବଂ କଳାତ୍ମକ ଉତ୍କର୍ଷତା ପାଇଁ ପ୍ରସିଦ୍ଧ ରାଜ୍ୟ ଓଡ଼ିଶାରେ ଏହି ସାଂସ୍କୃତିକ ସମ୍ମିଳନୀର ୨୫ତମ ସଂସ୍କରଣ ଆୟୋଜନ କରିବା ପାରାଦୀପ ବନ୍ଦର ପାଇଁ ଗର୍ବର ବିଷୟ। ସେ ଦେଶର ପ୍ରମୁଖ ବନ୍ଦରଗୁଡ଼ିକରୁ ଆସିଥିବା ଦଳଗୁଡ଼ିକର ଉତ୍ସାହୀ ଅଂଶଗ୍ରହଣକୁ ପ୍ରଶଂସା କରିଥିଲେ ଏବଂ ଉଲ୍ଲେଖ କରିଥିଲେ ଯେ ରଙ୍ଗୀନ ଉଦଘାଟନୀ ପରେଡରେ ସମ୍ମିଳନୀ ପାଇଁ ଯୋଜନା କରାଯାଇଥିବା ଉଜ୍ଜ୍ୱଳ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରତିଫଳିତ ହୋଇଥିଲା। ପ୍ରତିଯୋଗିତା ଅପେକ୍ଷା ଅଂଶଗ୍ରହଣ ଏବଂ ସାଂସ୍କୃତିକ ଆଦାନପ୍ରଦାନ ଅଧିକ ଗୁରୁତ୍ୱପୂର୍ଣ୍ଣ ବୋଲି ଗୁରୁତ୍ୱାରୋପ କରି ସେ କହିଥିଲେ ଯେ ସମଗ୍ର ଭାରତରେ ବନ୍ଦର କର୍ମଚାରୀମାନେ ସେମାନଙ୍କର ବୃତ୍ତିଗତ ଭୂମିକା ବ୍ୟତୀତ ଉଲ୍ଲେଖନୀୟ ସାଂସ୍କୃତିକ ପ୍ରତିଭାର ଅଧିକାରୀ ଅଂଶଗ୍ରହଣକାରୀ ମାନଙ୍କୁ ଆଶ୍ୱାସନା ଦେଇଥିଲେ ଯେ ସେମାନଙ୍କ ସାନ୍ତ୍ୱନା ପାଇଁ ସମସ୍ତ ଆବଶ୍ୟକୀୟ ବ୍ୟବସ୍ଥା କରାଯାଇଛି, ସେ ଯେକୌଣସି ଅସୁବିଧା ପାଇଁ ଦୁଃଖ ପ୍ରକାଶ କରିଥିଲେ ଏବଂ ସମସ୍ତଙ୍କୁ ଏକ ସ୍ମରଣୀୟ ଏବଂ ସମୃଦ୍ଧ ଅଭିଜ୍ଞତା କାମନା କରିଥିଲେ। ଏହି ମନ୍ତବ୍ୟ ସହିତ, ସେ ସମ୍ମିଳନୀକୁ ଖୋଲା ଘୋଷଣା କରିଥିଲେ। ଉଦ୍‌ଘାଟନୀ ପ୍ରକ୍ରିୟାରେ ଆୟୋଜକ କମିଟିର ହିମାଂଶୁ ଶେଖର ରାଉତ ଅଧ୍ୟକ୍ଷତା କରିଥିଲେ। ଅଶୋକା କୁମାର ସାହୁ, ମୁଖ୍ୟ ମେକାନିକାଲ୍ ଇଞ୍ଜିନିୟର ସୁସିଲ ଚନ୍ଦ୍ର ନାହକ୍; ଏହି ଅବସରରେ ମୁଖ୍ୟ ଚିକିତ୍ସା ଅଧିକାରୀ ଡକ୍ଟର ବିଭୂତି ଭୂଷଣ ଦାସ ମଧ୍ୟ ଉପସ୍ଥିତ ଥିଲେ। ଆୟୋଜକ କମିଟିର ସଚିବ ଡ଼ଃ ଡି.ପି. ସେଠି ସ୍ୱାଗତ ଭାଷଣ ଦେଇଥିଲେ। ଚେନ୍ନାଇ, କୋଚିନ୍, ଦୀନଦୟାଲ, ଜବାହରଲାଲ ନେହେରୁ ବନ୍ଦର କର୍ତ୍ତୃପକ୍ଷ, କୋଲକାତା, ମୁମ୍ବାଇ, ବିଶାଖାପାଟଣା, ଭିଓ ଚିଦମ୍ବରନର ଏବଂ ଆୟୋଜକ ପାରାଦୀପ ବନ୍ଦର ସମେତ ନଅଟି ପ୍ରମୁଖ ବନ୍ଦରରୁ ୨୦୦ରୁ ଅଧିକ ପ୍ରତିଯୋଗୀ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରୁଛନ୍ତି। ଶାସ୍ତ୍ରୀୟ କଣ୍ଠସ୍ୱର, ହାଲୁକା କଣ୍ଠସ୍ୱର, ବାଦ୍ୟଯନ୍ତ୍ର ସଙ୍ଗୀତ, ନୃତ୍ୟ ଏବଂ ନାଟକ ବର୍ଗରେ ପ୍ରତିଯୋଗିତା ଅନୁଷ୍ଠିତ ହେଉଛି। ମୁମ୍ବାଇ ବନ୍ଦର କର୍ତ୍ତୃପକ୍ଷଙ୍କ ଦ୍ୱାରା ଉଦଘାଟନୀ ସାଂସ୍କୃତିକ ପ୍ରଦର୍ଶନୀ ପରିବେଷଣ କରାଯାଇଥିଲା ଏବଂ ପରେ ବିଶାଖାପାଟଣା ବନ୍ଦର କର୍ତ୍ତୃପକ୍ଷ ଆଗାମୀ କିଛିଦିନ ପାଇଁ ସ୍ଥିର ହୋଇଥିବା ସ୍ପନ୍ଦନଶୀଳ କାର୍ଯ୍ୟକ୍ରମ ପାଇଁ ସ୍ୱର ସ୍ଥାପନ କରିଥିଲେ। ୨୫ତମ ଅଖିଳ ଭାରତୀୟ ପ୍ରମୁଖ ବନ୍ଦର ସାଂସ୍କୃତିକ ସମ୍ମିଳନୀ ଜାନୁଆରୀ ୧୧ରେ ଏକ ବିଦାୟ ସମାରୋହ ଏବଂ ପୁରସ୍କାର ବିତରଣ ଉତ୍ସବ ସହିତ ସମାପ୍ତ କରାଯିବାକୁ ଦିନ ଧାର୍ଯ୍ୟ କରାଯାଇଛି।

# ଗୋପାଳପୁର ବେଳାଭୂମି ମହୋତ୍ସବରେ ସ୍ଥାନୀୟ ପ୍ରତିଭାଙ୍କୁ ପ୍ରାଧାନ୍ୟ ଦିଆଯିବ

ବ୍ରହ୍ମପୁର:ଏକ୍ସପ୍ରେସ୍ ନ୍ୟୁଜ୍

ରାଜ୍ୟ ବାଣିଜ୍ୟ ଓ ପରିବହନ, ଇସ୍ପାତ ଓ ଖଣିମନ୍ତ୍ରୀ ବିଭୂତି ଭୂଷଣ ଜେନାଙ୍କ ପ୍ରତ୍ୟକ୍ଷ ମାର୍ଗଦର୍ଶନରେ ଚଳିତ ମାସ ୨୨ରୁ ୨୬ ତାରିଖ ପର୍ଯ୍ୟନ୍ତ ଗୋପାଳପୁର ଠାରେ ଆୟୋଜିତ ହେବାକୁ ଥିବା ପ୍ରସିଦ୍ଧ ବେଳାଭୂମି ମହୋତ୍ସବକୁ ସରସସୁନ୍ଦର ଭାବରେ ଆୟୋଜିତ କରିବା ପାଇଁ ଜିଲ୍ଲାର ସମସ୍ତ ବରିଷ୍ଠ ଅଧିକାରୀମାନଙ୍କୁ ନେଇ ଜିଲ୍ଲାପାଳ ଭି କୀର୍ତ୍ତି ଭାସନଙ୍କ ଅଧ୍ୟକ୍ଷତାରେ ଜିଲ୍ଲାପାଳଙ୍କ ସଭାବନା ସମ୍ମିଳନୀ କକ୍ଷଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଗଞ୍ଜାମ କଳା, ସାହିତ୍ୟ, ସଂସ୍କୃତି ଓ ପରଂପରାର ଏକ ସମୃଦ୍ଧ ଜିଲ୍ଲା। ତେଣୁ ଏହି ମହୋତ୍ସବରେ ସ୍ଥାନୀୟ ପ୍ରତିଭାମାନଙ୍କୁ ସବୁ କ୍ଷେତ୍ରରେ ପ୍ରାଧାନ୍ୟ ଦିଆଯିବ। ସ୍ଥାନୀୟ କଳାକାର ଓ ସାଂସ୍କୃତିକ ଦଳର ଚୟନ ପାଇଁ ଅଳ୍ପ ଦିନ ମଧ୍ୟରେ ଅଡିସନ୍ କରାଯିବ। ଅଡିସନ୍‌ରେ ଯେଉଁମାନେ ଉତ୍କୃଷ୍ଟ ପ୍ରଦର୍ଶନ କରିବେ ସେମାନଙ୍କୁ ଏହି ମହୋତ୍ସବରେ ତାଙ୍କର ପ୍ରତିଥର ପ୍ରଦର୍ଶନ ପାଇଁ ସୁଯୋଗ ମିଳିବ। କବାଡି, କରାଟେ, ଭଲିବଲ୍, ଗୁଡିଉଡା ପ୍ରତିଯୋଗିତା ସହିତ ନୌଚାଳନା ଓ ଅନ୍ୟାନ୍ୟ ଲୋକାଦୃତ ପ୍ରତିଯୋଗିତା ଆୟୋଜନ ପାଇଁ ପରିକଳ୍ପନା କରାଯାଉଛି। ମହୋତ୍ସବରେ ପଲ୍ଲିଶ୍ରୀ ମେଳା, ଖାଦ୍ୟମେଳା, ବାଲୁକାକଳା ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ଜିଲ୍ଲାପାଳ ସୂଚନା ଦେଇଛନ୍ତି। ଯିଏ ଏହି ମହୋତ୍ସବକୁ ପ୍ରଥମଥର ପାଇଁ ଆସିବ ସେ ଯେମିତି ପ୍ରତିବର୍ଷ ଏହି ମହୋତ୍ସବକୁ ଆସିବାକୁ ଇଚ୍ଛା ପ୍ରକାଶ କରିବ ତାହା ଆମର ଆଭିମୁଖ୍ୟ ହେବା ଉଚିତ୍ ବୋଲି ଜିଲ୍ଲାପାଳ କହିଛନ୍ତି। ମହୋତ୍ସବକୁ ତ୍ରୁଟିଶୂନ୍ୟ ଓ ନିର୍ଦ୍ଧାରିତ ସମୟ ପୂର୍ବରୁ




ସମସ୍ତ ପ୍ରସ୍ତୁତି କାର୍ଯ୍ୟ ସାରିବା ପାଇଁ କ୍ରୀଡା, ବାଲୁକାକଳା, ଆଇନଶୃଙ୍ଖଳା, ବଜେଟ, ସ୍ମରଣିକା, ଟ୍ରାଫିକ ଓ ପାର୍କିଂ, ସ୍ୱାସ୍ଥ୍ୟ, ଖାଦ୍ୟ ଓ ପରିମଳ, ପରିବହନ ଆଦି ବିଭିନ୍ନ କମିଟି ଗଠନ କରାଯାଇଛି। କମିଟିଗୁଡିକ ଦୁଇ ତିନିଦିନ ମଧ୍ୟରେ ତାଙ୍କ ଉପରେ ନ୍ୟସ୍ତ ଦାୟିତ୍ୱକୁ କିପରି ତୃଟିଶୂନ୍ୟ ଭାବରେ କରିବେ ତାହାର ସବିଶେଷ ରୂପରେଖ ପ୍ରସ୍ତୁତ କରିବା ସହିତ ଆବଶ୍ୟକୀୟ ଅର୍ଥ ସମ୍ବନ୍ଧରେ ବଜେଟ କମିଟିକୁ ଜଣାଇବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ମହୋତ୍ସବର ସ୍ମରଣିକା "ଶାମୁକା"ରେ ଜିଲ୍ଲାର କଳା, ସାହିତ୍ୟ, ସଂସ୍କୃତି, ପରଂପରା, ଇତିହାସ ସମ୍ପର୍କିତ ଆଲେଖ୍ୟ ପ୍ରକାଶ ପାଇବ। ସାହିତ୍ୟିକ ଓ ଲେଖକମାନଙ୍କୁ ନୂତନ ଗବେଷଣା ଧର୍ମୀ ଆଲେଖ୍ୟ ଏକ ସପ୍ତାହ ମଧ୍ୟରେ ଜିଲ୍ଲାପାଳ କିମ୍ବା ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟକୁ ପ୍ରେରଣ କରିବା ପାଇଁ ଅନୁରୋଧ କରାଯାଇଛି। ମହୋତ୍ସବରେ ଓରମାସ୍ ପକ୍ଷରୁ କପଡା ଓ କାଗଜ ବ୍ୟାଗ୍ ଉପଲବ୍ଧ ହେବ। ତଣୁ ପ୍ଲାଷ୍ଟିକ୍ ସାମଗ୍ରୀ ବ୍ୟବହାରରୁ ବିରତ ରହିବାପାଇଁ ଜିଲ୍ଲାପାଳ ଜନସାଧାରଣଙ୍କୁ ଅନୁରୋଧ କରିଛନ୍ତି।

ବୈଠକରେ ବ୍ରହ୍ମପୁର ମହାନଗର ନିଗମ କମିଶନର୍ ପ୍ରଥମେଶ ଅରବିନ୍ଦ ରାଜଶିର୍କେ, ଅତିରିକ୍ତ ଜିଲ୍ଲାପାଳ ଡ. ପ୍ରମୋଦ କୁମାର ପୃଷ୍ଟି, ଦେବଦତ୍ତ ପଣ୍ଡା, ସୁନୀଲ କୁମାର କେର୍କେଟା, ଉପଜିଲ୍ଲାପାଳ ବ୍ରହ୍ମପୁର ଅବିନାଶ କୁମାର, ଛତ୍ରପୁର ଉପଜିଲ୍ଲାପାଳ ଶିବାଶିଷ ବରାଳ, ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ, ତହସିଲଦାର ଏବଂ ଗୋଷ୍ଠୀ ଉନ୍ନୟନ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଜନବସତି ପାଇଲଟ ପ୍ରକଳ୍ପ କଲୋନୀ ପାଲଟିଛି ଭୂତ କୋଠି: ପାଣିରେ କୋଟିକୋଟି ଟଙ୍କା

ଜଳେଶ୍ୱର:ଏକ୍ସପ୍ରେସ୍ ନ୍ୟୁଜ୍

ଭୂମିହୀନଙ୍କୁ ଘରଡିହ ଓ ଗୃହହୀନଙ୍କୁ ବାସଗୃହ ଯୋଗାଇବା ଲାଗି ସରକାର ବିଭିନ୍ନ ଯୋଜନା ଗ୍ରହଣ କରୁଛନ୍ତି। ଜଳେଶ୍ୱର ବ୍ଲକରେ ଭୂମିହୀନଙ୍କୁ ଘରଡିହ ସହିତ ଆବସ ଯୋଜନାରେ ଘରେ ଯୋଗାଇବା କାର୍ଯ୍ୟ ଚାଲୁ ରହିଛି। ରାଜପୁର ଓ ମହମ୍ମଦନଗରପାଟଣ ପଂଚାୟତ ସୀମାରେ ଥିବା ଓଳିନ୍ଦା ମୌଜାରେ ଥିବା ୫ଏକରରୁ ଅଧିକ ବଳକା ସ୍ଥାନରେ ୨୦୧୯ ମସିହାରେ ନୂତନ ବସତିସ୍ଥାପନ ନିମନ୍ତେ ତତ୍କାଳୀନ ବାଲେଶ୍ୱର ଜିଲାପାଳ କେ ସୁଦର୍ଶନ ଚକ୍ରବର୍ତ୍ତୀ ଏକ ଥଇଥାନ ପାଇଲଟ ପ୍ରକଳ୍ପ ହାତକୁ ନେଇଥିଲେ। ଭୂମିହୀନଙ୍କୁ ଜମି ଯୋଗାଇବାଲାଗି ଆବଶ୍ୟକ ହେଉଥିବା ୪ଡିସିମିଲ ପଟା ପରିବର୍ତ୍ତେ ମାତ୍ର ୨ ଡିସିମିଲ ପରିମିତ ସ୍ଥାନରେ ଯୋଜନାବଦ୍ଧ ଭାବରେ ଆଧୁନିକ ଗ୍ରାମବସତି ଲାଗି ପ୍ରାୟ ୧.୫ କୋଟି ଟଙ୍କାର ଏକ ପ୍ରକଳ୍ପର କାର୍ଯ୍ୟାରମ୍ଭ ହୋଇଥିଲା।



୬୩ ଜଣଙ୍କୁ ଚିହ୍ନଟ କରାଯାଇ ସେମାନଙ୍କୁ ଜାଗା ସହିତ ଘର, ପାଇଖାନା, ଆବର୍ଜନ ଖତ କୁଣ୍ଡ ଇତ୍ୟାଦି ନିର୍ମାଣ ସହିତ ପ୍ରତ୍ୟେକଙ୍କ ଘରକୁ ପାଣି ଓ ବିଦ୍ୟୁତ୍ ଯୋଗାଣର ବ୍ୟବସ୍ଥା କରାଯାଇ ଘରଗୁଡିକ ସେମାନଙ୍କୁ ହସ୍ତାନ୍ତର କରାଯିବାର ବ୍ୟବସ୍ଥା ହୋଇଥିଲା। ଏକ ଗୋଷ୍ଠୀ ଶୌଚାଳୟ ମଧ୍ୟ ନିର୍ମାଣ ହୋଇଥିଲା। ପ୍ରତ୍ୟେକ ଘରକୁ ରାସ୍ତା ନିର୍ମାଣ, ବତି ଖୁଣ୍ଟ ସ୍ଥାପନ ଇତ୍ୟାଦି କରାଯାଇଥିବା ବେଳେ ମୁଖ୍ୟ ରାସ୍ତାରୁ ୨୪ଲକ୍ଷ ଟଙ୍କା ବ୍ୟୟରେ କଂକ୍ରିଟ ରାସ୍ତା ମଧ୍ୟ ନିର୍ମାଣ କରାଯାଇଥିଲା। ପ୍ରତ୍ୟେକ ହିତାଧିକାରୀଙ୍କ ଲାଗି ଗୋଟିଏ ବିଛଣା ଘର, ରୋଷେଇ ଘର, ବାରଣ୍ଡା ଇତ୍ୟାଦି ଥିବା ବେଳେ ଘରଗୁଡିକର ଝରକା, କବାଟ ଲୁହାରେ ନିର୍ମାଣ ହୋଇଥିଲା। ପ୍ରତ୍ୟେକ ଘର ଲାଗି ୧ଲକ୍ଷ ୪୦ହଜାର ଟଙ୍କା, ପାଇଖାନା ଲାଗି ୧୨ ହଜାର ଓ ଡଷ୍ଟବିନ୍ ଖତକୁଣ୍ଡ ଲାଗି ୧୪ହଜାର ମୋଟ ୧ଲକ୍ଷ ୬୬ ହଜାର ଟଙ୍କା ଖର୍ଚ୍ଚ କରାଯାଇଥିଲା ବେଳେ ସେଥିରୁ ୫୫ଟି ଘର ସମାପ୍ତ ହୋଇଥିଲା। ଅନ୍ୟ ୮ଟି ଘର ନିର୍ମାଣ ଆଦୌ ଆରମ୍ଭ ମଧ୍ୟ ହୋଇ ନାହିଁ। ଗାଁ ଲାଗି ସ୍ୱତନ୍ତ୍ର ଭାବେ ପାଇପ୍ ପାଣି ପ୍ରକଳ୍ପ, ବିଦ୍ୟୁତ୍ ଲାଗି ନୂତନ ଟ୍ରାନ୍ସଫରମର ପ୍ରତିଷ୍ଠା କରାଯାଇଥିଲା।

କିନ୍ତୁ ୬ବର୍ଷ ବିତିଯାଇଥିଲେ ମଧ୍ୟ ହିତାଧିକାରୀ ସେଠାରେ ରହିବାକୁ ପସନ୍ଦ କରୁ ନାହାନ୍ତି। ଘରଗୁଡିକ ନିମ୍ନମାନର ହୋଇଥିବାରୁ କେତେକ ଘର କାନ୍ଥ ଫାଟିଯିବା ସହିତ ଝରକା, କାବାଟ ନଷ୍ଟ ହେବାକୁ ବସିଲାଣି। କେତେକ ଘର ନିର୍ମାଣ ସଂପୂର୍ଣ୍ଣ ଶେଷ ହୋଇନଥିବା ବେଳେ ଅନ୍ୟ କେତେକ ଘରେ ରଂଗମଧ୍ୟ ଲାଗିନାହିଁ କି ଝରକା, କବାଟ ବସିନାହିଁ। ପାଇପ ପାଣି ଟେପ୍ ମଧ୍ୟ ଲାଗିନାହିଁ କି ପାଣି ଯୋଗାଣ ମଧ୍ୟ ହେଉନାହିଁ। ବିଦ୍ୟୁତ୍ ଖୁଣ୍ଟ ବସିଛି, ତାରବି ଟଣାଯାଇଛି ହେଲେ ସଂଯୋଗ ହୋଇନାହିଁ। ଏପରି ଅବ୍ୟବସ୍ଥା ଦେଖି ଘର ମାଲିକ ସେଠାକୁ ଯିବାକୁ ମଂଗୁ ନାହାନ୍ତି କି ସରକାରୀ ଜାଗାରେ ଜବର ଦଖଲରେ ରହି ଜରି ତଳେ ଅତି ଶୋଚନୀୟ ଅବସ୍ଥାରେ ରହି ଆସୁଛନ୍ତି। ୫୫ଟି ସମସ୍ତ ଘର ମାଲିକ ଅନୁସୂଚିତ ଜାତି ଓ ଜନଜାତିର ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ କେତେକ ଘର ମାଲିକ ମରି ଗଲେଣି। ଏବେ ୫୫ଟି ଘର ମଧ୍ୟରୁ ଜଗନ୍ନାଥ ଟୁଡୁ, ମୁଚିରାମ ମାରାଣ୍ଡି, ବିଶୁ ମୁର୍ମୁ, ସୁରିଆ ହେମ୍ବ୍ରମ, ମାମି ମୁର୍ମୁ, କ୍ରିଷ୍ଣା ମୁର୍ମୁ, ଲକ୍ଷ୍ମଣ ସିଂ, ସୂର୍ଯ୍ୟ ହେମ୍ବ୍ରମ, କୁନି ମୁର୍ମୁ, ନକୁଳ ବାସ୍କେ, ବୁଧିଆ ସିଂ, ମଙ୍ଗଳ ହାଁସଦା ପ୍ରମୁଖ ସେମାନଙ୍କ ଘରେ ରହୁଥିବା ବେଳେ ମହମବତୀ ଲଗାଇ ରାତି ବିତାଉଛନ୍ତି। ଭଂଗା ଦଦରା ଘରେ ଅନ୍ଧାରରେ ରହିବାକୁ ଡରୁଥିବା ବେଳେ ପାଣି ଲାଗି ନିକଟରେ ଥିବା ପଂଚାୟତ ପୋଖରୀ ଉପରେ ନିର୍ଭର କରୁଛନ୍ତି। ସେଠାରେ ପଶ୍ଚିମବଂଗର କେତେକ ଲୋକେ ବସବାସ କରୁଥିବା ବେଳେ ଅସାମାଜିକ ଲୋକଙ୍କ ଆଡ୍ଡାସ୍ଥଳ ଓ ନିଶା କାରବାର ହେଉଛି। କେତେକ ଘରେ ଲୋକେ ରହୁଥିଲେ ମଧ୍ୟ ପିଇବାପାଣି ଲାଗି ନିକଟରେ ଥିବା ଅନ୍ୟଏକ ସାହିକୁ ଯିବାକୁ ପଡୁଛି।

ତେଣୁ ପ୍ରଶାସନ ଘରଗୁଡିକୁ ମରାମତି କରିବା ସହିତ ସମସ୍ତ ଆନୁସଙ୍ଗିକ ବ୍ୟବସ୍ଥା କଲେ ହିତାଧିକାରୀମାନେ ଜରିତଳେ ନ ରହି ନିଜ ଘରକୁ ଆସିବେ ବୋଲି ସରପଂଚ ଅରୁଣ ସେନାପତି କହିଛନ୍ତି। ଏ ସଂପର୍କରେ ଓଳିନ୍ଦା ଗ୍ରାମ୍ୟ ମୁଖ୍ୟ ସମର ବଲ୍ଲଭ ସାହୁ ଓ ଆଦିକନ୍ଦ ପାତ୍ରଙ୍କୁ ପଚାରିବାରୁ ଗାଁର ଥିବା ପଡିଆକୁ ସଂକୁଚିତ କରି ଲୋକଙ୍କ ବସତି ଲାଗି ଦିଆଯାଇଛି। ଏବେ ଉକ୍ତ ପ୍ରକଳ୍ପ ଅଞ୍ଚଳ ଭୂତକୋଠୀ ପାଲଟିଥିବା ବେଳେ ଯୋଜନା ପ୍ରହସନରେ ପରିଣତ ହୋଇଥିବା ଲୋକେ କହୁଛନ୍ତି।

## ବିକଶିତ ଭାରତ ଶିକ୍ଷା ଅଧିଷ୍ଠାନ ବିଲ୍ ଅନୁଧ୍ୟାନ କରି ରାଷ୍ଟ୍ରପତିଙ୍କୁ ମତାମତ ପଠାଯିବ

ଭୁବନେଶ୍ୱର:ଏକ୍ସପ୍ରେସ୍ ନ୍ୟୁଜ୍


ବିକଳ୍ପ ଶିକ୍ଷା ବିଚାରର ଏକ ବୈଠକ ଭୁବନେଶ୍ୱର ଠାରେ ଅନୁଷ୍ଠିତ ହୋଇଯାଉଛି। ଏଥିରେ ଅନୁଷ୍ଠାନର ଅଧ୍ୟକ୍ଷ ପୂର୍ବତନ କୁଳପତି ଡଃ ବିନାୟକ ରଥ ସଭାପତିତ୍ୱ କରିଥିଲେ। ପ୍ରାରମ୍ଭରେ ଆବାହକ ଅମିୟ କୁମାର ମହାନ୍ତି ସଭାର ଉଦ୍ଦେଶ୍ୟ ଏବଂ ବିଧେୟକ ସମ୍ପର୍କରେ ବିସ୍ତୃତ ସୂଚନା ପ୍ରଦାନ କରିଥିଲେ। ଆଲୋଚନାରେ କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ଡଃ ସୁରେନ୍ଦ୍ରନାଥ ପଶୁପାଳକ, ପ୍ରଫେସର ଜୟନ୍ତ କୁମାର ରାଉତରାୟ, ପ୍ରଫେସର ସୁରେନ୍ଦ୍ର ମହାନ୍ତି, ପ୍ରଫେସର ଦୁର୍ଯ୍ୟୋଧନ ପରିଡା, ସୁବାସ ନାୟକ, ପ୍ରଦୀପ ମହାନ୍ତି ପ୍ରମୁଖ ଆଲୋଚନାରେ ଭାଗନେଇ ବିଲ୍‌ର ସୁଦୂର ପ୍ରସାରୀ ପ୍ରଭାବୀ ସମ୍ପର୍କରେ ମତାମତ ପ୍ରଦାନ କରିଥିଲେ। ବିଲ୍‌ଟିର ବ୍ୟାପକ ତର୍ଜମା ପାଇଁ ଏହା ସଂସଦୀୟ କମିଟିକୁ ଯାଇଥିବାରୁ, କେନ୍ଦ୍ର ସରକାର ଏ ସମ୍ପର୍କରେ ସମସ୍ତ ହିତାଧିକାରୀମାନଙ୍କ ସହ ଆଲୋଚନା କରିବା ପାଇଁ କେନ୍ଦ୍ର ସରକାରକୁ ଅନୁରୋଧ କରାଯାଇଛି। ବିଲରେ ଉଚ୍ଚ ଶିକ୍ଷାର କେନ୍ଦ୍ରୀକରଣ, ଘରୋଇ କରଣ, ଅମଲାତନ୍ତ୍ରୀକରଣ ଏବଂ ବ୍ୟବସାୟୀକରଣ ପ୍ରକ୍ରିୟାକୁ ପ୍ରୋତ୍ସାହନ ଦିଆଯାଇଥିବାର ଆଶଙ୍କା ପ୍ରକାଶ ପାଇଥିଲା। ବିଲ୍‌ଟି ଆଇନରେ ପରିଣତ ହେଲେ ଉଚ୍ଚ ଶିକ୍ଷାର ସାର୍ବିକ ଚରିତ୍ର କ୍ଷୁଣ୍ଣ ହେବ ଏବଂ ଶିକ୍ଷାର୍ଥୀମାନେ ବ୍ୟାପକ କ୍ଷତିଗ୍ରସ୍ତ ହେବେ ବୋଲି ମତ ପ୍ରକାଶ ପାଇଥିଲା। ବିଲ ସମ୍ପର୍କରେ ବ୍ୟାପକ ଅନୁଧ୍ୟାନ ଏବଂ ତର୍ଜମା କରି ମତାମତ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ଶିକ୍ଷାମନ୍ତ୍ରୀ ଏବଂ ଯୁଗ୍ମ ସଂସଦୀୟ କମିଟିର ସଭ୍ୟମାନଙ୍କୁ ପଠାଯିବା ପାଇଁ ନିଷ୍ପତି ହୋଇଛି। ବିଧେୟକର ନକରାତ୍ମକ ଦିଗ ସମ୍ପର୍କରେ ବ୍ୟାପକ ଜନ ସଚେତନତା କାର୍ଯ୍ୟକ୍ରମ ଗ୍ରହଣ କରାଯିବ ବୋଲି ବିକଳ୍ପ ଶିକ୍ଷା ବିଚାରର ଆବାହକ ଅମିୟ କୁମାର ମହାନ୍ତି ଜଣାଇଛନ୍ତି।

ଶେଷ ପୃଷ୍ଠା

# ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର | 10th January, 2026 Saturday | RNI Regd. No. ODIODI/2006/23033 | Postal Regd. No. : BN/169/13-15

## ହେଲ୍‌ଥ ଟନିକ୍



### ଲେଡିସ୍ ଚପଲ

ଜୋତା ଦୋକାନକୁ ଯାଇଥିବା ଜଣେ ବ୍ୟକ୍ତି ସେଲ୍ସମ୍ୟାନ୍‌କୁ କହିଲେ- ଭାଇ, ଲେଡିସ୍ ଚପଲ ଦେଖେଇଲ ଟିକେ।

ସେଲ୍ସମ୍ୟାନ୍ ଥିଲା ଅବିବାହିତ। ସେ ପଚାରିଲା- ଆପଣ କ'ଣ ଲେଡିସ୍ ଚପଲ ପିନ୍ଧିବେ?

ଲୋକ ଜଣକ କହିଲେ- ନାଇଁ, ମୋ ସ୍ତ୍ରୀ ପାଇଁ ନେବି।

ସେଲ୍ସମ୍ୟାନ୍ ପଚାରିଲା- କୋଉ ଟାଇପ୍‌ର ଚପଲ ଦରକାର?

ଲୋକ ଜଣକ କହିଲେ- ଚପଲଟା ଯେମିତି ହାଲୁକା ଏବଂ ନରମ ହୋଇଥିବ।

ସେଲ୍ସମ୍ୟାନ୍ ପଚାରିଲା- କ'ଣ ସ୍ତ୍ରୀ ବ୍ୟବହାର କରିବେ ତ?

ଲୋକ ଜଣକ କହିଲେ- ହଁ।

ସେଲ୍ସମ୍ୟାନ୍ ପଚାରିଲା- ସାଇଜ୍ କେତେ?

ଲୋକ ଜଣକ କହିଲେ- ଯେ କୌଣସି ସାଇଜ୍ ହେଲେ ଚଳିବ। ତେବେ ଯେମିତି ଆଦୌ ଟାଣ ହୋଇନଥାଏ। ନରମ ହେବା ଦରକାର।

# ମୋବାଇଲ କଟକଣାକୁ ପେଟ୍ରୋଲ ପମ୍ପରେ କେହି ମାନୁନାହାନ୍ତି

**ଭୁବନେଶ୍ୱର, ୯।୧ (ତଥ୍ୟ)**

ପେଟ୍ରୋଲ ପମ୍ପଗୁଡିକରେ ଆଉ କେହି ମୋବାଇଲ କଟକଣାକୁ ମାନୁନାହାନ୍ତି। ଗ୍ରାହକଙ୍କ ଠାରୁ ଆରମ୍ଭ କରି ତେଲ ପକାଉଥିବା କର୍ମଚାରୀଙ୍କ ପର୍ଯ୍ୟନ୍ତ ସମସ୍ତେ ପେଟ୍ରୋଲ ପମ୍ପ ନିକଟରେ ମୋବାଇଲ୍ ବ୍ୟବହାର କରୁଛନ୍ତି।

ଗାଡିରେ ପେଟ୍ରୋଲ ପକାଇବା ସମୟରେ ମୋବାଇଲ ଫୋନ୍ ବ୍ୟବହାର ନକରିବାକୁ ତୈଳ କମ୍ପାନୀମାନେ କଟକଣା ଜାରି କରିଥିଲେ। ନିଆଁ ଲାଗିଯିବାର ଭୟ ଥିବାରୁ ଏଭଳି କଟକଣା ଜାରି ସହିତ ପ୍ରତ୍ୟେକ ପେଟ୍ରୋଲ ପମ୍ପରେ ଏ ନେଇ ଲିଖିତ ସୂଚନା ଲଗାଯାଇଥିଲା। ଏପରିକି ତେଲ ପକାଇବା ସମୟରେ ଯଦି କୌଣସି ବ୍ୟକ୍ତିଙ୍କର ଫୋନ୍ ବାଜୁଥିଲା ତେବେ ତାହାକୁ ନଉଠାଇବାପାଇଁ କର୍ମଚାରୀମାନେ ତାଗିଦା କରୁଥିଲେ।

ହେଲେ ଏବେ ଏହି କଟକଣାକୁ ଆଉ କେହି ମାନୁନାହାନ୍ତି। ବିଶେଷକରି ପେଟ୍ରୋଲ ପମ୍ପରେ ଡିଜିଟାଲ ବ୍ୟବସ୍ଥାରେ ଅର୍ଥ ପଇଠ ବ୍ୟବସ୍ଥା କାର୍ଯ୍ୟକାରୀ ହେବା ପରଠାରୁ ଏଭଳି ସ୍ଥିତି ଉପୁଜିଛି। ପେଟ୍ରୋଲ ପମ୍ପ ପକ୍ଷରୁ ତେଲ ପକାଯାଉଥିବା ମେସିନ୍ ଓ ଏହାର ଆଖପାଖରେ ବିଭିନ୍ନ ୟୁପିଆଇର ବାରକୋଡ୍ ଲଗାଇ ଦିଆଯାଇଛି। ଗ୍ରାହକମାନଙ୍କୁ ସେଠାରେ ମୋବାଇଲ୍ ସ୍କାନ୍ କରି ପଇଠ ଲାଗି କୁହାଯାଉଛି। ଗ୍ରାହକମାନେ ମଧ୍ୟ ଫୋନ୍‌ରେ କଥା ହୋଇ ହୋଇ ସେଠାକୁ ଯାଉଛନ୍ତି ଓ ଅର୍ଥ ପଇଠ କରୁଛନ୍ତି।





ତୈଳ କମ୍ପାନୀର ସାନଠୁ ବଡ ଅଫିସରମାନେ ଏଭଳି ସ୍ଥିତି ଦେଖୁଥିଲେ ମଧ୍ୟ ନିରବ ରହୁଛନ୍ତି। ପେଟ୍ରୋଲ ପମ୍ପଗୁଡିକ ମଧ୍ୟ ବିଭିନ୍ନ କାର୍ଡ ଜରିଆରେ ଅର୍ଥ ନେବା ବଦଳରେ ଗ୍ରାହକମାନଙ୍କୁ ୟୁପିଆଇ ଜରିଆରେ ଅର୍ଥ ପଇଠ ପାଇଁ ପ୍ରୋତ୍ସାହିତ କରୁଛନ୍ତି। ହେଲେ ଏହି ପଇଠ ବ୍ୟବସ୍ଥାକୁ ତେଲ ପକାଇବାଠାରୁ କିଛି ଦୂରରେ ରଖିବା ବଦଳରେ ତାହାକୁ ଅତି ନିକଟରେ ରଖୁଛନ୍ତି।

ପେଟ୍ରୋଲ ପମ୍ପର କିଛି କର୍ମଚାରୀଙ୍କ କହିବାକଥା ଯେ କଟକଣା ଏବେ ବି ରହିଛି। ହେଲେ ତାହାକୁ କେହି ମାନୁ ନାହାନ୍ତି। ଯଦି କଟକଣା କଡାକଡି ଭାବେ କାର୍ଯ୍ୟକାରୀ ହେବ ତେବେ ପେଟ୍ରୋଲ ପମ୍ପ ମାଲିକଙ୍କୁ ୟୁପିଆଇ ବାରକୋଡ୍ ତେଲ ପକାଇବା ସ୍ଥାନରୁ ଦୂରରେ ରଖିବାକୁ ହେବ ଏବଂ ସେଥିପାଇଁ ଅତିରିକ୍ତ କର୍ମଚାରୀ ମୁତୟନ କରିବାକୁ ପଡିବ। ଏଥିଯୋଗୁଁ ଅନେକ ପେଟ୍ରୋଲ ପମ୍ପ ପକ୍ଷରୁ କଟକଣାକୁ ଜାଣିଶୁଣି ଆଖିବୁଜି ଦିଆଯାଉଛି। ତୈଳ କମ୍ପାନୀର ପରିଦର୍ଶନ ଦାୟିତ୍ୱରେ ଥିବା ବାବୁମାନେ ବି ଏଥିପ୍ରତି ଦୃଷ୍ଟି ଦେଉ ନାହାନ୍ତି।

କେବଳ ଏହି କଟକଣା ନୁହେଁ, ଖୋଦ୍ ରାଜଧାନୀରେ ଥିବା କେତେକ ପେଟ୍ରୋଲ ପମ୍ପ ଗ୍ରାହକମାନଙ୍କୁ ଯୋଗାଇବା ପାଇଁ ଥିବା ସର୍ବନିମ୍ନ ମୌଳିକ ସୁବିଧା ମଧ୍ୟ ପ୍ରଦାନ କରୁନାହାନ୍ତି। କେଉଁ ତେଲ ଟାଙ୍କିରେ କାର୍ଡ କାମ କରୁନାହିଁ କହି ନିକଟସ୍ଥ ଏଟିଏମ୍‌ରୁ ଟଙ୍କା ଉଠାଇ ଆଣି ପଇଠ କରିବା କିମ୍ବା ୟୁପିଆଇ ଜରିଆରେ ପଇଠ ପାଇଁ ବାଧ କରାଯାଉଛି ତ ଆଉ କେଉଁଠାରେ ଯାନବାହାନରେ ପ୍ରେସ୍‌ର ଦେବାପାଇଁ କର୍ମଚାରୀ ଅଭାବ ଓ ଯନ୍ତ୍ର ଖରାପର ଆଳ ଦେଖାଯାଉଛି। ପାନୀୟଜଳ, ଶୌଚାଳୟ ଆଦି ବ୍ୟବସ୍ଥା ତ ବହୁ ପେଟ୍ରୋଲ ପମ୍ପରେ ନାହିଁ।

ତେଣୁ ତୈଳ କମ୍ପାନୀଗୁଡିକ ଏଥିପ୍ରତି ଦୃଷ୍ଟିଦେବା ସହିତ ମୋବାଇଲ୍ ବ୍ୟବହାର ନେଇ ସ୍ୱତନ୍ତ୍ର ମାର୍ଗଦର୍ଶିକା ଜାରି କରିବା ଆବଶ୍ୟକ। ନଚେତ ଆଗାମୀ ଦିନରେ ପେଟ୍ରୋଲ ପମ୍ପ ପରିସରରେ ମୋବାଇଲ୍ ବ୍ୟବହାର ଯୋଗୁଁ କୌଣସି ପ୍ରକାର ଅଘଟଣ ଘଟିଲେ ସେମାନେ ହିଁ ପ୍ରଥମେ ଦୋଷ ମୁଣ୍ଡାଇବେ ଓ ସାଧାରଣ ଲୋକେ କ୍ଷୟକ୍ଷତିର ସମ୍ମୁଖୀନ ହେବେ।

## ବିଶ୍ୱ ଟେଷ୍ଟ ଚାମ୍ପିୟନସିପ୍
## କଷ୍ଟକର ହେବ ଭାରତର ଫାଇନାଲ ରାସ୍ତା



**ନୂଆଦିଲ୍ଲୀ, ୯।୧ : ଏକ୍ସପ୍ରେସ୍ ନ୍ୟୁଜ୍**

ନିକଟରେ ସମାପ୍ତ ଆସେସ ସିରିଜକୁ ୪-୧ରେ ଜିତିନେବା ପରେ ଅଷ୍ଟ୍ରେଲିଆ ବିଶ୍ୱ ଟେଷ୍ଟ ଚାମ୍ପିୟନସିପ୍ (ଡବ୍ଲୁଟିସି) ୨୦୨୫-୨୭ ପଏଣ୍ଟ ଟେବୁଲର ଶୀର୍ଷରେ ନିଜର ସ୍ଥିତିକୁ ସୁଦୃଢ କରିନେଇଛି। କିନ୍ତୁ ଭାରତ ପାଇଁ ଆଗକୁ ସ୍ଥିତି ଆହ୍ୱାନମୂଳକ ହୋଇପଡୁଛି।

ପଏଣ୍ଟ ଟେବୁଲରେ ଅଷ୍ଟ୍ରେଲିଆ ଏବେ ୮୭.୫୦ ପରସେଣ୍ଟେଜ ପଏଣ୍ଟ (ପିସିଟି) ସହ ଶୀର୍ଷରେ ରହିଛି। ନ୍ୟୁଜିଲାଣ୍ଡ ୭୭.୭୮ ପିସିଟି ସହ ଦ୍ୱିତୀୟ ସ୍ଥାନରେ ରହିଛି। ସେହିପରି ୭୫ ପିସିଟି ସହ ଦକ୍ଷିଣ ଆଫ୍ରିକା ୩ୟ ସ୍ଥାନରେ ରହିଛି। ଅନ୍ୟପକ୍ଷରେ ୪୮.୧୫ ପିସିଟି ସହ ଭାରତ ୬ଷ୍ଠ ସ୍ଥାନରେ ରହିଛି। ଏଣୁ ଫାଇନାଲରେ ପହଞ୍ଚିବାକୁ ଭାରତକୁ ଆଗାମୀ ଟେଷ୍ଟ ସିରିଜଗୁଡ଼ିକରେ ଭଲ ପ୍ରଦର୍ଶନ କରିବାକୁ ହେବ। ସେପଟେ ଆସେସ ପରାଜୟ ସହ ଇଂଲଣ୍ଡ ୩୧.୬୭ ପିଟିସି ସହ ୭ମ ସ୍ଥାନକୁ ଖସିଆସିଛି।

ବିଶ୍ୱ ଟେଷ୍ଟ ଚାମ୍ପିୟନସିପ୍ (ଡବ୍ଲୁଟିସି)ର ୨୦୨୫-୨୦୨୭ରେ ଭାରତ ମୋଟ ୧୮ଟି ଟେଷ୍ଟ ଖେଳିବ। ତା ମଧ୍ୟରେ ୨୦୨୫ରେ ଭାରତ ୱେଷ୍ଟ ଇଣ୍ଡିଜ ବିପକ୍ଷ ଦୁଇଟିକିଆ ସିରିଜ ୨-୦ରେ ବିଜୟୀ ହୋଇଥିଲା ଓ ଦକ୍ଷିଣ ଆଫ୍ରିକା ବିପକ୍ଷ ଦୁଇଟିକିଆ ସିରିଜକୁ ୨-୦ରେ ହାରିଯାଇଥିଲା। ଚଳିତ ବର୍ଷ ଅର୍ଥାତ ୨୦୨୬ରେ ଭାରତ ନ୍ୟୁଜିଲାଣ୍ଡ ଓ ଶ୍ରୀଲଙ୍କା ବିପକ୍ଷରେ ୨ଟି ଲେଖାଏଁ ଟେଷ୍ଟ, ଇଂଲଣ୍ଡ ବିପକ୍ଷରେ ୫ଟି ଓ ୨୦୨୭ ଆରମ୍ଭରେ ଅଷ୍ଟ୍ରେଲିଆ ବିପକ୍ଷରେ ୫ଟି ଟେଷ୍ଟ ଖେଳିବ। ଏଗୁଡ଼ିକ ମଧ୍ୟରୁ ଅଷ୍ଟ୍ରେଲିଆ ବିପକ୍ଷ ୫ଟିକିଆ ସିରିଜ ଭାରତରେ ଖେଳାଯିବ। ଅନ୍ୟ ଟେଷ୍ଟଗୁଡ଼ିକ ଖେଳିବାକୁ ଭାରତ ବିଦେଶ ଗସ୍ତ କରିବ। ଏଣୁ ଫାଇନାଲ ଦୌଡ଼ରେ ରହିବାକୁ ହେଲେ ବିଦେଶ ମାଟିରେ ଭାରତକୁ ଭଲ ପ୍ରଦର୍ଶନ କରିବାକୁ ପଡ଼ିବ।

ବିଶେଷକରି ଇଂଲଣ୍ଡର ସ୍ୱିଙ୍ଗ ପିଚରେ ଶୁବମନ ଗିଲଙ୍କ ଦଳକୁ ଭଲ ପ୍ରଦର୍ଶନ କରିବାକୁ ହେବ। ପୁଣି ନ୍ୟୁଜିଲାଣ୍ଡ ଗସ୍ତରେ ଭାରତ ସବୁଠାରୁ ପ୍ରତିକୂଳ ପରିସ୍ଥିତିର ସମ୍ମୁଖୀନ ହୋଇପାରେ। ସେପଟେ ଘରୋଇ ମାଟିରେ ଶକ୍ତିଶାଳୀ ଅଷ୍ଟ୍ରେଲିଆର ସମ୍ମୁଖୀନ ହେବାକୁ ପଡ଼ିବ। ଏଣୁ କୁହାଯାଇପାରେ ଯେ ଭାରତ ପାଇଁ ଡବ୍ଲୁଟିସି ଫାଇନାଲରେ ପହଞ୍ଚିବା ଅସମ୍ଭବ ନ ହେଲେ ବି ଆହ୍ୱାନମୂଳକ ହୋଇପାରେ।

# ହାଇକୋର୍ଟରେ ଦିଦି-ଇଡି: ୧୪କୁ ଶୁଣାଣି ଘୁଞ୍ଚିଲା

**କୋଲକାତା, ୯।୧ (ଏକ୍ସପ୍ରେସ୍ ନ୍ୟୁଜ୍)**

ଆଇ-ପାକ୍ କାର୍ଯ୍ୟାଳୟରେ ଇଡି ଚଢାଉ ନେଇ ଶୁଣାଣି ବେଳେ କଲକାତା ହାଇକୋର୍ଟରେ ପ୍ରବଳ ହଙ୍ଗାମା ହୋଇଛି। ପ୍ରବଳ ଭିଡ ଓ ହଙ୍ଗାମା ପାଇଁ ଆସନ୍ତା ୧୪ ତାରିଖକୁ ଶୁଣାଣି ଘୁଞ୍ଚାଇଛନ୍ତି ହାଇକୋର୍ଟ। ଅନ୍ୟ ଏକ ବେଞ୍ଚରେ ଜରୁରୀ ଶୁଣାଣି ପାଇଁ ଇଡି ଆବେଦନ କରିଛି। ଗତକାଲି ଇଡି ଚଢାଉକୁ ବିରୋଧ କରି ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ବିଶାଳ ଶୋଭାଯାତ୍ରା ଆରମ୍ଭ କରିଛନ୍ତି। କେନ୍ଦ୍ର ସରକାରଙ୍କ ବିରୋଧରେ ସମର୍ଥକଙ୍କ ସହ ମମତା ନାରାବାଜି ଦେଇଛନ୍ତି। କେନ୍ଦ୍ର ସରକାର କେନ୍ଦ୍ରୀୟ ଏଜେନ୍ସିର ଅପବ୍ୟବହାର କରୁଥିବା ଅଭିଯୋଗ କରିଛନ୍ତି ମମତା। ପଶ୍ଚିମବଙ୍ଗରେ ଆଇ ପ୍ୟାକ୍ ଅଫିସ ଉପରେ ଇଡି ଚଢାଉକୁ ବିରୋଧ କରି ଟିଏମସି ସାଂସଦ କେନ୍ଦ୍ର ଗୃହମନ୍ତ୍ରୀଙ୍କ ଅଫିସ ଆଗରେ ପ୍ରଦର୍ଶନ କରିଥିଲେ। ଗୃହ ମନ୍ତ୍ରଣାଳୟ ବାହାରେ ଧାରଣା ଦେଉଥିବା ଟିଏମସି ସାଂସଦକୁ ପୁଲିସ ଅଟକ ରଖି ଛାଡି ଦେଇଛି। ଏମାନଙ୍କ ଭିତରେ ଶତାବ୍ଦୀ ରାୟ, ମହୁଆ ମଇତ୍ରା, ବାପି ହଲଦର, ସାକେତ ଗୋଖଲେ, ପ୍ରତିମା ମଣ୍ଡଳ, କୀର୍ତ୍ତି ଆଜାଦ ଏବଂ ଡ. ଶର୍ମିଳା ସାମିଲ ରହିଥିଲେ। ଦିଲ୍ଲୀରେ ଗୃହମନ୍ତ୍ରୀଙ୍କ ଅଫିସ୍ ବାହାରେ ଆଜି ଟିଏମସି ନେତାମାନେ ପ୍ରଦର୍ଶନ କରିବା ଆରମ୍ଭ କରିଥିଲେ। ଗଣତନ୍ତ୍ରକୁ ମୋଡ଼ି ମକଚି ଦିଆଯାଉଛି ବୋଲି ନାରାବାଜି କରିବା ସହିତ ଟିଏମସି ସାଂସଦମାନେ ପ୍ରତିବାଦ କରିଥିଲେ। ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ କେନ୍ଦ୍ରୀୟ ଏଜେନ୍ସି ତୃଣମୂଳ କଂଗ୍ରେସ ଦଳର ଦସ୍ତାବିଜ ଚୋରି କରିଥିବା ଅଭିଯୋଗ କରିଥିଲେ। ଅପରପକ୍ଷେ ମମତା ବଳପୂର୍ବକ ଇଡି ଜବତ କରିଥିବା ଓ ମନିଲଣ୍ଡରିଂର ପ୍ରମାଣ ଥିବା ଦସ୍ତାବିଜ, ହାର୍ଡଡିସ୍କ ଆଦି ଛଡାଇ ନେଇଥିବା ଇଡି ଅଭିଯୋଗ କରିଥିଲା। ପରେ ମମତା ବାନାର୍ଜୀଙ୍କ ବିରୋଧରେ ଇଡି ଓ ଇଡି ବିରୋଧରେ ତୃଣମୂଳ କଂଗ୍ରେସ ହାଇକୋର୍ଟର ଦ୍ୱାରସ୍ଥ ହୋଇଛନ୍ତି।



# ଖାତକୁ ବସ୍ ଖସି ୧୩ ମୃତ



**ନୂଆଦିଲ୍ଲୀ, ୯।୧ : ଏକ୍ସପ୍ରେସ୍ ନ୍ୟୁଜ୍**

ଖାତକୁ ଏକ ଯାତ୍ରୀବାହୀ ବସ୍ ଖସିଯିବାରୁ ୧୩ଜଣଙ୍କ ମୃତ୍ୟୁ ଘଟିଛି। ଏହି ଦୁର୍ଘଟଣାରେ ପ୍ରାୟ ୩୩ ଜଣ ଆହତ ହୋଇଥିବା ଜଣାଯାଇଛି। ଶୁକ୍ରବାର, ହିମାଚଳ ପ୍ରଦେଶର ସିରମୌର ଜିଲ୍ଲାରେ ଘଟିଛି ଏହି ଭୟଙ୍କର ସଡ଼କ ଦୁର୍ଘଟଣା। ସମସ୍ତ ଆହତଙ୍କୁ ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରାଯାଇଛି ଏବଂ ସେମାନଙ୍କର ଚିକିତ୍ସା ଚାଲିଛି। ମୃତକଙ୍କୁ ଚିହ୍ନଟ କରିବା ପାଇଁ ପ୍ରୟାସ ଚଳାଇଛି ପୁଲିସ।

ସୂଚନା ଅନୁସାରେ, ଶ୍ରୀ ରେଣୁକାଜୀ ବିଧାନସଭା କ୍ଷେତ୍ରର ହରିପୁରଧାରରେ ଏକ ଘରୋଇ ବସ୍ ନିୟନ୍ତ୍ରଣ ହରାଇ ହୋଇ ୫୦୦ ମିଟର ଖାଇକୁ ଖସିପଡ଼ିଛି। ଏହି ମର୍ମନ୍ତୁଦ ଦୁର୍ଘଟଣାରେ ୧୩ ଜଣକ ମୃତ୍ୟୁ ହୋଇଥିବା ବେଳେ ୩୩ ଜଣ ଆହତ ହୋଇଛନ୍ତି। ସେହିଭଳି ମୃତକଙ୍କ ସଂଖ୍ୟା ବଢ଼ିବା ନେଇ ଆଶଙ୍କା କରାଯାଉଛି।

ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି, ଜିତ କୋଚ ବସ୍ ସିମଲା ଜିଲ୍ଲାର କୁପବୀରୁ ସୋଲନ ଯାଉଥିଲା। କୁହୁଡ଼ି ଏବଂ ଥଣ୍ଡା କାରଣରୁ ରାସ୍ତା ଖସଡ଼ା ହୋଇଥିଲା। ଏହା ଯୋଗୁ ବସ୍ ନିୟନ୍ତ୍ରଣ ହରାଇ ଦୁର୍ଘଟଣାର ଶିକାର ହୋଇଥିଲା। ସଂଗଡାହ ରାଜଗଡ଼ ନୋହରାଧାରରୁ ପୋଲିସ ଯବାନ ଘଟଣା ଘଟଣାସ୍ଥଳରେ ପହଞ୍ଚିଛନ୍ତି। ଜିଲ୍ଲା ସିରମୋରର ପୋଲିସ ଅଧୀକ୍ଷକ ନିଶ୍ଚିତ ସିଂହ ନେଗୀ ମଧ୍ୟ ଦୁର୍ଘଟଣା ସ୍ଥଳରେ ପହଞ୍ଚିଛନ୍ତି।

# ଭଡ଼ା ଘରୁ ଯୁବତୀଙ୍କ ମୃତଦେହ ଉଦ୍ଧାର

**କେନ୍ଦ୍ରପଡ଼ା, ୯।୧ : ଏକ୍ସପ୍ରେସ୍ ନ୍ୟୁଜ୍**

ଭଡ଼ା ଘରୁ ଜଣେ ଯୁବତୀଙ୍କ ମୃତଦେହ ଉଦ୍ଧାର ହୋଇଛି। କେନ୍ଦ୍ରାପଡ଼ା ଟାଉନ୍ ଥାନା ଅନ୍ତର୍ଗତ ସୁନାଇଲୋ ଗାଁରେ ଘଟିଛି ଏଭଳି ଅଭାବନୀୟ ଘଟଣା। ମୃତ ଯୁବତୀ ରାଜକନିକା ଥାନା ତରାସ ଗାଁର ବୋଲି ଜଣାପଡିଛି। ସେ କେନ୍ଦ୍ରାପଡ଼ାରେ ରହି ବିଭିନ୍ନ ପରୀକ୍ଷା ପାଇଁ ପ୍ରସ୍ତୁତ ହେଉଥିଲେ। ଘର ଲୋକଙ୍କ କହିବା ଅନୁଯାୟୀ, ଗତ ୭ ତାରିଖ ସନ୍ଧ୍ୟାରେ ଯୁବତୀ ଜଣଙ୍କ ନିଜ ପରିବାର ଲୋକଙ୍କ ସହିତ କଥା ହୋଇଥିଲେ। କିନ୍ତୁ ପରଦିନ ଅର୍ଥାତ୍ ୮ ତାରିଖ ସନ୍ଧ୍ୟାରେ ତାଙ୍କ ଫୋନ୍ ସ୍ୱିଚ ଅଫ୍ ଥିଲା। କୌଣସି ସୂତ୍ରରୁ ଖବର ପାଇ ପରିବାର ଲୋକେ ପହଞ୍ଚିବା ପରେ ଘର ଭିତରେ ଚଟାଣରେ ଝିଅର ମୃତଦେହ ପଡିଥିବା ଦେଖିଥିଲେ। ଘର ସିଲିଂ ଫ୍ୟାନ୍‌ରେ ଏକ ଶାଢ଼ି ଝୁଲି ରହିଥିବା ବେଳେ ଫ୍ୟାନ ବ୍ଲେଡ ବଙ୍କା ହୋଇଯାଇଥିଲା। ତେବେ ତାଙ୍କ ଝିଅକୁ ଦୁଷ୍କର୍ମ ପରେ ହତ୍ୟା କରାଯାଇଥିବା ଯୁବତୀଙ୍କ ବାପା କେନ୍ଦ୍ରାପଡା ଟାଉନ୍ ଥାନାରେ ଅଭିଯୋଗ କରିଛନ୍ତି। ଏହି ଘଟଣାରେ ଟାଉନ୍ ପୋଲିସ ଜଣେ ଯୁବକଙ୍କୁ ଅଟକ ରଖିଥିବା ଜଣାପଡିଛି। ସୂଚନା ଅନୁଯାୟୀ ଯୁବତୀ ଜଣଙ୍କ ପୂର୍ବରୁ କେନ୍ଦ୍ରାପଡା ମ୍ୟୁନିସିପାଲିଟିର ସ୍ୱଚ୍ଛଭାରତ ଅଭିଯାନରେ କାର୍ଯ୍ୟ କରୁଥିଲେ।

## ପ୍ରଥମ ପୃଷ୍ଠାରୁ...

### ରାସନକାର୍ଡ ପାଇଁ...

୧୦୦ ଜିଡବ୍ଲ୍ୟୁ ଘରୋଇ ସୌର ମଡ୍ୟୁଲ୍ ଉତ୍ପାଦନ କରିବାର ଭାରତର ଲକ୍ଷ୍ୟକୁ ହାସଲ କରିବାରେ ମଧ୍ୟ ସହାୟକ ହେବ। ଓଡିଶା ଭାରତର ସୌର ଶକ୍ତି ଉପକରଣ ଉତ୍ପାଦନର ଏକ ପ୍ରମୁଖ ହବ୍ ଭାବେ ଉଭା ହେବ।

ରାଜ୍ୟରେ ପର୍ଯ୍ୟଟନ କ୍ଷେତ୍ରକୁ ଅଧିକ ଆକର୍ଷଣୀୟ କରିବା ପାଇଁ 'ଓଡିଶା ପର୍ଯ୍ୟଟନ (ସଂଶୋଧନ) ନୀତି-୨୦୨୬'କୁ କ୍ୟାବିନେଟ୍ ଅନୁମୋଦନ କରିଛନ୍ତି। ନିବେଶକଙ୍କ ସୁବିଧା ପାଇଁ ୩-ତାରକା ଓ ତଦୁର୍ଦ୍ଧ୍ୱ ତାରକା ବିଶିଷ୍ଟ ହୋଟେଲ ପାଇଁ ସର୍ବନିମ୍ନ କୋଠରୀ ସଂଖ୍ୟା ୫୦ରୁ ୧୦କୁ ହ୍ରାସ କରାଯାଇଛି। ପୁଞ୍ଜି ନିବେଶ ସବସିଡି ଢାଂଚାକୁ ସରଳୀକୃତ କରି ୩୦%ରୁ ୪୦% ପର୍ଯ୍ୟନ୍ତ ସହାୟତା ବ୍ୟବସ୍ଥା କରାଯାଇଛି।

ଅନ୍ୟପକ୍ଷରେ ହୀରାକୁଦ, ସାତକୋଶିଆ, ଶିମିଳିପାଳ ଏବଂ ଭିତରକନିକା ଭଳି ଉଚ୍ଚ-ସମ୍ଭାବ୍ୟ ପର୍ଯ୍ୟଟନ ସ୍ଥଳୀକୁ ସ୍ୱତନ୍ତ୍ର ଜୋନରେ ଅନ୍ତର୍ଭୁକ୍ତ କରାଯାଇଛି। ସଂଶୋଧିତ ପର୍ଯ୍ୟଟନ ନୀତି ଅନୁସାରେ ମୁମ୍ବାଇ, ଦିଲ୍ଲୀ ଓ ବେଙ୍ଗାଲୁରୁ ଭଳି ଦେଶର ୫ଟି ମେଟ୍ରୋ ସହର ସମେତ ଆଗ୍ରା, ବାରାଣସୀ ଭଳି ୫ଟି ପ୍ରମୁଖ ପର୍ଯ୍ୟଟନ ସ୍ଥଳୀରେ ଓଡିଆ ଖାଦ୍ୟକୁ ପ୍ରୋତ୍ସାହନ ଦେବା ପାଇଁ ଓଡିଆ ରେଷ୍ଟୁରାଂଟ ଖୋଲିବାକୁ ସରକାର ସହାୟତା ପ୍ରଦାନ କରିବେ।

ରାଜ୍ୟର ଯୁବପିଢ଼ିଙ୍କୁ ବିଶ୍ୱସ୍ତରୀୟ ଦକ୍ଷତା ପ୍ରଦାନ କରିବା ପାଇଁ 'ଓଡିଶା ଦକ୍ଷତା ବିକାଶ ପ୍ରକଳ୍ପର ପର୍ଯ୍ୟାୟ-୨'କୁ କ୍ୟାବିନେଟ୍ ମଞ୍ଜୁରୀ ଦେଇଛନ୍ତି। ଏସୀୟ ବିକାଶ ବ୍ୟାଙ୍କ ସହାୟତାରେ ଏହି ୧୧୪୦ କୋଟି ଟଙ୍କାର ପ୍ରକଳ୍ପ ୨୦୨୫-୨୬ ରୁ ୨୦୨୯-୩୦ ମଧ୍ୟରେ କାର୍ଯ୍ୟକାରୀ ହେବ। ଭୁବନେଶ୍ୱର ବିଶ୍ୱ ଦକ୍ଷତା କେନ୍ଦ୍ରର ସମ୍ପ୍ରସାରଣ ସହ ବ୍ରହ୍ମପୁରରେ ହସ୍ପିଟାଲିଟି ଓ ସାମୁଦ୍ରିକ କ୍ଷେତ୍ର ଏବଂ ସମ୍ବଲପୁରରେ କୃଷି-ପ୍ରଯୁକ୍ତିବିଦ୍ୟା ପାଇଁ ନୂତନ କ୍ୟାମ୍ପସ ସ୍ଥାପନ କରାଯିବ। ଏହାସହିତ ରାଜ୍ୟର ୫ଟି ସରକାରୀ ଆଇଟିଆଇକୁ 'ଉତ୍କର୍ଷ ଆଇଟିଆଇ ଭାବେ ଉନ୍ନୀତ କରାଯିବ। ଏସବୁ ଦ୍ୱାରା ରାଜ୍ୟରେ ବାର୍ଷିକ ୬୦ହଜାରରୁ ଅଧିକ ଯୁବକଯୁବତୀଙ୍କୁ ଉପକୃତ ହେବେ।

ଆପାର୍ଟମେଣ୍ଟ ମାଲିକଙ୍କ ଆର୍ଥିକ ବୋଝ ହ୍ରାସ କରିବାକୁ ରାଜ୍ୟ କ୍ୟାବିନେଟ୍ ଆଜି ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି। ଆପାର୍ଟମେଣ୍ଟର ସମୂହ ଅଂଚଳ(କମନ ଏରିଆ) ପଞ୍ଜିକରଣ ପାଇଁ ୫ ପ୍ରତିଶତ ଷ୍ଟାମ୍ପ ଡ୍ୟୁଟି ପରିବର୍ତ୍ତେ ମାତ୍ର ୫୦ହଜାର ଟଙ୍କାର ନାମକୁ ମାତ୍ର ଶୁଳ୍କ ଦେବାକୁ ପଡିବ।

ସେହିପରି ନୂତନ କେନ୍ଦ୍ରୀୟ ଆଇନ 'ଭାରତୀୟ ନାଗରିକ ସୁରକ୍ଷା ସଂହିତା-୨୦୨୩' ସହ ତାଳ ମିଳାଇ ରାଜ୍ୟ ଅଭିଯୋଜନ ସେବା ନିୟମାବଳୀ-୧୯୯୭ରେ ସଂଶୋଧନ କରାଯାଇଛି, ଯାହା ଅଧୀନରେ ପ୍ରତ୍ୟେକ ଜିଲ୍ଲାରେ ଜିଲ୍ଲା ଅଭିଯୋଜନ ନିର୍ଦ୍ଦେଶାଳୟ ଗଠନ କରାଯିବ ଏହି ପ୍ରସ୍ତାବକୁ କ୍ୟାବିନେଟ୍ ମଞ୍ଜୁରୀ ଦେଇଛନ୍ତି।

ଏସବୁ ବ୍ୟତୀତ ବାଲେଶ୍ୱର ଜିଲ୍ଲାରେ ଜଳସେଚନ ସୁବିଧା ବୃଦ୍ଧି ପାଇଁ ଆନନ୍ଦପୁର ବ୍ୟାରେଜ ପ୍ରକଳ୍ପ ଅଧୀନରେ ଭୂତଳ ପାଇପଲାଇନ ନିର୍ମାଣ ନିମନ୍ତେ ୩୧୦ କୋଟିରୁ ଅଧିକ ଟଙ୍କାର ପ୍ରକଳ୍ପ ସଂକ୍ରାନ୍ତ ଟେଣ୍ଡରକୁ ଅନୁମୋଦନ ମିଳିଛି। ଜିଲ୍ଲାର ସୋରୋ, ବାହାନଗା ଓ ଓଉପଦା ବ୍ଲକର ୧୨୧୫୫ ହେକ୍ଟର ଚାଷଜମିକୁ ଜଳସେଚନ ସୁବିଧା ମିଳିବ। 'ଜଳ ଜୀବନ ମିଶନ'ର ପ୍ରକଳ୍ପଗୁଡିକୁ ବାଧାହୀନ ଭାବେ ଚଳାଇବା ପାଇଁ କେନ୍ଦ୍ରୀୟ ଅଂଶ ଆସିବା ପୂର୍ବରୁ ରାଜ୍ୟ ପାଣ୍ଠିରୁ ଅର୍ଥ ଖର୍ଚ୍ଚ କରିବାକୁ କ୍ୟାବିନେଟ୍ ଅନୁମତି ଦେଇଛନ୍ତି।

ସେହିପରି 'ପାର୍ବତୀଗିରି ବୃହତ୍ ଉଠା ଜଳସେଚନ ଯୋଜନା' ଅନ୍ତର୍ଗତ ଗଞ୍ଜାମ ଜିଲ୍ଲାର ୬୩୪୩ ହେକ୍ଟର ଚାଷଜମିକୁ ଜଳସେଚନ ଯୋଗାଇ ଦେବା ପାଇଁ ୧୯୦.୩୭ କୋଟି ଟଙ୍କାର ଟେଣ୍ଡରକୁ ଆଜି କ୍ୟାବିନେଟ୍ ଅନୁମୋଦନ କରିଛନ୍ତି। ପ୍ରକଳ୍ପଟିକୁ ୩୬ମାସ ମଧ୍ୟରେ ସମ୍ପୂର୍ଣ୍ଣ କରାଯିବାର ଲକ୍ଷ୍ୟ ରଖାଯାଇଛି ଓ ଏହାର ୧୫ବର୍ଷ ପର୍ଯ୍ୟନ୍ତ ପରିଚାଳନା ଓ ରକ୍ଷଣାବେକ୍ଷଣ ପାଇଁ ମଧ୍ୟ ୧୫.୨୩କୋଟି ଟଙ୍କାର ପ୍ରାବଧାନ ରହିଛି। ଗଞ୍ଜାମ ଜିଲ୍ଲାର ୮୫ଟି ଗାଁର ଚାଷୀ ଏହି ଜଳସେଚନ ପ୍ରକଳ୍ପ ଦ୍ୱାରା ଉପକୃତ ହେବେ ବୋଲି କ୍ୟାବିନେଟ୍ ବୈଠକର ବିବରଣୀରୁ ଜଣାପଡିଛି।

### ପୋଷ୍ୟପୁତ୍ରଙ୍କୁ...

୨୦୦୮ ଏପ୍ରିଲ ୨ ତାରିଖରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ସେ ପୋଷ୍ୟପୁତ୍ର ଭାବେ ଗ୍ରହଣ କରିଥିବା କେ ମନୋଜ ପାତ୍ର ଅନୁକଂପାମୂଳକ ନିଯୁକ୍ତି ପାଇଁ ଆବେଦନ କରିଥିଲେ। କିନ୍ତୁ ପୋଷ୍ୟପୁତ୍ରଙ୍କୁ ଅନୁକଂପାମୂଳକ ନିଯୁକ୍ତି ମିଳିପାରିବ ନାହିଁ ବୋଲି ଦର୍ଶାଇ ତାଙ୍କ ଆବେଦନ୍‌କୁ ଖାରଜ କରିଦେଇଥିଲେ। ଏହାକୁ ଚାଲେଂଜ କରି କେ ସାଧୁପାତ୍ରଙ୍କ ପତ୍ନୀ ଏବଂ ପୋଷ୍ୟପୁତ୍ର କେ ମନୋଜ ପାତ୍ର କ୍ୟାଟ (କେନ୍ଦ୍ରୀୟ ପ୍ରଶାସନିକ ଟ୍ରିବ୍ୟୁନାଲ) ରେ ମାମଲା ରୁଜୁ କରିଥିଲେ। କ୍ୟାଟ ୨୦୨୫ ରେ ରେଳବାଇ କର୍ତ୍ତୃପକ୍ଷଙ୍କ ଆଦେଶକୁ ଖାରଜ କରିଦେଇଥିଲେ। ଏହି ଆଦେଶ ବିରୋଧରେ ରେଳବାଇ କର୍ତ୍ତୃପକ୍ଷ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ରେଳବାଇ କର୍ତ୍ତୃପକ୍ଷଙ୍କ ଏହି ଆବେଦନକୁ ଖାରଜ କରି ପୋଷ୍ୟପୁତ୍ର ମନୋଜକୁ ନିଯୁକ୍ତି ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। କେ ମନୋଜ ପାତ୍ରଙ୍କ ପକ୍ଷରୁ ଆଇନଜୀବି ଦିଲୀପ କୁମାର ମହାନ୍ତି ମାମଲା ପରିଚାଳନା କରୁଥିଲେ।

### ବିଏମ୍‌ସିର ୟୁଜର୍ସ...

ବିଭିନ୍ନ ଦପ୍ତର, ଶିକ୍ଷାନୁଷ୍ଠାନ, ବ୍ୟବସାୟିକ ପ୍ରତିଷ୍ଠାନ, ବିବାହ ମଣ୍ଡପ, ଡାକ୍ତରଖାନା ଆଦି ଉପରେ ୟୁଜର୍ସ ଫି ଲାଗିବ। ଏହାଛଡ଼ା ବସ୍ତିବାସିନ୍ଦାଙ୍କଠାରୁ ଆରମ୍ଭ କରି ଯେଉଁମାନେ ଛୋଟବଡ଼ ଘର କରି ରହିଛନ୍ତି ଏବଂ ହୋଲଡିଂ ଟିକସ ଦେଉଛନ୍ତି ସେମାନଙ୍କ ଉପରେ ମଧ୍ୟ ୟୁଜର୍ସ ଫି ଲାଗୁ ହେବ। ପ୍ରତି ମାସରେ ଘରକୁ ଘର ବୁଲି ବିଏମ୍‌ସିର ପ୍ରତିନିଧିମାନେ ୟୁଜର୍ସ ଫି ସଂଗ୍ରହ କରିବେ। ପାଣି ଓ ବିଦ୍ୟୁତ ଦେୟ ଆକାଶଛୁଆଁ ଥିବାବେଳେ ବିଏମ୍‌ସିର ୟୁଜର୍ସ ଫି ଲୋକଙ୍କ ପାଇଁ ବୋଝ ଉପରେ ନଳିତା ବିଡ଼ା ସଦୃଶ ହେବାକୁ ଯାଉଛି।

ବିଶେଷକରି ଯେଉଁମାନେ ବିଭିନ୍ନ ମଣ୍ଡପ, ହୋଟେଲ ଓ ଅନ୍ୟାନ୍ୟ ସ୍ଥାନରେ ବିବାହ, ବ୍ରତପୋନୟନ ତଥା ବିଭିନ୍ନ ସାମାଜିକ, ରାଜନୈତିକ ଓ ଆଧ୍ୟାତ୍ମିକ କାର୍ଯ୍ୟକ୍ରମମାନ କରୁଛନ୍ତି ସେମାନଙ୍କ ଉପରେ ୟୁଜର୍ସ ଫି ର ଚାପ ଲୋକସଂଖ୍ୟା ଓ ଜାଗାର ଆୟତନ ଦେଖି ହଜାର ହଜାର ଟଙ୍କା ହୋଇଯିବ। ଏଥିଯୋଗୁ ସାଧାରଣ ଲୋକେ ଛାନିଆ ହୋଇପଡୁଛନ୍ତି। ତୁରନ୍ତ ମୁଖ୍ୟମନ୍ତ୍ରୀ ଓ ବିରୋଧୀ ଦଳ ନେତା ଏହି ବ୍ୟାପାରରେ ହସ୍ତକ୍ଷେପ କରିବାକୁ ଦଳମତ ନିର୍ବିଶେଷରେ ଦାବି ହେଉଛି।

### ସଡ଼କ ଦୁର୍ଘଟଣାରେ...

ଚାଲିଛି। ସ୍ଲିପର କୋଚଗୁଡ଼ିକ ଏବେ କେବଳ ଅଟୋମୋବାଇଲ କମ୍ପାନୀଗୁଡ଼ିକ ଦ୍ୱାରା ପ୍ରସ୍ତୁତ କରାଯିବ, ଯାହାକୁ କେନ୍ଦ୍ର ସରକାରଙ୍କ ଦ୍ୱାରା ମାନ୍ୟତା ଦିଆଯିବ। କେନ୍ଦ୍ର ସରକାର ଏବେ ଏହି ଦାୟିତ୍ୱ ଗ୍ରହଣ କରିଛନ୍ତି, କୌଣସି ପ୍ରକାରର ସାଲିସ କରାଯିବ ନାହିଁ ବୋଲି ସୁନିଶ୍ଚିତ କରି। ପୂର୍ବରୁ ଥିବା ବସଗୁଡ଼ିକରେ ଅଗ୍ନି ଚିହ୍ନଟ ବ୍ୟବସ୍ଥା, ଜରୁରୀକାଳୀନ ଆଲୋକୀକରଣ ଏବଂ ହାତୁଡ଼ି ସହିତ ଜରୁରୀକାଳୀନ ପ୍ରସ୍ଥାନ ପଥ ଭଳି ବୈଶିଷ୍ଟ୍ୟ ରହିବ।

### କମିବନି ଭକ୍ତ...

ଭକ୍ତ ନିବାସରେ ଗାଡ଼ି ପାର୍କିଂ କରି ପାରିବେ ନାହିଁ। ଯାତ୍ରୀମାନେ ଅନ୍ୟ ପାର୍କିଂ ସ୍ଥଳରେ ୨୪୦ଟଙ୍କା ଦେଇ ଗାଡ଼ି ପାର୍କିଂ କରୁଛନ୍ତି। ଭକ୍ତମାନେ ଚାହିଁଲେ ଅନ୍ୟ ପାର୍କିଂ ସ୍ଥଳରେ ଗାଡ଼ି ରଖି ଭକ୍ତ ନିବାସରେ ରହି ପାରିବେ ବୋଲି ଶ୍ରୀ ପାଢ଼ୀ ସୂଚନା ଦେଇଛନ୍ତି।

### ପିୟୁସିକୁ ନେଇ...

ଜରିମାନା କରାଯିବ ନାହିଁ ବୋଲି ଘୋଷଣା କରାଯିବା ସହ ଟୋଲ୍ ଗେଟରେ ଇ-ଡିଟେକ୍ସନକୁ ମଧ୍ୟ ସ୍ଥଗିତ ରଖାଗଲାଣି। ଏହି ବାରମ୍ବାର ପରିବର୍ତ୍ତନ ପରିବହନ ବିଭାଗର ସମ୍ପୂର୍ଣ୍ଣ ଅପାରଗତା ଏବଂ ଦୂରଦୃଷ୍ଟିର ଅଭାବକୁ ପଦାରେ ପକାଇଛି। ଯାନବାହନ ପ୍ରଦୂଷଣ ନିୟନ୍ତ୍ରଣ କରିବା ଗୁରୁତ୍ୱପୂର୍ଣ୍ଣ, କିନ୍ତୁ ଏହା ନାଗରିକମାନଙ୍କୁ ହଇରାଣ କରିବା ଉଚିତ ନୁହେଁ। ବିଜୁ ଜନତା ଦଳ ଦୃଢ଼ ଭାବରେ ଜନସାଧାରଣଙ୍କ ସହ ଠିଆ ହୋଇଛି ଏବଂ ଏହି ଅପରିଚାଳନା ବିରୁଦ୍ଧରେ ଆମେ ସ୍ୱର ଉତ୍ତୋଳନ କରିଆସୁଛୁ। ପିୟୁସି ସୁବିଧା ବୃଦ୍ଧି, ପ୍ରକ୍ରିୟା ସରଳୀ କରଣ ଓ ଅନ୍ୟାୟ ଜରିମାନା ବନ୍ଦ ଦାବି କରିବା ସହ ଓଡ଼ିଶାବାସୀଙ୍କ କଲ୍ୟାଣକୁ ପ୍ରାଥମିକତା ଦେବା ଦରକାର ବୋଲି ନବୀନ ପଟ୍ଟନାୟକ ସ୍ପଷ୍ଟ କରି ଶୁଣାଇଛନ୍ତି।

### କୁରାଢୀ ଚୋଟରେ...

କରୁଥିବା ବେଳେ ପୁଅ ତପନ ମଦ ପିଇ ଆସି ବାପାକୁ ପାଟିତୁଣ୍ଡ କରିବା ସହିତ ଗୋଇଠା ମାରିବାରୁ ବାପା ରାଗି ଯାଇ ଏକ କୁରାଢ଼ୀରେ ହାଣି ହତ୍ୟା କରିଥିଲା। ଏହାପରେ ଠାକୁରମୁଣ୍ଡା ଥାନାରେ ଆତ୍ମସମର୍ପଣ କରିଛନ୍ତି ବାପା। ଠାକୁରମୁଣ୍ଡା ଥାନା ପୁଲିସ ଏକ ମାମଲା ରୁଜୁ କରି ଅଧିକ ତଦନ୍ତ ଆରମ୍ଭ କରିଥିବା ବେଳେ ବାରିପଦାରୁ ସାଇଣ୍ଟିଫିକ ଟିମ ପହଞ୍ଚି ତଦନ୍ତ ଜୋରଦାର କରିଛି।

### ଜଣ୍ଡିସ୍‌ରେ ୧୫ରୁ...

ଦାବି କରିଛନ୍ତି। ଅନ୍ୟଥା ସେମାନେ ଗାଁରେ ନେତା ଅଫିସରଙ୍କୁ ପୁରାଇ ଦେବେନି ବୋଲି କହିଛନ୍ତି। ଖୁବ୍‌ଶୀଘ୍ର ପାନୀୟ ଜଳ ଯୋଗାଣ ସହ ଜଣ୍ଡିସ୍ ଓ ହାଇଜାର ପ୍ରତିକାର ନକଲେ ଆନ୍ଦୋଳନ କରିବେ ବୋଲି ଗ୍ରାମବାସୀ କହିଛନ୍ତି।

### ସ୍ୱର୍ଗଦ୍ୱାର ନିକଟରେ...

(ଅଭିଯୁକ୍ତ ତନ୍ମୟ ମହାପାତ୍ର) ଆମେ ଜାଣିନୁ। ଆମ କଥାବାର୍ତ୍ତା ଶୁଣି ସେ ପ୍ରତିକ୍ରିୟାଶୀଳ ହୋଇପଡିଥିଲେ। କାହିଁକି ବଡପାଟି କରୁଛ ବୋଲି ଆମକୁ କହିଥିଲେ। ତା'ସହିତ ଆମ ଘର କେଉଁଠି ବୋଲି ପଚାରିଲେ। ଏହାକୁ ନେଇ ତାଙ୍କ ସହିତ ଆମର ଯୁକ୍ତିତର୍କ ହୋଇଥିଲା। ରଞ୍ଜନଙ୍କ ସହିତ ତାଙ୍କର ଟିକେ ଜୋର ଯୁକ୍ତିତର୍କ ହୋଇଥିଲା। ସେହି ସମୟରେ ସେ ହଠାତ୍ ପକେଟରୁ ଛୁରୀ ବାହାର କରି ରଞ୍ଜନଙ୍କ ତଣ୍ଟିରେ ଭୁଷି ଦେଇଥିଲେ। ରଞ୍ଜନ ପଡ଼ିଯିବା ପରେ ମୁଁ ଜୀବନବିକଳରେ ଧାଇଁ ଥିଲି। କାରଣ ସେ ମୋତେ ବି ଆକ୍ରମଣ କରିଥିଲେ। ମୋ ଶରୀରର ୩ଟି ସ୍ଥାନରେ କ୍ଷତ ହୋଇଛି। ମାନସ ଆହୁରି କହିଛନ୍ତି ଯେ ରଞ୍ଜନ ବହୁତ ଗରିବ ଥିଲେ। ତାଙ୍କ ବୃଦ୍ଧ ବାପାମା' ଓ ଦୁଇଟି ଛୁଆ ଅଛନ୍ତି। ସେ ତାଙ୍କ ପରିବାରର ଏକମାତ୍ର ରୋଜଗାରିଆ ସଦସ୍ୟ ଥିଲେ। ସେ ଖଟିଲେ ପରିବାର ଚଳୁଥିଲା। ସରକାରଙ୍କ ତରଫରୁ ତାଙ୍କ ପରିବାରକୁ କିଛି ସହାୟତା ମିଳିଲେ ଭଲ ହୁଅନ୍ତା। ଅନ୍ୟପକ୍ଷରେ ଏହି ହତ୍ୟାକାଣ୍ଡ ପରେ ଖବର ପାଇ ଘଟଣାସ୍ଥଳରେ ପହଞ୍ଚିଥିଲା ସମୁଦ୍ରକୂଳ ଥାନା ପୁଲିସ। ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡିଥିବା ରଞ୍ଜନଙ୍କୁ ସେମାନେ ଡାକ୍ତରଖାନା ନେଇଥିଲେ। ସେଠାରେ ତାଙ୍କୁ ମୃତ ଘୋଷଣା କରାଯାଇଥିଲା। ପୁରୀ ଏସପି ପ୍ରତୀକ ସିଂହଙ୍କ ସୂଚନା ଅନୁଯାୟୀ, ଅଭିଯୁକ୍ତ ତନ୍ମୟ ମହାପାତ୍ରଙ୍କୁ ସମୁଦ୍ରକୂଳ ଥାନା ପୁଲିସ ଗିରଫ କରିଛି। ତା' ସହିତ ଘଟଣାର ତଦନ୍ତ ଜାରି ରଖିଛି।

# ଅମ୍ବରନାଥରେ ସିନ୍ଦେ ଶିବସେନା-ଏନସିପି ମେଣ୍ଟ !

**ମୁମ୍ବାଇ, ୯।୧ : ଏକ୍ସପ୍ରେସ୍ ନ୍ୟୁଜ୍**

**ବିଜେପିକୁ ବଡ ଝଟକା**

ମହାରାଷ୍ଟ୍ରରେ ପୌର ଏବଂ ପୌର ପରିଷଦ ନିର୍ବାଚନର ଫଳାଫଳ ଘୋଷଣା ହେବା ପରଠାରୁ ଅମ୍ବରନାଥ ରାଜନୀତି ନିରନ୍ତର ଚର୍ଚ୍ଚା ହେଉଛି। ଦିନକ ପୂର୍ବରୁ ୧୦ ଜଣ କାଉନସିଲର କଂଗ୍ରେସଠାରୁ ଅଲଗା ହୋଇ ବିଜେପିରେ ଯୋଗ ଦେଇଥିଲେ। କିନ୍ତୁ ଏବେ ଏକନାଥ ସିନ୍ଦେଙ୍କ ଶିବସେନା ବିଜେପିକୁ ଏକ ବଡ଼ ଝଟକା ଦେଇଛି। ସିନ୍ଦେ ଗୋଷ୍ଠୀର ଶିବସେନା ଏବେ ଅଜିତ ପାୱାରଙ୍କ ରାଷ୍ଟ୍ରବାଦୀ କଂଗ୍ରେସ ପାର୍ଟି (ଏନସିପି) ସହିତ ମେଣ୍ଟ କରି ସରକାର ଗଠନ କରିବାକୁ ପ୍ରସ୍ତୁତ ହେଉଥିବା ଚର୍ଚ୍ଚା ହେଉଛି।

ଆହୁରି ମଧ୍ୟ ଚର୍ଚ୍ଚା ହେଉଛି ଯେ ଶିବସେନା ସାଂସଦ ଶ୍ରୀକାନ୍ତ ସିନ୍ଦେ ଭାଙ୍ଗିଯାଇଥିବା କଂଗ୍ରେସ କାଉନସିଲରଙ୍କ ସହାୟତାରେ ସରକାର ଗଠନ କରିବାର ସ୍ୱପ୍ନ ଦେଖୁଥିବା ବିଜେପିକୁ ଏକ ବଡ଼ ରାଜନୈତିକ ଝଟକା ଦେଇଛନ୍ତି। ୨୭ ଜଣ ଶିବସେନା କାଉନସିଲର ଅମ୍ବରନାଥ ପୌର ପରିଷଦକୁ ନିର୍ବାଚିତ ହୋଇଥିଲେ। ସେମାନଙ୍କୁ ଜଣେ ସ୍ୱାଧୀନ ସହିତ ଅଜିତ ପାୱାରଙ୍କ ରାଷ୍ଟ୍ରବାଦୀ କଂଗ୍ରେସ ପାର୍ଟି (ଏନସିପି)ର ଚାରି ଜଣ କର୍ପୋରେଟରଙ୍କ ସମର୍ଥନ ମିଳିଥିଲା। ଏହା ସରକାର ଗଠନ କରିବାକୁ ଦାବି କରୁଥିବା ୩୨ ଜଣ କାଉନସିଲରଙ୍କ ଏକ ଗୋଷ୍ଠୀ ସୃଷ୍ଟି କରେ।

ଅମ୍ବରନାଥରେ ମୋଟ ୧୬ ଜଣ ବିଜେପି ଏବଂ ୨୭ ଜଣ ଶିବସେନା କାଉନସିଲର ନିର୍ବାଚିତ ହୋଇଥିଲେ। ଶିବସେନାକୁ କ୍ଷମତାରୁ ଦୂରେଇ ରଖିବା ପାଇଁ ବିଜେପି ପ୍ରଥମେ କଂଗ୍ରେସ ସହିତ ଏକ ମେଣ୍ଟ ଗଠନ କରିଥିଲା। ବରିଷ୍ଠ ନେତୃତ୍ୱର ଅସନ୍ତୋଷ ପରେ ବିଜେପି ୧୦ ଜଣ କଂଗ୍ରେସ କର୍ପୋରେଟରଙ୍କୁ ନିଜ ପକ୍ଷରେ ଆଣିଥିଲା। ପରବର୍ତ୍ତୀ ସମୟରେ ଅଜିତ ପାୱାରଙ୍କ ରାଷ୍ଟ୍ରବାଦୀ କଂଗ୍ରେସ ଦଳ ସହିତ ଏକ ମେଣ୍ଟ ଗଠନ କରି ସରକାର ଗଠନ କରିବାକୁ ଦାବି କରିଥିଲା।

ବିଜେପିର ଏହି ରଣନୀତି ଶିବସେନାର ସିନ୍ଦେ ଗୋଷ୍ଠୀ ମଧ୍ୟରେ ଅଶାନ୍ତି ସୃଷ୍ଟି କରିଥିଲା, ଯାହା ସର୍ବାଧିକ ଆସନ ଜିତିଥିଲା। ସାଂସଦ ଶ୍ରୀକାନ୍ତ ସିନ୍ଦେ ତା'ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲେ ଏବଂ ଅଜିତ ପାୱାରଙ୍କ ଏନସିପି ସହିତ ମିଶିଥିଲେ। ସମସ୍ତ ଶିବସେନା କର୍ପୋରେଟର ଥାଣେର ଆନନ୍ଦ ଆଶ୍ରମରେ ଏକାଠି ହୋଇଥିଲେ। ଜିଲ୍ଲା ମାଜିଷ୍ଟ୍ରେଟଙ୍କୁ ଏକ ପତ୍ର ପ୍ରଦାନ କରାଯାଇଥିଲା, ଯେଉଁଥିରେ ମୋଟ ୩୨ ଜଣ କର୍ପୋରେଟରଙ୍କୁ ନେଇ କ୍ଷମତାରେ ରହିବାକୁ ଦାବି କରାଯାଇଥିଲା, ଯେଉଁଥିରେ ଶିବସେନାର ୨୭ ଜଣ, ଏନସିପିର ୪ ଜଣ ଏବଂ ଜଣେ ସ୍ୱାଧୀନ ପ୍ରାର୍ଥୀ ସମର୍ଥନ କରିଥିଲେ।

# ଶିଶୁଭବନ ପରିସରରୁ ଭଙ୍ଗା ଗଲା ଅସୁରକ୍ଷିତ କୋଠା

**କଟକ, ୯।୧ : ଏକ୍ସପ୍ରେସ୍ ନ୍ୟୁଜ୍**

ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ଆଜି ଶିଶୁଭବନ ପରିସରରୁ ଅସୁରକ୍ଷିତ କୋଠାଗୁଡ଼ିକୁ ଭଂଗା ଯାଇଛି। ଏହି କ୍ରମରେ ଆଜି ଶିଶୁଭବନ ପରିସରରେ ଥିବା ପ୍ରାୟ ୪ଟି କ୍ୱାର୍ଟରକୁ ସଂପୂର୍ଣ୍ଣ ଭାବେ ଭାଂଗି ଦିଆଯାଇଛି। ମାଜିଷ୍ଟ୍ରେଟ ଓ ପୋଲିସ ଉପସ୍ଥିତିରେ ଏହି କାର୍ଯ୍ୟ ସଂପାଦିତ ହୋଇଥିଲା। ଘଟଣା ସ୍ଥଳରେ ଆର ଆଣ୍ଡ ବି, ଟିପିସିଓଡିଏଲ ଓ ୱାଟକୋର ଅଧିକାରୀମାନେ ଉପସ୍ଥିତ ଥିଲେ।

Printed & Published by Gyanaranjan Behera on behalf of Radhakrushna Publications Pvt. Ltd., Published from Room No.211, 2nd Floor, Block-A, Bharati Tower, Forest Park, Bhubaneswar-751009 & Printed at Ricky Promotors, Plot No.-6709, M.I.E. Rasulgarh, Bhubaneswar-751010, Mob.: 8895483474/9583706460

Editor : Ambika Prasad Das  ସମ୍ପାଦକ : ଅମ୍ବିକା ପ୍ରସାଦ ଦାସ  Chief Editor : Umapada Bose  ମୁଖ୍ୟ ସମ୍ପାଦକ : ଉମାପଦ ବୋଷ